ସନ୍ତ ଶ୍ରୀ ଆଶାରାମଜୀ ଆଶ୍ରମ ଦ୍ୱାରା ପ୍ରକାଶିତ

# ଋଷି ପ୍ରସାଦ

Rishi Prasad

Price: ₹ 10 Language: Odia
Publication Date : 1st May 2020
Year: 13 Issue: 11
(Continuing Issue: 328-29)
Number of pages: 52
(including cover pages)

'ଜିତାତ୍ମା ମହର୍ଷି (ଆତ୍ମବେତ୍ତା ମହାପୁରୁଷଙ୍କ)ର ସେବା କରିବା, ଧର୍ମଶାସ୍ତ୍ରର ସତ୍‌କଥା-ସତ୍‌ସଙ୍ଗ ଶୁଣିବା, ସାତ୍ତ୍ୱିକ, ଧାର୍ମିକ ଓ ଜ୍ଞାନବୃଦ୍ଧଙ୍କ ଦ୍ୱାରା ପ୍ରଶଂସିତ ମହାପୁରୁଷଙ୍କର ସର୍ବଦା ସାନ୍ନିଧ-ଲାଭ ନେବା- ଏହି ପ୍ରକାର ଏସବୁ ମହାମାରୀର ଭୟଙ୍କର କାଳରେ, ଯେଉଁ ମନୁଷ୍ୟମାନଙ୍କର ମୃତ୍ୟୁକାଳ ଅନିଶ୍ଚିତ ଅଟେ ତାଙ୍କ ଆୟୁର ରକ୍ଷାକାରୀ ଔଷଧି କୁହାଯାଇଛି ।'

(ଚରକ ସଂହିତା, ବିମାନ ସ୍ଥାନ : ୩.୧୭-୧୮)



ପୂଜ୍ୟ ସନ୍ତ
ଶ୍ରୀ ଆଶାରାମଜୀ ବାପୁ



ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟାଃ ।
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିଦ୍‌ଦୁଃଖଭାଗ୍‌ଭବେତ୍ ।।

## ଆରୋଗ୍ୟ ବିଶେଷ

କାହିଁକି ହୁଏ ମହାମାରୀ ? ୫
ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ପୂଜ୍ୟ ବାପୁଜୀଙ୍କର ସଶକ୍ତ ଉପାୟ ୪୬
ସଂକ୍ରାମକ ରୋଗରୁ କିପରି ହେବ ସୁରକ୍ଷା ? ୮
ଗ୍ରୀଷ୍ମକାଳୀନ ସମସ୍ୟାରୁ ରକ୍ଷା ପାଇବା ନିମନ୍ତେ ୪୩



"ବାସ୍ତବିକତା ଏହା ଯେ ଆଶାରାମଜୀ ବାପୁଙ୍କୁ ଫସାଇ ଦିଆଯାଇଛି । ଯଦି ଦଣ୍ଡିତ କଏଦୀମାନଙ୍କୁ ସରକାର ଦ୍ୱାରା ମୁକ୍ତ କରାଯାଉଛି ତେବେ ଅନୁଚିତ ଭାବରେ ଦୋଷୀ ସାବ୍ୟସ୍ତ ହୋଇଥିବା ଏବଂ ଶାରୀରିକ ରୂପରେ ଅସୁସ୍ଥ ୮୩ ବର୍ଷୀୟ ସନ୍ତ ଆଶାରାମ ବାପୁଙ୍କୁ ପ୍ରଥମେ କାରାମୁକ୍ତ କରାଯିବା ଉଚିତ ।''

- ପ୍ରସିଦ୍ଧ ନ୍ୟାୟବିଦ୍ ଓ ରାଜ୍ୟସଭା ସାଂସଦ ଶ୍ରୀ ସୁବ୍ରମଣ୍ୟମ ସ୍ୱାମୀ



ପୂଜ୍ୟ ବାପୁଜୀଙ୍କର ବଚନ ଗ୍ରହଣ କରନ୍ତୁ । ବିନାଶକ ଯୋଗରେ ମଧ୍ୟ ଅବିନାଶୀ ପରମାତ୍ମଯୋଗ ପାଆନ୍ତୁ (ସୂର୍ଯ୍ୟପରାଗ : ଜୁନ୍ ୨୧) ୩୫
ଧର୍ମାନ୍ତରଣ ପ୍ରଭାବିତ ଡାଙ୍ଗ କ୍ଷେତ୍ରରେ ହେଲା ୭ଟି ମନ୍ଦିରର ନିର୍ମାଣ ୪୨

# ଧର୍ମ ପାଇଁ କେତେ ସମୟ ଦେବା ଉଚିତ ?



## ପୂଜ୍ୟ ବାପୂଜୀଙ୍କ ସଙ୍ଗେ ପ୍ରଶ୍ନୋତ୍ତରୀ

**ପ୍ରଶ୍ନ : ମହାରାଜଶ୍ରୀ ! ଜୀବନରେ ଧର୍ମ ପାଇଁ କେତେ ସମୟ ଦେବା ଉଚିତ ?**

ପୂଜ୍ୟ ବାପୂଜୀ : ଧର୍ମ କ'ଣ ? ଯାହା ସମଗ୍ର ବ୍ରହ୍ମାଣ୍ଡକୁ ଧାରଣ କରିଛି ଏବଂ ଯାହା ତୁମର ଶରୀରକୁ ଧାରଣ କରିଛି । ତାହା ପାଇଁ କେତେ ସମୟ ଦେବା ଉଚିତ ? ଆରେ ! ମନୁଷ୍ୟ-ଜନ୍ମ ମିଳିଛି ମୁକ୍ତ ହେବା ପାଇଁ ଏବଂ ସେଥିପାଇଁ ସମୟ ନାହିଁ ତେବେ ଆଉ କ'ଣ କରିବା ପାଇଁ ସମୟ ଅଛି, ବନ୍ଧନ ପାଇଁ ସମୟ ଅଛି । ଧର୍ମ ପାଇଁ କିଛି ସମୟ... ଧର୍ମ କୌଣସି ସ୍ନାନାଗାର ଅଟେ କି ଅଳ୍ପ ସମୟରେ ସ୍ନାନ-ଶୌଚ କରି ବାହାରିକୁ ଆସିଯିବେ । ଧର୍ମ ପାଇଁ ଟିକିଏ ସମୟ... ନାହିଁ, ପୂରା ସମୟ ଧର୍ମମୟ ହେଉ । ଭୋଜନ ମଧ୍ୟ ଧର୍ମମୟ ହୋଇଯାଉ, ଭଗବାନଙ୍କୁ ଭୋଗ ଲାଗିବ । ନିଦ୍ରା ମଧ୍ୟ ଧର୍ମମୟ ହୋଇଯାଉ... ଭଗବତ୍ ଚିନ୍ତନ କରି-କରି । ପତି-ପତ୍ନୀର, ପରିବାରର ପାଳନ ମଧ୍ୟ ଭଗବାନଙ୍କ ନିମନ୍ତେ ଧର୍ମମୟ ହୋଇଯାଉ । ଧର୍ମ ପାଇଁ କେତେ ସମୟ ଦେବୁ, ଏହି ପ୍ରଶ୍ନ ହିଁ ଉଚିତ ନୁହେଁ । ଧର୍ମକୁ ଛାଡ଼ି ଯେତେ ସମୟ ତୁମେ ବଞ୍ଚୁଛ, ବାସ୍ତବରେ ସେତେ ସମୟ ତୁମେ ମରୁଛ । ସେତେ ସମୟ ତୁମେ ନିଜର ଶତ୍ରୁ ହେଉଛ । ଧର୍ମକୁ ଛାଡ଼ିଦେଲେ ଅଧର୍ମ ହେବ, ଅଧର୍ମ ହେଲେ ଦୁଃଖ ହେବ । ଯେଉଁଠି-ଯେଉଁଠି ସୁଖ ଅଛି, ଶାନ୍ତି ଅଛି, ଆନନ୍ଦ ଅଛି ତାହା ଧର୍ମର ଫଳ ଏବଂ ଦୁଃଖ ଅଛି, ଉତ୍ତେଜନା ଅଛି, ଅଶାନ୍ତି ଅଛି ତାହା ମୂର୍ଖତା, ଅଜ୍ଞାନ, ମୂଢ଼ତାର ଫଳ । ଦୈନିକ ଜୀବନ ଧର୍ମମୟ ହେବା ହିଁ ବାସ୍ତବରେ ଜୀବନ ହେବ ଏବଂ ଦୈନିକ ଜୀବନକୁ ଧର୍ମଠାରୁ ଅଲଗା କରିଦେଲେ ତାହା ପଶୁ-ଜୀବନ ହୋଇଯିବ । ଏଥିପାଇଁ ଯାହା କିଛି ବି କରୁଛ, ଏହି ଭାବରେ କର :

**ଖାଉଁ ପିଉଁ ସୋ କରୁଁ ପୂଜା, ହରୁଁ ଫରୁଁ ସୋ କରୁଁ ପରିକରମା, ଭାବ ନ ରାଖୁଁ ଦୂଜା ।**

ଭୋଜନ କରୁଛ ତେବେବି 'ଅନ୍ତର୍ଯ୍ୟାମୀ ପରମାତ୍ମା ମୋର ହୃଦୟରେ ବିରାଜମାନ ଅଟନ୍ତି, ତାଙ୍କୁ ମୁଁ ଭୋଜନ କରାଉଛି... ତାଙ୍କୁ ଭୋଗ ଲଗାଉଛି...' ଏହି ଭାବରେ କର । ଭୋଜନ କରୁଛ, ଚଲାବୁଲା କରୁଛ... ଯାହାବି କରୁଛ, ଇଚ୍ଛା-ବାସନାରେ ପ୍ରେରିତ ହୋଇ ନୁହେଁ, କର୍ତ୍ତାଭାବରେ ପ୍ରେରିତ ହୋଇ ନୁହେଁ ବରଂ ଭଗବାନଙ୍କର ପ୍ରସନ୍ନତା ପାଇଁ ଓ ଭଗବଦ୍‌ଭାବରେ ପରିପୂର୍ଣ୍ଣ ହୋଇ କଲେ ତାହା ପ୍ରଭୁର ପୂଜା ହୋଇଯାଏ ।

ସୃଷ୍ଟିର ଆଦିରେ ଈଶ୍ୱର-ସତ୍ତା ଥିଲା, ଏବେ ମଧ୍ୟ ଅଛି ଏବଂ ପରେ ମଧ୍ୟ ରହିବ । ତାହା ସଙ୍ଗେ ତାଳମେଳ କରି ଯାହାବି ଚେଷ୍ଟା କରିବ, ବ୍ୟବହାର କରିବ ସେସବୁ ଧର୍ମ ଅଟେ । ଏହାଦ୍ୱାରା ତୁମେ ତ ଉନ୍ନତ ହେବ, ତୁମ ସମ୍ପର୍କରେ ଆସୁଥିବା ବ୍ୟକ୍ତିକୁ ମଧ୍ୟ ଉନ୍ନତ କରାଇବାରେ ସକ୍ଷମ ହୋଇଯିବ । ମାଳା ଘୂରାଇବା ଅଥବା ମନ୍ଦିରକୁ ଯିବାମାତ୍ରକେ ହିଁ ଭଜନ, ଧର୍ମ ପୂରା ହୋଇଯାଏ ନାହିଁ । ତୁମର ପ୍ରତ୍ୟେକ ବ୍ୟବହାର ତୁମର ବାସ୍ତବିକ ଉନ୍ନତି, ଶାଶ୍ୱତ ଉନ୍ନତିକାରୀ ହେଉ, ଏହାର ନାମ ଧର୍ମ ଅଟେ ।

ବଞ୍ଚିବା ଏକ କଳା ଅଟେ । କଳା ଦୁଇ ମିନିଟ୍ ପାଇଁ କ'ଣ ଶିକ୍ଷା କରାଯାଏ । କଳାକୁ ବ୍ୟବହାରରେ ଆଣିଲେ ହିଁ ତାହାର ଲାଭ ଅଛି । ଏଥିପାଇଁ ଜୀବନର ପୂରା ସମୟ ଧର୍ମମୟ ହେବା ଉଚିତ । ତେଣୁ **ପରମାତ୍ମା-ସତ୍ତା ସଙ୍ଗେ ଏକାକାର ହୋଇ ତାର ଅଧିକରୁ ଅଧିକ ଲାଭ ଉଠାଇବାର ବ୍ୟବସ୍ଥାର ନାମ ହେଉଛି 'ଧର୍ମ' । ଏଥିପାଇଁ ଧର୍ମ ପାଇଁ କିଛି ସମୟ ନୁହେଁ, ପୂରା ସମୟ ଦେବା ଉଚିତ ।**

# ଋଷି ପ୍ରସାଦ


ଓଡ଼ିଆ, ହିନ୍ଦୀ, ମରାଠୀ, ଗୁଜରାଟୀ, ତେଲୁଗୁ, କନ୍ନଡ଼,
ସିନ୍ଧୀ, ସିନ୍ଧୀ (ଦେବନାଗରୀ), ବଙ୍ଗଳା ଏବଂ ଇଂରାଜୀ ଭାଷାରେ

**Year- 13** **Issue-11**
**Language- Odia** ନିରନ୍ତର ଅଙ୍କ : 328-329
**1st April-May- 2020** **Price- 6-00**
ଚୈତ୍ର-ବୈଶାଖ-ଜ୍ୟେଷ୍ଠ ବି.ସଂ. 2077

**Owner :** Sant Shri Asharamji Ashram
**Publisher :** Dharmesh Jagram Singh Chauhan
**Printer :** Raghvendra Subhashchandra Gada
**Place of Publication :** Sant Shri Asharamji Ashram, Motera, Sant Shri Asharamji Bapu Ashram Marg, Sabarmati, Ahmedabad- 380005 ( Gujarat).
**Printed At :** Hariom Manufacturers, Kunja Matralion, Paonta Sahib, Sirmour (H.P.)-173025.
**Editor** : Srinivas R. Kulkarni
**Co-Editors** : Dr. P.K. Makwana


### ସଦସ୍ୟତା ଶୁଳ୍କ (ଡାକଖର୍ଚ୍ଚ ସହିତ)

**ଭାରତରେ**

| | | |
|---|---|---|
| ୧) ବାର୍ଷିକ | : | ₹ 60 |
| ୨) ଦ୍ୱିବାର୍ଷିକ | : | ₹ 100 |
| ୩) ପଞ୍ଚବାର୍ଷିକ | : | ₹ 225 |
| ୪) ଆଜୀବନ | : | ₹ 500 |

**ନେପାଳ, ଭୁଟାନ ଓ ପାକିସ୍ତାନରେ (ସମସ୍ତ ଭାଷାରେ)**

**ଅନ୍ୟ ଦେଶମାନଙ୍କରେ**

| | | |
|---|---|---|
| ୧) ବାର୍ଷିକ | : | US $ 20 |
| ୨) ଦ୍ୱିବାର୍ଷିକ | : | US $ 40 |
| ୩) ପଞ୍ଚବାର୍ଷିକ | : | US $ 80 |

**ଇଂରାଜୀ**

| | | |
|---|---|---|
| ୧) ବାର୍ଷିକ | : | ₹70 |
| ୨) ଦ୍ୱିବାର୍ଷିକ | : | ₹ 135 |
| ୩) ପଞ୍ଚବାର୍ଷିକ | : | ₹325 |

| | | |
|---|---|---|
| ୧) ବାର୍ଷିକ | : | US $ 20 |
| ୨) ଦ୍ୱିବାର୍ଷିକ | : | US $ 40 |
| ୩) ପଞ୍ଚବାର୍ଷିକ | : | US $ 80 |


ଯୋଗାଯୋଗ ଠିକଣା :
'ଋଷି ପ୍ରସାଦ', ସନ୍ତ ଶ୍ରୀ ଆଶାରାମଜୀ ଆଶ୍ରମ,
ସନ୍ତ ଶ୍ରୀ ଆଶାରାମଜୀ ବାପୁ ଆଶ୍ରମ ମାର୍ଗ, ସାବରମତୀ,
ଅହମଦାବାଦ-୩୮୦୦୦୫ (ଗୁଜରାଟ)।
ଫୋନ୍ : (୦୭୯) ୨୭୫୦୫୦୧୦-୧୧,
କେବଳ 'ଋଷି ପ୍ରସାଦ' ସମ୍ବନ୍ଧୀୟ ସୂଚନା ବିନିମୟ :

E-mail: ashramindia@ashram.org
websites: www.rishiprasad.org www. ashram.org


## ଅନୁକ୍ରମଣିକା


❖ ଜୀବନ ପଥପଦର୍ଶନ ✲ ଏହା କଲେ ସବୁ ସମସ୍ୟା ପଳାୟନ କରିବ ! ୪
❖ କାହିଁକି ହୁଏ ମହାମାରୀ ? - ପ୍ରୀତେଶ ପାଟିଲ ଓ ରବିଶ ରାୟ ୫
❖ ସଂକ୍ରାମକ ରୋଗରୁ କିପରି ହେବ ସୁରକ୍ଷା ? ୮
❖ ଭଗବାନ ବଡ଼ ନା ଭଗବାନଙ୍କର ନାମ ବଡ଼ ୧୧
❖ ପରମାତ୍ମପ୍ରାପ୍ତିରେବାଧକ ଅସୁର ଓ ସେମାନଙ୍କୁ ମାରିବାର ଉପାୟ ୧୨
❖ ପୂଜ୍ୟ ବାପୁଜୀଙ୍କର ଜୀବନ-ପ୍ରସଙ୍ଗ ୧୪
✲ ଏପରି ସର୍ବାନ୍ତର୍ଯ୍ୟାମୀ, କରୁଣାନିଧାନ ସଦ୍‌ଗୁରୁଙ୍କର କିପରି ବର୍ଣ୍ଣନା କରିବି !
❖ ଯୋଗ-ବେଦାନ୍ତ-ସେବା ✲ କର୍ତ୍ତବ୍ୟନିଷ୍ଠ ଓ ନିର୍ଭୟ ହେବାର ଚାରି ସୋପାନ ୧୬
❖ ବିଦ୍ୟାର୍ଥୀ ସଂସ୍କାର ✲ ...ହୋଇପାରିବ ନିଜର ୨୧ ପିଢ଼ିର ଉଦ୍ଧାରକ ୧୮
❖ ତେଜସ୍ୱୀ ଯୁବା ✲ ସନ୍ଥଙ୍କର ଏକ ବଚନ ମିଳିଲା, ସଂଯମରେ ଜୀବନ... ୨୦
✲ ...ତାଙ୍କୁ ଭବିଷ୍ୟତର ଚିନ୍ତା ହେବା ଅସମ୍ଭବ
❖ ମହିଳା ଉତ୍ଥାନ ✲ ପିତାଙ୍କୁ ଖୋଜିବାକୁ ଗଲା, ପରମ ପିତାଙ୍କୁ ପାଇଲା ୨୧
❖ ଏକାଦଶୀ ମାହାତ୍ମ୍ୟ ✲ ଏକାଦଶୀରେ ଅନ୍ନ ସେବନ ବର୍ଜିତ କାହିଁକି ? ୨୨
❖ ତତ୍ତ୍ୱ ଦର୍ଶନ ✲ ପଞ୍ଚମହାଭୂତଙ୍କର ତନ୍ମାତ୍ରର ରଚନା ଓ ସମାନଙ୍କର କାର୍ଯ୍ୟ ୨୩
❖ ସତ୍‌ସଙ୍ଗର ଏପରି ଜ୍ଞାନରୁ ହୁଏ ନିଶ୍ଚିନ୍ତ ଓ ନିର୍ଦ୍ଦୁଃଖ ଜୀବନ ୨୪
❖ ବ୍ରହ୍ମବେତ୍ତା ମହାପୁରୁଷଙ୍କର ଶରଣରୁ ହୁଏ ସହଜରେ ଦୁଃଖ-ନିବାରଣ ୨୫
❖ ସନ୍ଥଙ୍କର ହିତଭରା ଅନୁଭବ-ବାଣୀ ୨୬
❖ ସଦ୍‌ବିଦ୍ୟାଯୁକ୍ତ ପୁରୁଷର ଲକ୍ଷଣ... - ସମର୍ଥ ରାମଦାସ ୨୭
❖ ଶାସ୍ତ୍ର ଦର୍ପଣ ✲ ନିଜର ସ୍ୱରୂପକୁ ନିର୍ବିକଳ୍ପ-ନିର୍ବିକାର ଜାଣ ୨୮
❖ ... ତେବେ ୩୩ କୋଟି ଦେବତା ମଧ୍ୟ ତା ଆଗରେ ହେବେ ନତମସ୍ତକ ୨୯
❖ ମହାମାରୀ ଏତେ ମାରି ନାହିଁ ତ କିଏ ମାରିଛି ? ୩୧
❖ ଗୀତା ଅମୃତ ✲ ତାଙ୍କର ଯୋଗକ୍ଷେମ ସର୍ବେଶ୍ୱର ସ୍ୱୟଂ ବହନ କରନ୍ତି ୩୨
❖ ପ୍ରାର୍ଥନା ପ୍ରବାହ ୩୪
✲ ଇସ ବିଧି ଦର୍ଶନ ସେ ବଞ୍ଚିତ ହୋ କବ ତକ ଦିବସ ବିତାଉଙ୍ଗୀ... - ସନ୍ଥ ପଥିକ
❖ ପୂଜ୍ୟ ବାପୁଜୀଙ୍କର ବଚନ ଗ୍ରହଣ କରନ୍ତୁ
ବିନାଶକ ଯୋଗରେ ମଧ୍ୟ ଅବିନାଶୀ ପରମାତ୍ମଯୋଗ ପାଆନ୍ତୁ ୩୫
❖ ନିତ୍ୟ ଉପାସନାର ଆବଶ୍ୟକତା କାହିଁକି ? ୩୮
❖ ବଞ୍ଚିବାର କଳା ✲ ଧ୍ୟାନ ଓ ଜପ ପରସ୍ପରର ପରିପୋଷକ ୪୦
❖ ଭକ୍ତଙ୍କର ଅନୁଭବ ✲ ଏସବୁ ଗୁରୁକୃପାର ହିଁ ଚମତ୍କାର - ସୁମନ ୪୧
❖ ଧର୍ମାନ୍ତରଣ-ପ୍ରଭାବିତ ତାଙ୍କ କ୍ଷେତ୍ରରେ ହେଲା ୭ଟି ମନ୍ଦିରର ନିର୍ମାଣ ୪୨
❖ ଶରୀର ସ୍ୱାସ୍ଥ୍ୟ ✲ ଗ୍ରୀଷ୍ମକାଳୀନ ସମସ୍ୟା ଓ ଗର୍ମୀରୁ ବଞ୍ଚିବା ପାଇଁ ବିଶେଷ ୪୩
✲ ଗ୍ରୀଷ୍ମଜନ୍ୟ ସ୍ୱାସ୍ଥ୍ୟ-ସମସ୍ୟାରେ ଲାଭକାରୀ ଉପାଦ
✲ ରୋଗପ୍ରତିରୋଧକ ଶକ୍ତି (Immunity) ବୃଦ୍ଧି ନିମନ୍ତେ ପୂଜ୍ୟ ବାପୁଜୀଙ୍କ ଦ୍ୱାରା କଥିତ ସଶକ୍ତ ଉପାୟ
❖ ଅନୁପମ ଯୁକ୍ତି ✲ ମହାମାରୀ, ରୋଗ ଓ ଦୁଃଖ ଶମନ ହେତୁ ମନ୍ତ୍ର ୪୮
✲ ବିଦ୍ୟାଲାଭ ଓ ଅଦ୍ଭୁତ ବିଦ୍‌ଵତ୍ତାର ପ୍ରାପ୍ତିର ଉପାୟ
✲ କରଜ-ନିବାରକ ଉପାୟ ✲ ସଙ୍କଟନାଶକ ମନ୍ତ୍ରରାଜ
✲ ତେବେ କଳ୍ପନାତୀତ ମେଧାଶକ୍ତି ବଢ଼ିବ ✲ ସୁସ୍ଥ ବିଚାର କର, ସୁସ୍ଥ ରୁହ
❖ ପରିପ୍ରଶ୍ନେନ... ୫୦



◆ ବିଭିନ୍ନ ଟି.ଭି. ଚ୍ୟାନେଲ୍‌ଜରେ ପୂଜ୍ୟ ବାପୁଜୀଙ୍କ ସତ୍‌ସଙ୍ଗ ◆

DIGIANA DIVYA JYOTI
ରାତ୍ରି ୧୦ଟାରେ

TAKE 1 PRARTHANA
ସକାଳ ୭ଟା
ଓ ରାତ୍ରି ୯ଟା

मंगलमय
ଆଶ୍ରମ ଇଣ୍ଟରନେଟ୍ ଟିଭି ୨୪ ଘଣ୍ଟା ପ୍ରସାରଣ

ଜୀବନ୍ତ ପ୍ରସାରଣ ସମୟରେ ନିତ୍ୟ କାର୍ଯ୍ୟକ୍ରମ ପ୍ରସାରିତ ହୁଏ ନାହିଁ । ଇଣ୍ଟରନେଟ୍‌ରେ www.ashram.org/live ଲିଙ୍କରେ ଆଶ୍ରମ ଇଣ୍ଟରନେଟ୍ ଉପଲବ୍ଧ ।

# ଏହା କଲେ ସବୁ ସମସ୍ୟା ପଳାୟନ କରିବ !

- ପୂଜ୍ୟ ବାପୁଜୀ

ଗୋଟିଏ ହେଉଛି ସତ୍-ବସ୍ତୁ, ଅନ୍ୟଟି ମିଥ୍ୟା ବସ୍ତୁ । ମନର ଯେଉଁ କଳ୍ପନା, ଯେଉଁ ସ୍ଫୁରଣା ଅଛି ତାହା ହେଉଛି ମିଥ୍ୟା ବସ୍ତୁ । 'ଏହା କରିବି ତେବେ ସୁଖୀ ହେବି', 'ଏହା ପାଇବି ତେବେ ସୁଖୀ ହେବି', 'ଏଠାକୁ ଯିବି ତେବେ ସୁଖୀ ହେବି'... ଏସବୁ ବସ୍ତୁରେ ଛନ୍ଦି ହୋଇ ହୋଇ ହିଁ ତୁମେ ନିଜର ଜୀବନକୁ ଖଣ୍ଡ-ଖଣ୍ଡ କରି ଦେଉଛ ।

ସତ୍-ବସ୍ତୁର ତାତ୍ପର୍ଯ୍ୟ ହେଉଛି ନିଜର ଆତ୍ମା-ପରମାତ୍ମା । ସତ୍ସଙ୍ଗ ଦ୍ୱାରା ସତ୍ତ୍ୱଗୁଣ ବଢ଼ାଇ ଆମେ ନିଜର ସେହି ସତ୍ୟସ୍ୱରୂପକୁ ପାଇବା । ଦୁଇଟି ବସ୍ତୁ ଅଛି : ଗୋଟିଏ ହେଉଛି ନିତ୍ୟ, ଅନ୍ୟଟି ମିଥ୍ୟା । ବୁଦ୍ଧିମାନ ବ୍ୟକ୍ତି ସେ ହିଁ ଅଟେ ଯିଏ ମିଥ୍ୟା ବସ୍ତୁ ପରିବର୍ତ୍ତେ ନିତ୍ୟ ବସ୍ତୁକୁ ପସନ୍ଦ କରେ, ସତ୍-ବସ୍ତୁକୁ ପସନ୍ଦ କରେ । ବାସ୍ତବରେ ସତ୍-ବସ୍ତୁ ତ ଏକ ହିଁ ଅଟେ ଏବଂ ତାହା ହେଉଛି ପରମାତ୍ମା । ଆଉ ତାକୁ ପରମାତ୍ମା କୁହ କିମ୍ବା ଆତ୍ମା, ବ୍ରହ୍ମ କୁହ କିମ୍ବା ଈଶ୍ୱର, ରାମ କୁହ କିମ୍ବା ଶିବ... ସବୁ ତତ୍ତ୍ୱରୂପରେ ଏକ ହିଁ ଅଟେ ।




ମାନବ ଯାହା ନିତ୍ୟ ତାର ପ୍ରାପ୍ତିର ଯତ୍ନ କରିବା ଉଚିତ ଏବଂ ଯାହା ମିଥ୍ୟା ତାର ଉପଯୋଗ କରିବା ଉଚିତ କିନ୍ତୁ ତୁମେ କରୁଛ କ'ଣ ? ଯାହା ନିତ୍ୟ ତାହା ପ୍ରତି ଧ୍ୟାନ ଦେଉ ନାହଁ ଏବଂ ମିଥ୍ୟାର ପ୍ରାପ୍ତିରେ ହିଁ ନିଜର ପୂରା ଜୀବନ ନଷ୍ଟ କରିଦେଉଛ । ଯେଉଁ ବସ୍ତୁ ମିଳୁଛି ତାହା ପୂର୍ବରୁ ଆମ ନିକଟରେ ନଥିଲା ସେଥିପାଇଁ ତ ମିଳୁଛି ଏବଂ ପରେ ମଧ୍ୟ ତାହା ଆମ ପାଖରୁ ଚାଲିଯାଏ କାରଣ ତାହା ମିଥ୍ୟା । ଯାହା ପୂର୍ବରୁ ନଥିଲା ତାହା ମିଳିଛି ଏବଂ ଯାହା ମିଳିଛି ତାକୁ ଛାଡ଼ିବାକୁ ହିଁ ପଡ଼ିବ କିନ୍ତୁ ପରମାତ୍ମା ମିଳେ ନାହିଁ ଏଥିପାଇଁ ତାହା ମଧ୍ୟ ଚାଲିଯାଏ ନାହିଁ, ତାହା ସର୍ବଦା ପ୍ରାପ୍ତ ଅଟେ ।

ଏପରି କୌଣସି ମିଳିଥିବା ବସ୍ତୁ ନାହିଁ ଯାହାକୁ ତୁମେ ସର୍ବଦା ରଖିପାରିବ । ତୁମକୁ ଯେଉଁ ବସ୍ତୁ ମିଳିଛି, ମିଳିବା ପୂର୍ବରୁ ତାହା ତୁମ ନିକଟରେ ନଥିଲା, ସେଥିପାଇଁ ତ ମିଳିଛି । ଏଣୁ ଯେଉଁ ବସ୍ତୁ ତୁମକୁ ମିଳିଛି ତାହା ତୁମର ନୁହେଁ ଏବଂ ଯାହା ତୁମର ନୁହେଁ ତାହା ତୁମ ନିକଟରେ ସବୁ ଦିନ ପାଇଁ ମଧ୍ୟ ରହିପାରିବ ନାହିଁ । ସମୟକ୍ରମେ ତୁମକୁ ତାହା ଛାଡ଼ିବାକୁ ହିଁ ପଡ଼ିବ ଅଥବା ସେହି ବସ୍ତୁ ହିଁ ତୁମକୁ ଛାଡ଼ି ଚାଲିଯିବ । ତାହା ତୁମର ଚାକିରି ହେଉ, ଘର ହେଉ, ପରିବାର ହେଉ, ପତି ହେଉ, ପତ୍ନୀ ହେଉ ଅଥବା ତୁମର ନିଜର ଶରୀର ହିଁ ହୋଇଥାଉ... ଶରୀର ମଧ୍ୟ ତୁମକୁ ମିଳିଛି ଏଣୁ ଶରୀରକୁ ମଧ୍ୟ ଛାଡ଼ିବାକୁ ପଡ଼ିବ ।

ବାଲ୍ୟକାଳ ମିଳିଥିଲା, ଚାଲିଗଲା । ଯୌବନ ତୁମକୁ ମିଳିଛି, ଚାଲିଯିବ । ବାର୍ଦ୍ଧକ୍ୟ ତୁମକୁ ମିଳିବ, ତାହା ମଧ୍ୟ ଚାଲିଯିବ । ମୃତ୍ୟୁ ମଧ୍ୟ ଆସି ଚାଲିଯିବ କିନ୍ତୁ ତୁମଠାରେ ମିଳନ ଓ ବିଚ୍ଛେଦ ନାହିଁ କାରଣ ତୁମେ ଶାଶ୍ୱତ ଅଟ । ଯେଉଁସବୁ ବସ୍ତୁ ତୁମକୁ ମିଳିଛି ତାକୁ ତୁମେ ସର୍ବଦା ରଖିପାରିବ ନାହିଁ ଏବଂ ନିଜ ଆତ୍ମସ୍ୱରୂପକୁ ତୁମେ ଛାଡ଼ିପାରିବ ନାହିଁ, କେଡେ ସନାତନ ସତ୍ୟ ! ଲୋକ କହନ୍ତି ଯେ ସଂସାରକୁ ଛାଡ଼ିବା କଠିନ କିନ୍ତୁ ସନ୍ଥ କହନ୍ତି, ସନ୍ଥଙ୍କର ଅନୁଭବ ହେଉଛି ସଂସାରକୁ ସର୍ବଦା ରଖିବା ଅସମ୍ଭବ ଏବଂ ପରମାତ୍ମାକୁ ଛାଡ଼ିବା ଅସମ୍ଭବ । ଈଶ୍ୱରଙ୍କୁ ତୁମେ ଛାଡ଼ିପାରିବ ନାହିଁ ଏବଂ ସଂସାରକୁ ତୁମେ ରଖିପାରିବ ନାହିଁ ।

ବାଲ୍ୟକାଳକୁ ଛାଡ଼ିବାକୁ କ'ଣ ତୁମେ ପରିଶ୍ରମ କରିଥିଲ ? ନାହିଁ ! ଚାଲିଗଲା । ଯୌବନକୁ କ'ଣ ଛାଡ଼ିବାକୁ ଚାହୁଁଛ ? ସ୍ୱତଃ ଚାଲିଯାଉଛି । ବାର୍ଦ୍ଧକ୍ୟକୁ କ'ଣ ତୁମେ ଛାଡ଼ିବାକୁ ଚାହୁଁଛ ? ଆରେ, ତୁମେ ରଖିବାକୁ ଚାହିଁଲେ ମଧ୍ୟ ଚାଲିଯିବ । ଏହିପରି ନିନ୍ଦା ଛାଡ଼ିବି... ସ୍ତୁତି ଛାଡ଼ିବି... ମାନ ଛାଡ଼ିବି... ଅପମାନ ଛାଡ଼ିବି... ନାହିଁ, ସବୁ ସ୍ୱତଃ ଚାଲିଯାଉଛି ।

ଏକ ବର୍ଷ ପୂର୍ବରୁ ତୁମର ଯେଉଁ ନିନ୍ଦା-ସ୍ତୁତି ହୋଇଥିଲା ତାର ଦୁଃଖ କିମ୍ବା ସୁଖ ଆଜି କ'ଣ ତୁମକୁ ହେଉଛି ? ନାହିଁ, ପୁରୁଣା ହୋଇଗଲା । ପ୍ରଥମ ଦିନ ଯେଉଁ ନିନ୍ଦା ହୋଇଥିଲା ତାହା ବଡ଼ ଭୟାନକ ଲାଗିଥିବ, ଯେଉଁ ସ୍ତୁତି ହୋଇଥିଲା ତାହା ମଧୁର ଲାଗିଥିବ କିନ୍ତୁ ଆଜି ଦେଖିବ ତ ସେସବୁ ପୁରୁଣା, ତୁଚ୍ଛ ହୋଇଗଲା । ସଂସାରର ଏପରି କୌଣସି ପରିସ୍ଥିତି ନାହିଁ ଯାହାକୁ ତୁମେ ରଖିପାରିବ । ତୁମକୁ ଛାଡ଼ିବାକୁ ପଡ଼ି ନାହିଁ ଭାଇ ! ସବୁ ଚାଲିଯାଉଛି । ଯାହାକୁ ତୁମେ କେବେ ଛାଡ଼ିପାରିବ ନାହିଁ ତାହା ହେଉଛି ସତ୍-ବସ୍ତୁ ଏବଂ ଯାହାକୁ ତୁମେ ସର୍ବଦା ରଖିପାରିବ ନାହିଁ ତାହା ହେଉଛି ମିଥ୍ୟା ବସ୍ତୁ । ଏଣୁ ମିଥ୍ୟାର ଉପଯୋଗ କର ଏବଂ ସତ୍‌ର ସାକ୍ଷାତ୍କାର କରିନିଅ । ସତ୍‌ସଙ୍ଗ ଏହା ହିଁ ଶିକ୍ଷା ଦିଏ ।

ଦୁଇଟି ବସ୍ତୁ ଦେଖାଯାଉଛି : ଗୋଟିଏ ତାହା ଯାହା ପ୍ରବାହିତ ହେଉଛି ଏବଂ ଅନ୍ୟଟି ତାହା ଯାହା ସର୍ବଦା ରହୁଛି । ପ୍ରବାହମାନ ବସ୍ତୁ ହେଉଛି ସଂସାର ଏବଂ ରହୁଥିବା ବସ୍ତୁ ପରମାତ୍ମା । ପ୍ରବାହିତ ବସ୍ତୁର ପ୍ରବାହର ମଜା ନିଅ ଏବଂ ରହୁଥିବା ବସ୍ତୁର ସାକ୍ଷାତ୍କାର କରି ରହିବାର ମଜା ନିଅ ତେବେ ସର୍ବଦା ମଜାରେ ହିଁ ରହିବ । ବ୍ୟକ୍ତି ସେତେବେଳେ ଦୁଃଖୀ ହୁଏ ଯେତେବେଳେ ପ୍ରବାହିତ ବସ୍ତୁକୁ ରଖିବାକୁ ଚାହେଁ ଏବଂ ରହୁଥିବା ବସ୍ତୁଠାରୁ ମୁହଁ ମୋଡ଼ିନିଏ ।

ଯେଉଁ ଯେଉଁ ସମୟରେ ଦୁଃଖ ଓ ସମସ୍ୟାରେ ବ୍ୟକ୍ତି ଆକ୍ରାନ୍ତ ହୁଏ ସେହି-ସେହି ସମୟରେ ଜାଣ ଯେ ପ୍ରବାହମାନ ମିଥ୍ୟା ଜଗତର ଆସକ୍ତି ତାକୁ ସମସ୍ୟାରେ ପକାଉଛି ଏବଂ ରହୁଥିବା ଆତ୍ମା ବିଷୟକ ଜ୍ଞାନ ତାର ନାହିଁ, ତାର ପ୍ରୀତି ନାହିଁ ଏଥିପାଇଁ ସେ ସମସ୍ୟାରେ ପଡ଼ିଛି । ଯେତେବେଳେ ମଧ୍ୟ ସମସ୍ୟା ଆସୁଛି... ଦୁଃଖ, ଚିନ୍ତା, ଶୋକ, ଭୟ- ଏ ସମସ୍ତ ପ୍ରକାରର ଯେଉଁ ସମସ୍ୟା ଅଛି, ଏସବୁ ସମସ୍ୟାର ଏକ ମାତ୍ର ଚିକିତ୍ସା ହେଉଛି ପ୍ରବାହମାନ ବସ୍ତୁକୁ ବହୁଥିବା ମାନିବା ଏବଂ ରହୁଥିବା ଆତ୍ମାରେ ପ୍ରୀତି କରିବା ତେବେ ସବୁ ସମସ୍ୟା ପଳାୟନ କରିବ ।

## କାହିଁକି ହୁଏ ମହାମାରୀ ?

ଆୟୁର୍ବେଦର ଗ୍ରନ୍ଥ ଚରକ ସଂହିତା (ବିମାନ ସ୍ଥାନ : ୩.୬) ଅନୁସାରେ ଏକ ସମୟରେ, ସମାନ ଲକ୍ଷଣଯୁକ୍ତ ତଥା ଅନେକ ଲୋକଙ୍କର ବିନାଶକାରୀ ରୋଗର ଉଦୟ ବାୟୁ, ଜଳ, ଦେଶ (ସ୍ଥାନ) ଓ କାଳ ବିକୃତ ହେବାରୁ ହୁଏ ।

(୧) ବିକୃତ ବାୟୁ : ଋତୁ-ବିପରୀତ ପ୍ରବାହିତ, ଅତି ନିଶ୍ଚଳ କିମ୍ବା ବେଗଶାଳୀ, ଅତି ଶୀତ କିମ୍ବା ଉଷ୍ଣ, ଅତ୍ୟନ୍ତ ରୁକ୍ଷ ତଥା ମଳିନ ଗନ୍ଧ, ବାଷ୍ପ, ବାଲି, ଧୂଳି ଓ ଧୂଆଁରେ ଦୂଷିତ ବାୟୁକୁ ରୋଗକାରୀ ଜାଣ ।

ସମ୍ପ୍ରତି କ୍ରମବର୍ଦ୍ଧିଷ୍ଣୁ ବାୟୁ-ବିକୃତି ଅନେକ ପ୍ରକାର ରୋଗକୁ ଜନ୍ମ ଦେଉଛି । ମାର୍ଚ୍ଚ ୨୦୨୦ରେ ଅନ୍ତର୍ରାଷ୍ଟ୍ରୀୟ ଜର୍ଣ୍ଣଲ 'କାର୍ଡ଼ିୟୋଭାସ୍କୁଲର୍ ରିସର୍ଚ୍ଚ'ରେ ପ୍ରକାଶିତ ଅନୁସନ୍ଧାନ ଅନୁସାରେ 'ପ୍ରତିବର୍ଷ ୮୮ ଲକ୍ଷ ଲୋକ ବାୟୁ-ପ୍ରଦୂଷଣରୁ ମୃତ୍ୟୁବରଣ କରୁଛନ୍ତି ।' 'ଡକ୍ଟର୍ସ ଫର କ୍ଲିନ୍ ଏୟର୍' ସମୂହ କହିଛି ଯେ 'ଦୀର୍ଘ ସମୟ ଧରି ପ୍ରଦୂଷିତ ବାୟୁ ବାତାବରଣରେ ରହିବା ଦ୍ୱାରା ଅଙ୍ଗର ପୂର୍ଣ୍ଣରୂପରେ କାର୍ଯ୍ୟ କରିବାର କ୍ଷମତା ହ୍ରାସ ହୁଏ ଏବଂ ସଂକ୍ରମିତ ହେବା ଓ ରୋଗରେ କବଳିତ ହେବାର ସମ୍ଭାବନା ବଢ଼େ । ମହାମାରୀ ପରିପ୍ରେକ୍ଷୀରେ ଏପରି ଲୋକମାନଙ୍କୁ ଗମ୍ଭୀର ଜଟିଳତାର ସମ୍ମୁଖୀନ ହେବାକୁ ପଡ଼ିପାରେ ।'

(୨) ବିକୃତ ଜଳ : ଯାହା ଅତ୍ୟନ୍ତ ବିକୃତ ଗନ୍ଧ ଓ ବିକୃତ ବର୍ଣ୍ଣଯୁକ୍ତ, ପିଇବାରେ ସ୍ୱାଦିଷ୍ଟ ନୁହେଁ- ଅପ୍ରିୟ ଅଟେ, ତାକୁ ଦୂଷିତ ଜଳ ଜାଣ ।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁସାରେ ଦୂଷିତ ପାଣି ଦ୍ୱାରା ଅତିସାର, ହଇଜା, ନାଳ-ରକ୍ତ ଝାଡ଼ା, ଟାଇଫଏଡ୍ ଓ ପୋଲିଓ ପରି ରୋଗ ବ୍ୟାପିପାରେ ।

(୩) ବିକୃତ ଦେଶ : ଯେଉଁ ଦେଶ (ସ୍ଥାନ, କ୍ଷେତ୍ର କିମ୍ବା ରାଷ୍ଟ୍ର)ର ସ୍ୱାଭାବିକ ବର୍ଣ୍ଣ, ଗନ୍ଧ, ରସ, ସ୍ପର୍ଶ ବିକୃତ ହୋଇଯାଇଛି, ଯେଉଁଠାରେ ଧର୍ମ, ସତ୍ୟ, ଲଜ୍ଜା, ସଦାଚାର, ସୁସ୍ୱଭାବ ଓ ସଦ୍‌ଗୁଣକୁ ତ୍ୟାଗ କରାଯାଇଛି ଏବଂ ନଷ୍ଟ ହୋଇଯାଇଛି ସେସବୁ ଦୂଷିତ ଅଟନ୍ତି ଏପରି ଜାଣ ।

ଭାରତ ଏକ କୃଷି-ଦେଶ ସହିତ ଏକ ଋଷି-ଦେଶ ମଧ୍ୟ । 'ଭା... ରତ' ଅର୍ଥାତ୍ ସେହି ଦେଶ ଯାହାର ବାସିନ୍ଦାଙ୍କର ମୂଳ ସ୍ୱଭାବ- 'ଭା' ଅର୍ଥାତ୍ 'ଜ୍ଞାନ'ରେ 'ରତ' ରହିବା । ବ୍ରହ୍ମତତ୍ତ୍ୱର ଅନୁଭବୀ ସନ୍ଥ-ମହାପୁରୁଷଙ୍କର ଆଦର-ସମ୍ମାନ କରି ସେମାନଙ୍କଠାରୁ ବ୍ରହ୍ମବିଦ୍ୟା ପ୍ରାପ୍ତ କରି, ଆଚାର-ବିଚାରର ସଠିକ ପଦ୍ଧତି ଜାଣି ତଦନୁସାରେ ଜୀବନଯାପନ କରି ଜୀବନକୁ ଦିବ୍ୟ କରିବା ଏଠାକାର ଲୋକମାନଙ୍କର ସ୍ୱାଭାବିକ ଧର୍ମ, ସଦ୍‌ଗୁଣ ଅଟେ, ଏଠାକାର ସଂସ୍କୃତି ଅଟେ କିନ୍ତୁ ଏହି ପୁଣ୍ୟାତ୍ମା ନିଜର ସେହି ମହାନ୍ ସ୍ୱଭାବକୁ ଭୁଲି ଯାଉଥିଲେ, ଯାହାଦ୍ୱାରା ନିଜ ସଂସ୍କୃତିରୁ ବିମୁଖ ହୋଇ ବିଦେଶୀ ସଂସ୍କୃତିର ଅନୁସରଣ କରି ବିକୃତିର ଶିକାର ହେବାରେ ଲାଗିଥିଲେ । ତାଙ୍କର କେଉଁ ପ୍ରକାର ଜାଗୃତି ହେଉଥିଲା ଏହା ବତାଇ ପୂର୍ବ ପ୍ରଧାନମନ୍ତ୍ରୀ ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ କହିଥିଲେ : ''ପୂଜ୍ୟ ବାପୁଜୀ ସମଗ୍ର ଦେଶରେ ଭ୍ରମଣ କରି ଜାଗରଣର ଶଙ୍ଖନାଦ କରୁଛନ୍ତି, ସଂସ୍କାର ଦେଉଛନ୍ତି । ଆମର ଯେଉଁ ପ୍ରାଚୀନ ସାଂସ୍କୃତିକ ସମ୍ପତ୍ତି ଥିଲା ଏବଂ ଯାହାକୁ ଆମେ ପ୍ରାୟ ଭୁଲିବାର ପାପ କରି ବସିଥିଲୁ, ବାପୁଜୀ ଆମ ନେତ୍ରରେ ଜ୍ଞାନାଞ୍ଜନ ଲଗାଇ ତାକୁ ପୁଣି ଆମ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି । ବାପୁଜୀଙ୍କର ପ୍ରବଚନ ଶୁଣି ଖୁବ୍ ବଳ ମିଳୁଛି ।''

ଭାରତରତ୍ନ ଅଟଳଜୀ ଆମକୁ ଆମ ପ୍ରାଚୀନ ସାଂସ୍କୃତିକ ସମ୍ପତ୍ତିକୁ ପୁଣି ପ୍ରାପ୍ତ କରିବା ପାଇଁ ପୂଜ୍ୟ ବାପୁଜୀଙ୍କର ସତ୍‌ସଙ୍ଗ-ସାନ୍ନିଧ ଓ ଦିବ୍ୟ ଜ୍ଞାନର ସଂସ୍କାରର ଆବଶ୍ୟକତା ବତାଉଛନ୍ତି ।

(୪) ବିକୃତ କାଳ : ଋତୁ ସ୍ୱାଭାବିକ ଲକ୍ଷଣଠାରୁ ବିପରୀତ କିମ୍ବା କମ୍-ଅଧିକ ଲକ୍ଷଣଯୁକ୍ତ କାଳ ଅସ୍ୱାସ୍ଥ୍ୟକର (ଅହିତକର) ଜାଣ ।

ଋତୁ-ବିପରୀତ ବର୍ଷା, ଗର୍ମୀ, ସର୍ଦ୍ଦି କାରଣରୁ ବିଶେଷ ରୋଗ ହୁଅନ୍ତି । ଋତୁମାନଙ୍କର କାଳଖଣ୍ଡ ନିଜର ସ୍ୱାଭାବିକ ସମୟରୁ କମ୍-ଅଧିକ ହେବା ଦ୍ୱାରା ମଧ୍ୟ ରୋଗ ବ୍ୟାପକ ହୋଇଯାନ୍ତି । ଅତ୍ୟଧିକ ବୃକ୍ଷ କଟାଯିବା କାରଣରୁ ବର୍ଷା ହ୍ରାସ ପାଇବା କିମ୍ବା ବିନା ଋତୁର ହେବା, କିଛି ଦେଶମାନଙ୍କ ଦ୍ୱାରା ରସାୟନର ସହାୟତାରେ ବର୍ଷା କରାଯିବା ଆଦିରୁ ପ୍ରାକୃତିକ ଅସନ୍ତୁଳନ ହୋଇଯାଇଛି ।

ମହାମାରୀର ବିକଟ କାଳରେ ଯେତେବେଳେ ବିଭିନ୍ନ ଚିକିତ୍ସା-ପଦ୍ଧତି ମଧ୍ୟ ସ୍ଥିତିକୁ ନିୟନ୍ତ୍ରିତ କରିବାରେ ଅକ୍ଷମତା ଅନୁଭବ କରିବାରେ ଲାଗନ୍ତି ସେତେବେଳେ ବଡ଼-ବଡ଼ ଶକ୍ତିଶାଳୀ ରାଷ୍ଟ୍ର ମଧ୍ୟ ପଥଭ୍ରଷ୍ଟ ଅବସ୍ଥାକୁ ଆସିଯାନ୍ତି ଏବଂ ନିଜର ଦେଶବାସୀଙ୍କୁ ପୀଡ଼ାରୁ ରକ୍ଷା କରିବାରେ ନିଜକୁ ଅସମର୍ଥ ଓ ବିବଶ ଅନୁଭବ କରିବାରେ ଲାଗନ୍ତି । ଏପରି ସ୍ଥିତିରେ ଯେତେବେଳେ ବର୍ତ୍ତମାନ ସ୍ଥୂଳ, ଭୌତିକ ଔଷଧି ମଧ୍ୟ ବିଶେଷ କୌଣସି ଉପଶମ ଦେଇପାରୁ ନାହିଁ ସେତେବେଳେ ସମସ୍ତ ରାଷ୍ଟ୍ର କଲ୍ୟାଣର ଭାବନାରେ ଭରି ଆୟୁର୍ବେଦର ବିଶ୍ୱହିତୈଷୀ ମହର୍ଷି ଚରକ ଏପରି ଉପାୟ କହିଛନ୍ତି ଯାହା ଭାରତର ଜଣେ ସମାଧିନିଷ୍ଠ ମହର୍ଷି ହିଁ କହିପାରିବେ । ସେ ଚରକ ସଂହିତା (ବିମାନ ସ୍ଥାନ : ୩.୧୫-୧୮)ରେ ମହାମାରୀର ସର୍ବସୁଲଭ ଓ ପ୍ରାଣରକ୍ଷକ ଔଷଧ କହିଛନ୍ତି :



'ସତ୍ୟ କହିବା, ଜୀବମାତ୍ର ଉପରେ ଦୟା, ଦାନ, ସଦ୍‌ବୃତ୍ତ (ଶାସ୍ତ୍ରୋକ୍ତ ଓ ଶାସ୍ତ୍ରର ରହସ୍ୟର ଅନୁଭବୀ ସନ୍ଥଙ୍କର ମାର୍ଗଦର୍ଶନ ଅନୁରୂପ ସଦାଚାର)ର ପାଳନ, ଶାନ୍ତି ରଖିବା ଓ ନିଜ ଶରୀରର ରକ୍ଷା, କଲ୍ୟାଣକାରୀ ଗ୍ରାମ ଓ ନଗରମାନଙ୍କରେ ରହିବା, ବ୍ରହ୍ମଚର୍ଯ୍ୟର ପାଳନ, ବ୍ରହ୍ମଚାରୀ ତଥା ଜିତାତ୍ମା ମହର୍ଷି (ଆତ୍ମବେତ୍ତା ମହାପୁରୁଷମାନଙ୍କ)ର ସେବା କରିବା, ଧର୍ମଶାସ୍ତ୍ରର ସତ୍‌କଥା-ସତ୍‌ସଙ୍ଗ ଶୁଣିବା, ସାତ୍ତ୍ୱିକ, ଧାର୍ମିକ ଓ ଜ୍ଞାନବୃଦ୍ଧଙ୍କ ଦ୍ୱାରା ପ୍ରଶଂସିତ ମହାପୁରୁଷଙ୍କର ସର୍ବଦା

ଏପରି ସ୍ଥିତିରେ ଯେତେବେଳେ ବର୍ତ୍ତମାନ ସ୍ଥୂଳ, ଭୌତିକ ଔଷଧ ମଧ୍ୟ ବିଶେଷ କୌଣସି ଆରାମ ଦେଇପାରୁ ନାହିଁ ସେତେବେଳେ ସମସ୍ତ ରାଷ୍ଟ୍ରର କଲ୍ୟାଣର ଭାବନାରେ ଭରି ଆୟୁର୍ବେଦର ବିଶ୍ୱହିତୈଷୀ ମହର୍ଷି ଚରକ ଏପରି ଉପାୟ କହିଛନ୍ତି ଯାହା ଭାରତର ଜଣେ ସମାଧିନିଷ୍ଠ ମହର୍ଷି ହିଁ କହିପାରିବେ ।

ସାନ୍ନିଧ-ଲାଭ ନେବା- ଏହି ପ୍ରକାର ଏସବୁ ମହାମାରୀର ଭୟଙ୍କର କାଳରେ, ଯେଉଁ ମନୁଷ୍ୟମାନଙ୍କର ମୃତ୍ୟୁକାଳ ଅନିଶ୍ଚିତ ଅଟେ ତାଙ୍କ ଆୟୁର ରକ୍ଷାକାରୀ ଔଷଧ କୁହାଯାଇଛି ।'

ମରଣାସନ୍ନ ବ୍ୟକ୍ତିମାନଙ୍କୁ ମୃତ୍ୟୁ ମୁଖରୁ ବଞ୍ଚାଇ ଆୟୁ ପ୍ରଦାନ କରୁଥିବା ବେଦ ହେଉଛି 'ଆୟୁର୍ବେଦ' ! ଏହି ବେଦ ଆମକୁ ମାର୍ଗଦର୍ଶନ ଦେଉଛି ଯେ ବ୍ରହ୍ମନିଷ୍ଠ ମହାପୁରୁଷଙ୍କର ସତ୍‌ସଙ୍ଗ-ସାନ୍ନିଧ ଲାଭ ଏବଂ ତାଙ୍କର ସେବା ହିଁ ପରମ ହିତକାରୀ ଉପାୟ, ଯାହାଦ୍ୱାରା ସତ୍ୟ, ଜୀବଦୟା, ପରୋପକାର, ସଦାଚାର, ଆନ୍ତରିକ ଶାନ୍ତି, ଶରୀର-ରକ୍ଷାର କଳା, କଲ୍ୟାଣକାରୀ ସ୍ଥଳ-ସେବନ, ବ୍ରହ୍ମଚର୍ଯ୍ୟ- ଏସବୁ ସଦ୍‌ଗୁଣର ପ୍ରାପ୍ତି ସହଜରେ ହିଁ ହୋଇଯାଏ ଯାହା କି ମହାମାରୀର ଭୟଙ୍କର କାଳରେ ଆୟୁ-ରକ୍ଷା କରୁଥିବା ଔଷଧ କୁହାଯାଇଛି ।

ଆଉ ଏପରି ମହାପୁରୁଷ ଆମଠାରୁ ସେବା ରୂପରେ କ'ଣ ଆଶା କରନ୍ତି ? ସେ ଏହା ହିଁ ଚାହାନ୍ତି ଯେ ଯେଉଁ ଦିବ୍ୟ ଆତ୍ମସୁଖ, ଆତ୍ମଶାନ୍ତି, ଅସୀମ ଓ ଅତୁଟ ଆତ୍ମାନନ୍ଦର ଲାଭ ସେମାନଙ୍କର ହୋଇଛି, ତାକୁ ଆମେ ସ୍ୱୟଂ ମଧ ପାଉ ଏବଂ ଅନ୍ୟମାନଙ୍କୁ ପ୍ରଦାନ କରୁ । ଏପରି ସତ୍‌ପ୍ରବୃତ୍ତିର ଲାଭ ଆମେ ସ୍ୱୟଂ ନେଉ ଏବଂ ଅନ୍ୟମାନଙ୍କୁ ମଧ ଦେଉ ।

ମହାମୁନି ବଶିଷ୍ଠ ଯୋଗବାଶିଷ୍ଠ ମହାରାମାୟଣ (ନିର୍ବାଣ ପ୍ରକରଣ ଉତ୍ତରାର୍ଦ୍ଧ : ୯୮.୯,୧୪)ରେ ତତ୍ତ୍ୱଜ୍ଞାନୀ ପୁରୁଷଙ୍କର ଆଶ୍ରୟ ନେବାର ଉପଦେଶ ଦେଇ ଭଗବାନ ଶ୍ରୀରାମଚନ୍ଦ୍ରଙ୍କୁ କହୁଛନ୍ତି : "ଭଦ୍ର ! ରାଜାମାନଙ୍କର ନାଶକ, ଦେଶକୁ ଛିନ୍ନ-ଭିନ୍ନ କରୁଥିବା ତଥା ଦୁର୍ଭିକ୍ଷ (ମରୁଡ଼ି) ଆଦିରୁ ଉତ୍ପନ୍ନ ହୋଇଥିବା ଜନତାର କ୍ଷୋଭକୁ ତତ୍ତ୍ୱଜ୍ଞାନୀ ପୁରୁଷ ତପସ୍ୟାର ପ୍ରତାପ, ସତ୍‌କର୍ମର ଅନୁଷ୍ଠାନ, ସାମ (ମୈତ୍ରୀଭାବର ନୀତି) ଆଦି ଉପାୟ ଦ୍ୱାରା ଏପରି ଧରି ରୋକିନିଅନ୍ତି ଯେପରି ଭୂକମ୍ପକୁ ପର୍ବତ । ବିପଦରେ, ବୁଦ୍ଧିନାଶରେ, କ୍ଷୁଧା-ତୃଷ୍ଣା, ଶୋକ-



ମୋହ, ଜରା-ମରଣ ଆଦି କ୍ଲେଶରେ, ବ୍ୟାକୁଳ ଦେଶମାନଙ୍କରେ ତଥା ବହୁତ ବଡ଼ ସଙ୍କଟରେ ସଜ୍ଜନଙ୍କର ଗତି ସନ୍ଥ ହିଁ ଅଟନ୍ତି ।"

ସୃଷ୍ଟିର ସଞ୍ଚାଳନ ତଥା ସୁସନ୍ତୁଳନ କରୁଥିବା ଯେଉଁ ସର୍ବୋଚ୍ଚ ସତ୍ତା ଅଛି, ତାହାର ଆଇନ୍-କାନୁନକୁ ଭଗବାନଙ୍କର ମଙ୍ଗଳମୟ ବିଧାନ କୁହାଯାଏ ଏବଂ ତାହାର ସୂକ୍ଷ୍ମ ରହସ୍ୟ ବ୍ରହ୍ମବେତ୍ତା ମହାପୁରୁଷ ହିଁ ଜାଣନ୍ତି । ଏହାଦ୍ୱାରା ଏପରି ମହାପୁରୁଷଙ୍କର ସତ୍‌ସଙ୍ଗ-ସାନ୍ନିଧରୁ ବଞ୍ଚିତ ସମାଜରେ ସଂଯମ-ସଦାଚାରର ହ୍ରାସ ହୋଇ ଅଧର୍ମ ବଢ଼େ । ଯେପରି- ମାଂସାହାର ଓ ବିକୃତ ଖାଦ୍ୟ-ପେୟ, ଭୋଗ-ବିଳାସର ପ୍ରବୃତ୍ତି, ପ୍ରାକୃତିକ ନିୟମର ଅବହେଳନା, ଅପମିଶ୍ରଣ, ଯାନ୍ତ୍ରିକ କଂସେଇଖାନା ଦ୍ୱାରା ବ୍ୟାପକ ସଂଖ୍ୟାରେ ଗାଈ ଓ ଅନ୍ୟ ପଶୁମାନଙ୍କର ହତ୍ୟା ଆଦି ଆଦି । ଏହାଦ୍ୱାରା ପୁଣି ଅନେକ ପ୍ରକାର ଦୋଷ ଓ ରୋଗ ଉତ୍ପନ୍ନ ହୁଅନ୍ତି ।

ପୂଜ୍ୟ ବାପୁଜୀ ଏହି ଘୋର କଳିକାଳରେ ମଧ ସତ୍ୟଯୁଗ ପରି ବାତାବରଣର ସର୍ଜନ କରୁଥିଲେ । କଳହ, କ୍ଲେଶ, ଅଶାନ୍ତିର ବାତାବରଣ ଦୂର କରି ସର୍ବତ୍ର ଈଶ୍ୱରୀୟ ପ୍ରେମ, ସାମଞ୍ଜସ୍ୟ ଓ ସୁସମ୍ବାଦିତାର ସର୍ଜନ କରୁଥିଲେ । ବାପୁଜୀ 'ଭଜନ କର, ଭୋଜନ କର, ଦକ୍ଷିଣା ପାଅ ଯୋଜନା' ଆଦି ଦ୍ୱାରା ଜପ, ଭଜନ, କୀର୍ତ୍ତନ, ସତ୍‌ସଙ୍ଗ ଆଦିର ଯଜ୍ଞ ସ୍ଥାନ-ସ୍ଥାନରେ ଆରମ୍ଭ କରାଇଲେ । ସତ୍‌ସଙ୍ଗ ଦ୍ୱାରା ସଂଯମ-ସଦାଚାରର ପ୍ରଚାର କଲେ ଏବଂ ବିଭିନ୍ନ ସ୍ଥାନରେ ଆଶ୍ରମ, ସମିତି, ବାଳ ସଂସ୍କାର କେନ୍ଦ୍ର, ମହିଳା ଉତ୍ଥାନ ମଣ୍ଡଳ, ଯୁବା ସେବା ସଙ୍ଘ, ଗୁରୁକୁଳ- ଏସବୁ ଦ୍ୱାରା ସଂଯମ-ସଦାଚାର, ପରୋପକାର ଆଦିର ସୁସଂସ୍କାର ପ୍ରଦାୟକ କେନ୍ଦ୍ର ସ୍ଥାପିତ କଲେ । ପୂଜ୍ୟ ବାପୁଜୀ ଯେଉଁଠାକୁ ମଧ ଯାଆନ୍ତି ସେଠାରେ ବିଦେଶୀ ବବୁଲ, ୟୁକାଲିପଟାସ୍ ଆଦି ବାୟୁ ଓ ପରିବେଶକୁ ବିକୃତ କରୁଥିବା ବୃକ୍ଷମାନଙ୍କର ନିର୍ମୂଳନ ଏବଂ ତୁଳସୀ, ଅଶ୍ୱତ୍ଥ, ନିମ୍ବ ଓ ଅଁଳା ପରି ବାୟୁଶୁଦ୍ଧିକାରକ ବୃକ୍ଷମାନଙ୍କର ରୋପଣ ଓ ଗୋବର ଘଷିରେ ଗୁଗଳ ଆଦିର ହୋମ ଦ୍ୱାରା ବାୟୁମଣ୍ଡଳର ଶୁଦ୍ଧୀକରଣ ଉପରେ ଗୁରୁତ୍ୱ ଦେଉଥିଲେ । ଜଳକୁ ଶୁଦ୍ଧ, ଦୋଷନାଶକ ଓ ଶରୀର-ପୋଷକ କରାଇବାର କଳା ଶିଖାଉଥିଲେ । ପୂଜ୍ୟଶ୍ରୀ ସମାଜକୁ ପୁଣ୍ୟଦାୟୀ ତିଥି ଓ ଯୋଗର ଖୁବ୍ ଲାଭ

ଦେଇଛନ୍ତି । ଅନ୍ୟ ଅନେକାନେକ ଲୋକହିତକାରୀ ସେବା-ପ୍ରବୃତ୍ତି ଚଳାଇଛନ୍ତି ।

ଏପରି ଅନେକ ଉପାୟ ଦ୍ୱାରା ଉପରୋକ୍ତ ଚାରି ପ୍ରକାର ବିକୃତି ପୂଜ୍ୟଶ୍ରୀ ଦୂର କରୁଥିଲେ କିନ୍ତୁ ବିଗତ ପ୍ରାୟ ସାଢ଼େ ଛଅ ବର୍ଷରୁ ଅଧିକ କାଳ ଧରି ପୂଜ୍ୟ ବାପୁଜୀଙ୍କୁ କାରାଗୃହକୁ ପଠାଯାଇଛି ଏହା ଉପରେ



ପ୍ରସିଦ୍ଧ ନ୍ୟାୟବିଦ୍ ଓ ରାଜ୍ୟସଭା ସାଂସଦ ଶ୍ରୀ ସୁବ୍ରମଣ୍ୟମ ସ୍ୱାମୀ ସମ୍ପ୍ରତି କହିଛନ୍ତି "ବାସ୍ତବିକତା ଏହା ଯେ ଆଶାରାମଜୀ ବାପୁଙ୍କୁ ଫସାଇ ଦିଆଯାଇଛି । ଯଦି ଦଣ୍ଡିତ କଏଦୀମାନଙ୍କୁ ସରକାର ଦ୍ୱାରା ମୁକ୍ତ କରାଯାଉଛି ତେବେ ଅନୁଚିତ ଉପାୟରେ ଦୋଷୀ ସାବ୍ୟସ୍ତ ହୋଇଥିବା ଓ ଶାରୀରିକ ରୂପରେ ଅସୁସ୍ଥ ୮୩ ବର୍ଷୀୟ ସନ୍ଥ ଆଶାରାମ ବାପୁଙ୍କୁ ପ୍ରଥମେ କାରାମୁକ୍ତ କରାଯିବା ଉଚିତ ।"

ଶାସ୍ତ୍ର ଘୋଷଣା କରନ୍ତି :

ଅପୂଜ୍ୟା ଯତ୍ର ପୂଜ୍ୟନ୍ତେ ପୂଜନୀୟୋ ନ ପୂଜ୍ୟତେ ।
ତ୍ରୀଣି ତତ୍ର ଭବିଷ୍ୟନ୍ତି ଦୁର୍ଭିକ୍ଷୋ ମରଣଂ ଭୟମ୍ ।।
(ସ୍କନ୍ଦ ପୁରାଣ, ମା.କେ. : ୩.୪୮-୪୯)

...ତ୍ରୀଣି ତତ୍ର ଭବିଷ୍ୟନ୍ତି ଦାରିଦ୍ର୍ୟଂ ମରଣଂ ଭୟମ୍ ।।
(ଶିବ ପୁରାଣ, ରୁଦ୍ର ସଂହିତା, ସତୀ ଖଣ୍ଡ : ୩୫.୯)

ଯେଉଁଠାରେ ପୂଜ୍ୟନୀୟ ମହାତ୍ମାଙ୍କର ସମ୍ମାନ ହୁଏ ନାହିଁ ଏବଂ ଅପୂଜ୍ୟ-ଅସମ୍ମାନନୀୟ ବ୍ୟକ୍ତିମାନଙ୍କର ସମ୍ମାନ ହୁଏ, ସେଠାରେ ଭୟ, ମୃତ୍ୟୁ, ଅକାଳ, ଦରିଦ୍ରତା- ଏସବୁ ସଙ୍କଟ ତାଣ୍ଡବ କରନ୍ତି ।

ଦେଶବାସୀ ଓ ବରିଷ୍ଠଜନ ବୁଦ୍ଧି ବିବେକସମ୍ପନ୍ନ ପବିତ୍ରାତ୍ମା ଅଟନ୍ତି । ସେମାନେ ସର୍ବହିତାର୍ଥ ଏହି ଶାସ୍ତ୍ରବଚନ ଉପରେ ଅବଶ୍ୟ ବିଚାର କରିବେ ।

(ସଙ୍କଳକ : ପ୍ରୀତେଶ ପାଟିଲ ଓ ରବିଶ ରାୟ)

# ସଂକ୍ରାମକ ରୋଗରୁ କିପରି ହେବ ସୁରକ୍ଷା ?

ଆୟୁର୍ବେଦରେ ସଂକ୍ରାମକ ରୋଗର ବର୍ଣ୍ଣନା ଆଗନ୍ତୁକ ଜ୍ୱର (ଅର୍ଥାତ୍ ଶରୀରରେ ବାହ୍ୟ କାରଣରୁ ଉତ୍ପନ୍ନ ଜ୍ୱର କିମ୍ବା ରୋଗ) ଅନ୍ତର୍ଗତ ଆସେ । ଏହା କାହାକୁ ହୁଏ ଏବଂ କାହାକୁ ନୁହେଁ, ଏପରି କାହିଁକି ?

ଚରକ ସଂହିତା (ଚିକିତ୍ସା ସ୍ଥାନ : ୩.୧୧-୧୨)ରେ ଆଚାର୍ଯ୍ୟ ପୁନର୍ବସୁ କହନ୍ତି : "ଏକ ହିଁ ଜ୍ୱରରୂପୀ ଅର୍ଥକୁ ଜ୍ୱର, ବିକାର, ରୋଗ, ବ୍ୟାଧି ଓ ଆତଙ୍କ- ଏସବୁ ନାମବୋଧକ ପ୍ରତିଶବ୍ଦରେ ନାମିତ କରାଯାଏ । ଶାରୀରିକ ଓ ମାନସିକ ଦୋଷର ପ୍ରକୋପ ବିନା ଶରୀରଧାରୀଙ୍କୁ ଜ୍ୱର (ରୋଗ) ହୁଏ ନାହିଁ ଏଣୁ ଶାରୀରିକ ବାତ, ପିତ୍ତ, କଫ ତଥା ମାନସିକ ରଜୋ-ତମୋ ଗୁଣରୂପ ଦୋଷ ଜ୍ୱରର ମୂଳ କାରଣ କୁହାଯାଇଛି ।"

ତାତ୍ପର୍ଯ୍ୟ, ଯଦି ଶାରୀରିକ ଓ ମାନସିକ ଦୋଷ ବିକୃତ ହେବ ନାହିଁ ତେବେ କୌଣସି ରୋଗାଣୁ ଶରୀରରେ ପ୍ରବେଶ କଲେ ରୋଗକୁ ଉତ୍ପନ୍ନ କରିପାରିବ ନାହିଁ, କିଛି ସାମାନ୍ୟ ଲକ୍ଷଣ ଦେଖାଇପାରେ ।

ଏହାର ଅର୍ଥ ଏହା ନୁହେଁ ଯେ ଅସାବଧାନ ରହିବା । ରୋଗାଣୁ ଶରୀରରେ ପ୍ରବେଶ କରିବେ ନାହିଁ ଏହାର ସାବଧାନତା ଓ ନିୟମ-ପାଳନ ତ ଅତ୍ୟନ୍ତ ଆବଶ୍ୟକ କିନ୍ତୁ ତା ସହିତ ଅଜାଣତରେ କୌଣସି ରୋଗାଣୁ ଶରୀରରେ ପ୍ରବେଶ କରିଗଲେ ତାକୁ ନିଜର ପ୍ରଭାବ ବିସ୍ତାର କରିବାର ସୁଯୋଗ ନ ମିଳୁ ଏପରି ସୁରକ୍ଷାତ୍ମକ ସାବଧାନତା ରଖିବା ପ୍ରତି ସଚେତନ କରିବା ଏହା ଉଦ୍ଦେଶ୍ୟ ଅଟେ ।

## ଦୋଷ-ବିକୃତିର କାରଣ

(୧) ଜଠରାଗ୍ନିର ବିକୃତି : ଚରକ ସଂହିତା (ଚି.ସ୍ଥା. : ୧୫.୪୨-୪୪) ଅନୁସାରେ 'କ୍ଷୁଧା ଲାଗିଲେ ମଧ ଭୋଜନ ନ କଲେ, ପୂର୍ବରୁ ଖାଇଥିବା ଭୋଜନ ହଜମ ହୋଇ ନଥିଲେ ମଧ ଭୋକ ନଥାଇ ଭୋଜନ କଲେ, କେବେ ଅଧିକ- କେବେ କମ୍, କେବେ ସମୟରେ ତ କେବେ ଅସମୟରେ ଭୋଜନ କଲେ, ଗରିଷ୍ଠ, ଥଣ୍ଡା, ଅତି ଶୁଷ୍କ, ଦୂଷିତ ଓ ପ୍ରକୃତି-ବିପରୀତ ପଦାର୍ଥଙ୍କର ସେବନ କଲେ, ମଳ-ମୂତ୍ରାଦିର ବେଗକୁ ରୋକିଲେ, ଦେଶ-କାଳ-ଋତୁର ବିପରୀତ ଆହାର ହେଲେ ଦୂଷିତ ହୋଇଥିବା ଜଠରାଗ୍ନି ଲଘୁ ଭୋଜନକୁ ମଧ ଉଚିତରୂପରେ ଜୀର୍ଣ୍ଣ କରିପାରେ ନାହିଁ । ହଜମ ହୋଇ

ନଥିବା ଭୋଜନ ବିଷ ପରି ହାନିକର ହୋଇଯାଏ ।’

ଚରକ ସଂହିତା (ବିମାନ ସ୍ଥାନ : ୨.୯)ରେ ଅଛି ଯେ ‘ଚିନ୍ତା, ଶୋକ, ଭୟ, କ୍ରୋଧ, ଦୁଃଖ, ଦିବାନିଦ୍ରା ଓ ବିଳମ୍ବ ରାତ୍ରି ପର୍ଯ୍ୟନ୍ତ (୧୧-୧୨ଟା ପରେ) ଜାଗରଣ କାରଣରୁ ଉଚିତ ମାତ୍ରାରେ ଖାଇଥିବା ପଥ୍ୟ ଭୋଜନ ମଧ୍ୟ ସୁଚାରୁରୂପେ ପାଚନ ହୁଏ ନାହିଁ ।’

ଏଣୁ ସୁସ୍ଥ ରହିବାକୁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ଅସାବଧାନତାରୁ ନିଜକୁ ରକ୍ଷା କରିବା ଉଚିତ ।

**(୨) ଉଚିତ ଆହାର, ନିଦ୍ରା ଓ ବ୍ରହ୍ମଚର୍ଯ୍ୟର ଅଭାବ :** ଉଚିତ ଆହାର, ଉଚିତ ନିଦ୍ରା ଓ ବ୍ରହ୍ମଚର୍ଯ୍ୟ-ପାଳନ- ଏହା ବାତ, ପିତ୍ତ ଓ କଫକୁ ସନ୍ତୁଳିତ ରଖି ଶରୀରକୁ ସୁସ୍ଥ ଓ ନିରୋଗ ରଖିଥାନ୍ତି ଏଥିପାଇଁ ଏହି ତିନୋଟିକୁ ଆୟୁର୍ବେଦ ଶରୀରର ‘ଉପସ୍ତମ୍ଭ’ କହେ । ଏଣୁ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଏହି ତିନୋଟିର ଧ୍ୟାନ ରଖିବା ଅନିବାର୍ଯ୍ୟ ଅଟେ ।

**(୩) ହିତକାରକ ସେବନ, ଆଚାର, କର୍ମର ଅଭାବ :** ମନୁସ୍ମୃତି (୧.୧୦୮)ରେ ଅଛି ଯେ ‘ସମସ୍ତ ଧର୍ମ (କର୍ତ୍ତବ୍ୟ-କର୍ମ)ରେ ‘ସଦାଚାର’ ସର୍ବୋତ୍ତମ । ଏହାର ଆଚରଣ କରିବା ଦ୍ୱାରା ଜୀବନ ସଫଳ ହୁଏ ଓ ନ କରିବା ଦ୍ୱାରା ମନୁଷ୍ୟର ବିନାଶ ହୋଇଯାଏ ।

ଚରକ ସଂହିତା (ସୂତ୍ର ସ୍ଥାନ : ୭.୬୦)ରେ କୁହାଯାଇଛି : ‘ଏହି ସଂସାରରେ ଓ ମୃତ୍ୟୁ ପରେ ସୁଖର ଇଚ୍ଛୁକ ବୁଦ୍ଧିମାନ ପୁରୁଷ ଆହାର, ଆଚାର ଓ ସମସ୍ତ ପ୍ରକାର ଚେଷ୍ଟାରେ ହିତକାରକ ବସ୍ତୁର ସେବନର ଖୁବ୍ ପ୍ରଯତ୍ନ କରିବା ଉଚିତ ।’ ଏଠାରେ ଆହାରର ତାତ୍ପର୍ଯ୍ୟ କେବଳ ସ୍ଥୂଳ ଭୋଜନ ଦ୍ୱାରା ବୁଝିବା ନୁହେଁ । ପାଞ୍ଚ ଇନ୍ଦ୍ରିୟ ଦ୍ୱାରା ଶବ୍ଦ, ସ୍ପର୍ଶ, ରୂପ, ରସ ଓ ଗନ୍ଧ- ଏହା ଯାହାବି ସେବନ କରାଯାଏ ତାହା ଶାସ୍ତ୍ର ଓ ମହାପୁରୁଷଙ୍କ ଦ୍ୱାରା ‘ଆହାର’ ହିଁ କୁହାଯାଇଛି । ଏସବୁର ସେବନରେ ଅସାବଧାନତା ରୋଗ-ବେମାରିକୁ ଜନ୍ମ ଦିଏ ।



ରୋଗାଣୁଜନ୍ୟ ଆଗନ୍ତୁକ ରୋଗରୁ ରକ୍ଷା ପାଇବା ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଆବଶ୍ୟକ ହେଉଛି ଯେ ଦୋଷ-ବିକୃତି କରୁଥିବା କାରଣରୁ ଦୂରେଇ ରହିବା ।

### ଆଗନ୍ତୁକ ରୋଗର ଉତ୍ପତ୍ତି ରୋକିବାର ଉପାୟ

ରୋଗର ଉତ୍ପତ୍ତି ପରେ ତାର ଉପଚାର କରିବା, ଏହାଠାରୁ ଉତ୍ତମ ହେଉଛି ଯେ ରୋଗ ସୃଷ୍ଟି ହେବା ପୂର୍ବରୁ ହିଁ ସାବଧାନତା ରଖିବା, ସୁସ୍ଥ ବ୍ୟକ୍ତିର ସ୍ୱାସ୍ଥ୍ୟର ରକ୍ଷା କରାଯିବା- **ସ୍ୱସ୍ଥସ୍ୟ ସ୍ୱାସ୍ଥ୍ୟରକ୍ଷଣଂ...**

(ଚ.ସଂ., ସୂ. ସ୍ଥା. : ୩୦.୨୬)

ଚରକ ସଂହିତା (ସୂ.ସ୍ଥା. : ୭.୫୩-୫୪)ରେ ଅଛି ଯେ : ‘ପ୍ରଜ୍ଞାପରାଧ (ବୁଦ୍ଧିର ଅଜ୍ଞାନତାରୁ ଉତ୍ପନ୍ନ ଅପରାଧ)ର ତ୍ୟାଗ କରିବା, ଇନ୍ଦ୍ରିୟମାନଙ୍କର ଉପଶମ ଅର୍ଥାତ୍ ଇନ୍ଦ୍ରିୟମାନଙ୍କୁ ନିଜ ବଶରେ ରଖିବା, ସ୍ମରଣଶକ୍ତି ଉତ୍ତମ ରଖିବା, ଦେଶଜ୍ଞାନ, କାଳଜ୍ଞାନ (ଦେଶ ଓ କାଳର ଅନୁରୂପ ଆହାର-ବିହାରର ଜ୍ଞାନ) ଓ ଆତ୍ମଜ୍ଞାନର ଚିନ୍ତନ କରି ତାକୁ ସ୍ୱଭାବରେ ଆତ୍ମସାତ୍ କରିବା ଓ ସଦ୍‌ବୃତ୍ତ (ଶାସ୍ତ୍ର ଓ ସନ୍ଥ ସମ୍ମତ ସଦାଚାର)ର ପାଳନ କରିବା- ଏହା ଆଗନ୍ତୁକ ରୋଗ ଉତ୍ପନ୍ନ ହେବାକୁ ନ ଦେବାର ମାର୍ଗ । ବୁଦ୍ଧିମାନ ବ୍ୟକ୍ତି ରୋଗୋତ୍ପତ୍ତି ହେବା ପୂର୍ବରୁ ହିଁ ଏପରି କାର୍ଯ୍ୟ କରିବା ଉଚିତ ଯାହାଦ୍ୱାରା ନିଜର ହିତ ହୋଇପାରିବ ।

### ଆପ୍ତୋପଦେଶ-ପାଳନ ଦ୍ୱାରା ଲାଭ

‘ଆପ୍ତପୁରୁଷ (ବ୍ରହ୍ମବେତ୍ତା ମହାପୁରୁଷ)ଙ୍କର ଉପଦେଶକୁ ବିଶେଷରୂପରେ ପ୍ରାପ୍ତ କରିବା ଓ ଠିକ୍ ପ୍ରକାରରେ ସେସବୁର ପାଳନ କରିବା- ଏହି ଦୁଇ କାରଣ ମନୁଷ୍ୟର ରୋଗର ଉତ୍ପତ୍ତିରୁ ରକ୍ଷା କରନ୍ତି ଏବଂ ଉତ୍ପନ୍ନ ରୋଗକୁ ଅତିଶୀଘ୍ର ଶାନ୍ତ କରନ୍ତି ।’ (ଚ.ସଂ., ସୂ.ସ୍ଥା. : ୭.୫୫)

ଆମର ଶାସ୍ତ୍ର-ମହାପୁରୁଷମାନଙ୍କ ଦ୍ୱାରା କଥିତ ଏପରି ନିର୍ଦ୍ଦେଶର ଉପେକ୍ଷା ଯେଉଁ ବ୍ୟକ୍ତି, ସମାଜ, ଦେଶ ଦ୍ୱାରା ଯେତିକି କରାଯାଏ, ତାକୁ ତାର ସେତିକି ହିଁ ଅଧିକ ଦୁଷ୍ପରିଣାମ ଭୋଗିବାକୁ ପଡ଼େ ଏବଂ ଏସବୁ ନିର୍ଦ୍ଦେଶର ଯେତିକି ଆଦରପୂର୍ବକ ପାଳନ କରାଯାଏ ସେତିକି ହିଁ ଉଚ୍ଚ ଲାଭ ତାକୁ ହୁଏ ।

### ରୋଗପ୍ରତିରୋଧକ କ୍ଷମତା ବଢ଼ାଅ

ଚିକିତ୍ସା ବିଜ୍ଞାନ କହେ ଯେ ଜୀବାଣୁ କିମ୍ବା ବିଷାଣୁ (bacteria or virus) ରୋଗପ୍ରତିକାରକ ଶକ୍ତି କମ୍ ହେଲେ ସଂକ୍ରମିତ କରନ୍ତି । ଦେଶବାସୀ ଜାଗ୍ରତ ଓ

ବିଶେଷ ତତ୍ପର ହୋଇ ବ୍ରହ୍ମନିଷ୍ଠ ସନ୍ଥ ଓ ସଦ୍‌ଶାସ୍ତ୍ର ଦ୍ୱାରା ନିର୍ଦ୍ଦେଶିତ ଜୀବନକୁ ନିରୋଗୀ, ସୁସ୍ଥ, ରୋଗପ୍ରତିକାରକ ଶକ୍ତି ଦ୍ୱାରା ସମ୍ପନ୍ନ କରାଉଥିବା ନିର୍ଦ୍ଦେଶମାନଙ୍କର ପାଳନ କଲେ ରୋଗ ଓ ମହାମାରୀରୁ ନିଜକୁ ସୁରକ୍ଷିତ ରଖିବାରେ ସାହାଯ୍ୟ ମିଳିବ । (ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ନିମନ୍ତେ ପୂଜ୍ୟ ବାପୁଜୀ କହିଥିବା ସଶକ୍ତ ଉପାୟ ପଢ଼ନ୍ତୁ ପୃଷ୍ଠା ୪୬ରେ)

## କିପରି ହେବା ଉଚିତ ଆହାର-ବିହାର ?

ମହାମାରୀ ମାନବ-ସମାଜକୁ ବହୁତ କିଛି ଶିକ୍ଷା ଦେଇଯାଉଛି, ଯେପରି-

(୧) ବ୍ୟକ୍ତିଗତ ଓ ସାମାଜିକ ସ୍ୱଚ୍ଛତା ।

(୨) କାର୍ଯ୍ୟ କରିବା ସମୟରେ ଦୂରତା ବଜାୟ ରଖି ନିଜର ସ୍ୱାସ୍ଥ୍ୟ ଓ ଆଭାର ରକ୍ଷା କରିବା ।

(୩) ଅନ୍ୟମାନଙ୍କ ସଙ୍ଗେ ହାତ ନ ମିଳାଇବା ଏବଂ ପ୍ରାଣୀମାନଙ୍କର ସ୍ପର୍ଶ ଓ ଶ୍ୱାସୋଚ୍ଛ୍ୱାସରୁ ନିଜକୁ ରକ୍ଷା କରିବା ।

(୪) ଅଣ୍ଡା, ମାଂସାହାର ଓ ବ୍ୟସନରୁ ଦୂରେଇ ରହି ଶୁଦ୍ଧ, ସାତ୍ତ୍ୱିକ, ଶାକାହାରୀ ଖାଦ୍ୟ ଗ୍ରହଣ କରିବା ।

(୫) ବିଗିଡ଼ିଥିବା ଦିନଚର୍ଯ୍ୟାକୁ ସୁଧାରିବା ।

ସ୍ୱାସ୍ଥ୍ୟ-ରକ୍ଷା ହେତୁ ଏସବୁର ମଧ୍ୟ ଧ୍ୟାନ ରଖ :

(୧) ଫୁଟାପାଣିକୁ ଥଣ୍ଡା କରି ପିଅ ।

(୨) ଯଦି ଉପଲବ୍ଧ ଓ ଅନୁକୂଳ ହୁଏ ତେବେ ସକାଳେ ତୁଳସୀ ଓ ନିମ୍ବର ପତ୍ର ଖାଅ (ଅଥବା ତୁଳସୀ ଅର୍କ* ଓ ନୀମ ଅର୍କ* ପାଣିରେ ମିଶାଇ ପିଇପାରନ୍ତି ।)

(୩) ଫ୍ରିଜ୍‌ରେ ରଖା ହୋଇଥିବା ପଦାର୍ଥର ସେବନ ଜଠରାଗ୍ନିକୁ ମନ୍ଦ କରିବା ସହିତ ଅନ୍ୟ କ୍ଷତି ମଧ୍ୟ କରେ ।



(୪) ବଜାରରେ ମିଳୁଥିବା ଖାଦ୍ୟ-ପେୟ ସେବନ କର ନାହିଁ ।

(୫) ପ୍ରାଣାୟାମ, ଯୋଗାସନ, ସୂର୍ଯ୍ୟନମସ୍କାର ଆଦି ଯଥାଶକ୍ତି କର ।

(୬) ଉଷୁମ ପାଣିରେ ଟିକିଏ ହଳଦୀ ଓ ସୈନ୍ଧବ ଲୁଣ ପକାଇ ପ୍ରତିଦିନ ୧-୨ଥର କୁଳୁକୁଳୁ (ଗାର୍ଗଲ) କରିପାରନ୍ତି ।

## ରୋଗାଣୁରହିତ ବାତାବରଣର କର ନିର୍ମାଣ

* ପ୍ରତିଦିନ ଘରେ କର୍ପୂର* ଜଳାଇଲେ ବାତାବରଣର ରୋଗାଣୁ ନଷ୍ଟ ହୁଅନ୍ତି ତଥା ଶରୀରରେ ରୋଗର ଆକ୍ରମଣ ସହଜରେ ହୁଏ ନାହିଁ ।

* ଅଥର୍ବବେଦ (କାଣ୍ଡ ୧୯, ସୂକ୍ତ ୩୮, ମନ୍ତ୍ର ୧)ରେ ଅଛି ଯେ 'ଯେଉଁ ମନୁଷ୍ୟର ଚାରିପାଖରେ ଔଷଧିରୂପ ଗୁଗୁଳର ଶ୍ରେଷ୍ଠ ସୁଗନ୍ଧ ବ୍ୟାପ୍ତ ରହେ, ତାକୁ କୌଣସି ରୋଗ ପୀଡ଼ିତ କରେ ନାହିଁ ।' ପୂଜ୍ୟ ବାପୁଜୀଙ୍କର ସତ୍‌ସଙ୍ଗରେ ଅଛି ଯେ ''ଯେପରି ବିରାଡ଼ିକୁ ଦେଖି ମୂଷା ଓ ସିଂହକୁ ଦେଖି ଜଙ୍ଗଲି ପଶୁ ପଳାୟନ କରନ୍ତି, ସେହିପରି ଗୁଗୁଳର ଧୂପ ଯେଉଁଠାରେ ହୁଏ ସେଠାରୁ ରୋଗର କୀଟାଣୁ ପଳାୟନ କରନ୍ତି । ଗୋବରର ଘଷି (କିମ୍ବା ଗୋ-ଚନ୍ଦନ ଧୂପବତୀ* ର ଖଣ୍ଡ) ଉପରେ ଘିଅର ବୁନ୍ଦା, ଚାଉଳ, କର୍ପୂର*, ଗୁଗୁଳ* ଆଦି ଧୂପ-ସାମଗ୍ରୀ ପକାଇ ଧୂଆଁ କର କିମ୍ବା ନିମ୍ବ ପତ୍ରର ମଧ୍ୟ ଧୂଆଁ କରିପାରନ୍ତି ।




ଟିକିଏ ଗୋମୂତ୍ର ପାଣିରେ ପକାଇ ଘରେ ପୋଛା ଆଦି ଲଗାଅ । ରସାୟନଯୁକ୍ତ ଫିନାଇଲ ତ ରୋଗାଣୁମାନଙ୍କୁ ମାରେ, ପବିତ୍ରତା ଆଣେ ନାହିଁ କିନ୍ତୁ ଗୋମୂତ୍ର ରୋଗାଣୁରହିତ କରି ପବିତ୍ରତା ମଧ୍ୟ ଆଣେ (ଗୋମୂତ୍ରରୁ ପ୍ରସ୍ତୁତ ପବିତ୍ରତା ପ୍ରଦାୟକ ଗୋ ଶୁଦ୍ଧି ସୁଗନ୍ଧ (ଫିନାଇଲ)* ର ମଧ୍ୟ ଉପଯୋଗ କରିପାରିବେ) ।''

## ଭୟ ନୁହେଁ, ସାବଧାନତା ଜରୁରୀ

ଭୟ ଦ୍ୱାରା ଅଶାନ୍ତି ବଢ଼େ ଓ ଅଶାନ୍ତି ଦ୍ୱାରା ରୋଗପ୍ରତିରୋଧକ ଶକ୍ତିର ହ୍ରାସ ହୁଏ । ଏଣୁ ମହାମାରୀ ଦ୍ୱାରା ଭୟଭୀତ ନହୋଇ ଏହା ସହିତ ସମ୍ବନ୍ଧିତ ସାବଧାନତା ଓ ଉପଚାରରେ ଜାଗ୍ରତ ରୁହ । ସମ୍ପ୍ରତି ବିଶ୍ୱ ପାଇଁ ଏହି ବିଷମ କାଳରେ ଜନତାଙ୍କ ନିକଟରେ ଶାସ୍ତ୍ରୀୟ ବିବରଣୀ ପହଞ୍ଚାଉଥିବା ବ୍ୟକ୍ତିମାନଙ୍କୁ ସାଧୁବାଦ ଏବଂ ଭ୍ରାମକ ପ୍ରଚାର ବ୍ୟାପ୍ତ କରୁଥିବା ବ୍ୟକ୍ତିମାନଙ୍କଠାରୁ ସାବଧାନ ରହିବା ଜରୁରୀ ।

(ସଙ୍କଳକ : ରବୀଶ ରାୟ)

* ଏସବୁ ଆଶ୍ରମର ସମିତିର ସେବାକେନ୍ଦ୍ରରେ କିମ୍ବା ashramestore.com ଦ୍ୱାରା ପ୍ରାପ୍ତ ହୋଇପାରନ୍ତି ।

ଭଗବାନଙ୍କୁ ହିଁ କର୍ତ୍ତା ଓ ଭୋକ୍ତା ମାନିବା ଏହା ଶରଣାଗତି ଅଟେ ।

# ଭଗବାନ ବଡ଼ ନା ଭଗବାନଙ୍କର ନାମ ବଡ଼ ?

- ପୂଜ୍ୟ ବାପୁଜୀ

## (ଯେତେବେଳେ ହନୁମାନଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ଉଦ୍ୟତ ହେଲେ ଶ୍ରୀରାମ !)

ବିଗତ ଅଙ୍କରେ ଆପଣମାନେ ପଢ଼ିଛନ୍ତି ଯେ ଦେବର୍ଷି ନାରଦ କହିବା ଅନୁସାରେ ହନୁମାନ ଭରା ସଭାରେ ବିଶ୍ୱାମିତ୍ରଙ୍କୁ ପିଠି ଦେଖାଇଲେ ଏବଂ ତାଙ୍କ ସମ୍ମୁଖରେ ଲାଞ୍ଜ ଛାଟିଦେଲେ । ଏହାକୁ ନିଜର ଅପମାନ ଜାଣି ବିଶ୍ୱାମିତ୍ର ଶ୍ରୀରାମଙ୍କୁ ଆଜ୍ଞା ଦେଲେ ଯେ ସେ ହନୁମାନଙ୍କୁ କାଲି ମୃତ୍ୟୁଦଣ୍ଡ ଦେବେ । ଏହାଦ୍ୱାରା ହନୁମାନ ଶ୍ରୀରାମଙ୍କ ପ୍ରତି ଚିନ୍ତିତ ହେଲେ । ଏବେ ଆଗକୁ...)

ଦେବର୍ଷି ନାରଦ କହୁଛନ୍ତି : ‘‘ହନୁମାନ ! ତୁମେ କାହିଁକି ଚିନ୍ତା କରୁଛ ? ମୁଁ ତୁମକୁ କାମ ଅର୍ପଣ କରିଛି ତେଣୁ ଏହା ମୋର କାମ ଅଟେ ।’’



ହନୁମାନ : ‘‘ତେବେ ମୁଁ କ’ଣ କରିବି ?’’

‘‘ବର୍ତ୍ତମାନ ନିଶ୍ଚିନ୍ତ ହୋଇ ଶୋଇଯାଅ । ଏବେ ତ ରାତ୍ରି ଅଟେ । ଯାହା ହେବ, ସକାଳ ହେବା ପରେ ସିନା ହେବ !’’

ତୁଳସୀ ଭରୋସେ ରାମ କେ, ନିଶ୍ଚିନ୍ତ ହୋଇ ସୋୟ ।
ଅନହୋନୀ ହୋନୀ ନହିଁ, ହୋନୀ ହୋୟ ସୋ ହୋୟ ।।

ସକାଳ ହେଲା । ନାରଦ କହିଲେ : ‘‘ଦେଖ ହନୁମାନ ! ଯିଏ ଅନନ୍ତ ବ୍ରହ୍ମାଣ୍ଡରେ ରମଣ କରୁଛି ସେହି ମୂଳ ତତ୍ତ୍ୱରେ ସଂଯୁକ୍ତ ହୋଇ ପ୍ରାଣ ଚାଲିଥାଏ, ହାତ ଉଠିଥାଏ, ସେ ହିଁ ତ ରାମ ଅଟେ ।

ଜୀବ ରାମ ଘଟ-ଘଟ ମେଁ ବୋଲେ,
ଈଶ୍ୱର ରାମ ଦଶରଥ ଘର ଡୋଲେ ।
ବିନ୍ଦୁ* ରାମ କା ସକଳ ପସାରା,
ବ୍ରହ୍ମ ରାମ ହୈ ସବସେ ନ୍ୟାରା ।।

‘ଯେପରି ଘଟାକାଶ, ମଠାକାଶ, ମେଘାକାଶ ଓ ମହାକାଶ- ଇଏ ଚାରି ଦେଖାଯାନ୍ତି କିନ୍ତୁ ଆକାଶ ଚାରୋଟିରେ ଏକ ଅଟେ । ଏହିପରି ସେହି ସର୍ବବ୍ୟାପକ ରାମ ସତ୍ୟସ୍ୱରୂପ ଅଟେ, ସେ ହିଁ ମୋର ମୂଳ ଏବଂ ଶ୍ରୀରାମଙ୍କର ହାତ ମଧ୍ୟ ସେହି ମୂଳ ସତ୍ତା ଦ୍ୱାରା ଉଠିଥାଏ ।’ - ଏପରି ଚିନ୍ତନ କରି ଯେତେବେଳେ ଶ୍ରୀରାମ ତୀର ଚଲାଇବେ ସେତେବେଳେ ତୁମେ କହିବ : ‘ଜୟ ଶ୍ରୀରାମ !’ ଭାବ ସେହି ବ୍ରହ୍ମ ରାମ ଉପରେ ରଖିବ । ତାପରେ ଦେଖିବ କ’ଣ ହେଉଛି !’’

ଶ୍ରୀରାମଚନ୍ଦ୍ର ବରାବର ବାଣର ସନ୍ଧାନ କଲେ । ହନୁମାନ କହିଲେ : ‘ଜୟ ଶ୍ରୀରାମ !...’ ତ ଗଦାକୁ ସ୍ପର୍ଶ କରିବା ପୂର୍ବରୁ ହିଁ ବାଣ ‘ସଟ୍’ କରି ତଳେ ପଡ଼ି ଯାଉଥିଲା । ଏହି ପ୍ରକାର ଶ୍ରୀରାମଙ୍କର ସମସ୍ତ ବାଣ ଶେଷ ହୋଇଗଲା, ଏବେ ଗୋଟିଏ ବାଣ ରହିଲା । ଶ୍ରୀରାମ ଏହି ସଂକଳ୍ପ କରି ସନ୍ଧାନ କଲେ ଯେ ‘ମୋର ଏହି ବାଣ ସଫଳ ହେଉ ।’

ନାରଦ ଜାଣିଗଲେ ଯେ ଶ୍ରୀରାମ ମଧ୍ୟ ସେହି ରାମ-ତତ୍ତ୍ୱରେ ବିଶ୍ରାନ୍ତି ପାଇ ବାଣ ସଙ୍ଗେ ସଂକଳ୍ପ ଯୋଡୁଛନ୍ତି ତେଣୁ ବିଶ୍ୱାମିତ୍ରଙ୍କୁ କହିଲେ : ‘‘ଦେଖନ୍ତୁ, ହନୁମାନଙ୍କର ପ୍ରାଣ ଏବେ ମଧ୍ୟ ଅଛି । ଶ୍ରୀରାମ ଏତେ ତୀବ୍ର ଗତିରେ ବାଣ ମାରୁଛନ୍ତି ଆଉ ତାହା ହନୁମାନଙ୍କର ଗଦାକୁ ସ୍ପର୍ଶ ମଧ୍ୟ କରୁ ନାହିଁ । ଯଦି ଶ୍ରୀରାମ ଆଉ କିଛି କରି ମଧ୍ୟ ମାରିଦେବେ ତେବେ ମହାରାଜ ! ଲୋକ କହିବେ ଯେ ‘ବିଶ୍ୱାମିତ୍ର ଋଷି ଅପମାନ ସହିପାରିଲେ ନାହିଁ, ଶ୍ରୀରାମଙ୍କର ସେବକକୁ ମରାଇଦେଲେ ।’ ଆପଣଙ୍କ ନାମରେ କଳଙ୍କ ଲାଗିବ । ଏଣୁ ଏବେ ଆପଣ ଛିଡ଼ା ହୋଇ କହିପାରନ୍ତି ଯେ ‘ରାମଚନ୍ଦ୍ର ! ମୁଁ ହନୁମାନକୁ କ୍ଷମା କରୁଛି ।’ ତେବେ ଲୋକଙ୍କ ମନରେ ଆପଣଙ୍କ ପ୍ରତି ସଦ୍‌ଭାବ ହେବ, ହନୁମାନଙ୍କର ମଧ୍ୟ ସଦ୍‌ଭାବ ବଢ଼ିବ ଏବଂ ଶ୍ରୀରାମ ଅହୋଭାବରେ ଆପଣଙ୍କର ଚରଣରେ ନତମସ୍ତକ ହେବେ । ଧର୍ମସଙ୍କଟରୁ ଶ୍ରୀରାମ ରକ୍ଷା ପାଇବେ, ହନୁମାନ ମଧ୍ୟ ବଞ୍ଚିଯିବେ ଏବଂ ଆପଣଙ୍କ ନାମ କଳଙ୍କରୁ ବଞ୍ଚିଯିବ । ଏବେ ବାଜି ଆପଣଙ୍କ ହାତରେ ଅଛି ।’’

ବିଶ୍ୱାମିତ୍ର : ‘‘ନାରଦ ! ତୁମେ ଖୁବ୍ ବୁଦ୍ଧିମାନ ।

* ବିନ୍ଦୁ ଖ ହିରଣ୍ୟଗର୍ଭ, ବ୍ରହ୍ମା, ମନ

ଖୁବ୍ ଯୁକ୍ତିଯୁକ୍ତ କଥା କହୁଛ ତୁମେ ।''

ବିଶ୍ୱାମିତ୍ର ଛିଡ଼ାହୋଇ କହିଲେ : ''ହେ ଶ୍ରୀରାମ ! ରହିଯାଅ । ମୁଁ ହନୁମାନଙ୍କୁ କ୍ଷମା କରି ପ୍ରାଣଦାନ ଦେଉଛି ।''

'ସାଧୁ... ସାଧୁ... ! ଜୟ ଶ୍ରୀରାମ ! ଜୟ ବିଶ୍ୱାମିତ୍ର ! ଜୟ ହେଉ, ଜୟ ହେଉ, ଜୟ ହେଉ !!' ଜୟଘୋଷରେ ସାରା ବାତାବରଣ ଗୁଞ୍ଜରିତ ହେବାରେ ଲାଗିଲା ।

ନାରଦ ଛିଡ଼ା ହୋଇ କହିଲେ : ''ଶୁଣ, ଶୁଣ ! ସାଧୁ ସ୍ୱଭାବର ସଜ୍ଜନବୃନ୍ଦ ! ସତ୍ୟପ୍ରିୟ ଲୋକ ! 'ଭଗବାନ ବଡ଼ ନା ଭଗବାନଙ୍କର ନାମ ବଡ଼ ?' ଏହାର ନିର୍ଣ୍ଣୟ ଆଜି ସରଯୁ-ତଟରେ ପ୍ରତ୍ୟକ୍ଷ ହୋଇଗଲା । ଭଗବାନ ସନ୍ଧାନ କରି ଏତେ-ଏତେ ବାଣ ମାରିଲେ କିନ୍ତୁ ଭଗବାନଙ୍କର ନାମ ସେସବୁ ବାଣକୁ ନିରସ୍ତ କରିଦେଲା । ବର୍ତ୍ତମାନ ଏହା ଉପରେ କିଏ କ'ଣ ଶାସ୍ତ୍ରାର୍ଥ କରିବ ?''

ରାମୁ ନ ସକହିଁ ନାମ ଗୁନ ଗାଈ ।

ଭଗବାନ ରାମ ମଧ୍ୟ ଭଗବନ୍ନାମର ଗୁଣ ଗାନ କରିପାରିବେ ନାହିଁ ।

ତେଣୁ ଭଗବାନଙ୍କର ନାମ ଆଉ ଯେତେବେଳେ ତାହା ବ୍ରହ୍ମବେତ୍ତା ସଦ୍‌ଗୁରୁଙ୍କ ଦ୍ୱାରା ମିଳିଯାଏ ଏବଂ ତାହାର ଅର୍ଥ ବୁଝି ଯଦି କେହି ଜପ କରେ ତେବେ ମହାରାଜ ! ତାହାର ଜନ୍ମ-ଜନ୍ମାନ୍ତରର କୁସଂସ୍କାର, ପାପ-ତାପ ନଷ୍ଟ ହୋଇଯାନ୍ତି । ଭଗବନ୍ନାମ, ଗୁରୁମନ୍ତ୍ର ଜପିବା ଦ୍ୱାରା ୮୪ ନାଡ଼ି, ୨୬ ଉପତ୍ୟକା, ୫ ଶରୀର ଓ ୭ ମୁଖ୍ୟ କେନ୍ଦ୍ରରେ ସାତ୍ତ୍ୱିକ ଭଗବଦ୍-ଆନ୍ଦୋଳନ ସୃଷ୍ଟି ହୁଏ । ଭଗବନ୍ନାମ ଅକାଳ ମୃତ୍ୟୁକୁ ଟାଳିଦିଏ, ବୁଦ୍ଧିରେ ସତ୍ତ୍ୱର ସଞ୍ଚାର କରେ ଏବଂ ଯେତେବେଳେ ସଦ୍‌ଗୁରୁ ଭଗବନ୍ନାମ ଦିଅନ୍ତି ସେତେବେଳେ ସେହି ନାମ 'ଗୁରୁମନ୍ତ୍ର' ଅର୍ଥାତ୍ ବଡ଼ ମନ୍ତ୍ର ହୋଇଯାଏ ।

## ପରମାତ୍ମପ୍ରାପ୍ତିରେ ବାଧକ ଅସୁର ଓ ସେମାନଙ୍କୁ ମାରିବାର ଉପାୟ

ପୂଜ୍ୟ ବାପୁଜୀ

ପଦ୍ମ ପୁରାଣର ଉତ୍ତର ଖଣ୍ଡରେ ଉଲ୍ଲେଖ ଅଛି ଯେ ଜୟ-ବିଜୟ ଭଗବାନଙ୍କର ପାରିଷଦ ଥିଲେ । 'ଜୟ' ଅର୍ଥାତ୍ 'ଅହଂତା' ଓ 'ବିଜୟ' ଅର୍ଥାତ୍ 'ମମତା' । ଭଗବାନ ସଚ୍ଚିଦାନନ୍ଦ ହୋଇଥିଲେ ମଧ୍ୟ ଅହଂତା ଓ ମମତା କାରଣରୁ ଅନୁଭବରେ ଆସନ୍ତି ନାହିଁ । ଜୟ-ବିଜୟ ଭଗବାନଙ୍କର ପାରିଷଦ ଅଟନ୍ତି କିନ୍ତୁ ସେମାନଙ୍କର ନିଜର ଅହଂତା ଅଛି, ନିଜ ପଦର ମମତା ଅଛି ।

ସନକାଦି ଋଷି ବ୍ରହ୍ମବେତ୍ତା ଥିଲେ, ସେମାନଙ୍କୁ ନିଜ ସଚ୍ଚିଦାନନ୍ଦ ସ୍ୱଭାବ ହସ୍ତାମଳକବତ୍ (ହାତରେ ରଖା ହୋଇଥିବା ଅଁଳା ପରି ସୁସ୍ପଷ୍ଟ ଓ ପ୍ରତ୍ୟକ୍ଷ) ଥିଲା । ସନକାଦିକ ଋଷି ଯୋଗବଳରେ ପହଞ୍ଚିଲେ ଭଗବାନ ନାରାୟଣଙ୍କୁ ଭେଟ ହେବାକୁ । ଜୟ-ବିଜୟ ସେମାନଙ୍କର ଅପମାନ କରି ୩-୩ ଥର ଅଟକାଇ ଦେଲେ ।

ସନକାଦି ଋଷିମାନେ କହିଲେ : ''ତୁମେ ଭଗବାନଙ୍କର ଧାମରେ ଅଛ ତଥାପି ତୁମର ଅହଂତା-ମମତା ଯାଇ ନାହିଁ ! ତୁମେ ଦୈତ୍ୟ ପରି ବ୍ୟବହାର କରୁଛ ଏବଂ ଭଗବାନଙ୍କର ପାରିଷଦ ବୋଲାଉଛ ! ୩ ଥର ଅଟକାଇଲ ତ ଯାଅ, ତୁମକୁ ୩ ଥର ଦୈତ୍ୟ ଯୋନିରେ ଘୂରିବାକୁ ପଡ଼ିବ !''

ସନକାଦି ଋଷିଙ୍କର ଅସନ୍ତୋଷଭରା ବାଣୀ ଶୁଣି ଭଗବାନ ନାରାୟଣ ଆସିଲେ । ଜୟ-ବିଜୟକୁ କହିଲେ : ''ତୁମେ ବହୁତ ଉଦଣ୍ଡ ହୋଇ ଯାଇଥିଲ, ମୋତେ ଦଣ୍ଡ ଦେବାର ଥିଲା ତ ସନ୍ଥ ମୋର ହିଁ ରୂପ ଅଟନ୍ତି । ଋଷିମାନେ ଯେଉଁ ଉପଦେଶ କିମ୍ବା ଅଭିଶାପ ଦେଇଛନ୍ତି, ତାହା ଉଚିତ ଦେଇଛନ୍ତି, ସେହିପରି ହେଉ ।''

ଜୟ-ବିଜୟ ବିଳାପ କରିବାରେ ଲାଗିଲେ ।

ଭଗବାନ କହିଲେ : ''ଯାହାହେଲେ ବି ତୁମେ ମୋର ସେବକ, ତୁମକୁ ୩-୩ ଥର ଜନ୍ମ ନେବାକୁ ପଡ଼ିବ ତ ମୁଁ ମଧ୍ୟ ଆସିବି ତୁମକୁ ସେହି-ସେହି ଜନ୍ମରୁ ଉଦ୍ଧାର କରିବା ପାଇଁ ।''

ସେହି ଜୟ-ବିଜୟ ହିରଣ୍ୟାକ୍ଷ ଓ ହିରଣ୍ୟକଶିପୁ ହେଲେ । ହିରଣ୍ୟାକ୍ଷକୁ ଭଗବାନ ବାରାହ ଅବତାର ଧାରଣ କରି ମାରିଲେ ଏବଂ ହିରଣ୍ୟକଶିପୁକୁ ମାରିବା ପାଇଁ ଭଗବାନ ନୃସିଂହ ରୂପ ଧାରଣ କଲେ ।

ସନକ ଋଷି କହିଲେ : ''ଆଚ୍ଛା, ଭଗବାନ ! ଆପଣ ଯିବେ ନିଜର ସେବକଙ୍କୁ ଶୁଦ୍ଧ କରିବା ପାଇଁ

ତ ସେହି ଲୀଳା ଦର୍ଶନ ଓ ଆପଣଙ୍କର ଅବତରଣରେ ସହଯୋଗୀ ହେବାକୁ ଆମେ ମଧ୍ୟ ଆସିବୁ ।

ଭଗବାନ ! ଆପଣ ଭକ୍ତର ପ୍ରାର୍ଥନାରେ ଆସିବେ ତ ଆମେ ଆପଣଙ୍କର ଭକ୍ତ ହୋଇଯିବୁ । ଆମେ ହିରଣ୍ୟକଶିପୁର ଘରେ ପ୍ରହ୍ଲାଦ ହୋଇ ଆସିବୁ । ସେ ଆମକୁ ଭଗବଦ୍‌ଭକ୍ତି କରିବାରୁ ରୋକିବ-ବାଧା ଦେବ, ଗାଳି ଦେବ... ଏହି ଆମର ବିରୋଧୀ ସେଠାରେ ଉତ୍ପାତ କଲେ ଆପଣ ସେଠାରେ ପ୍ରକଟ ହେବେ ।’’

ତେଣୁ ସନକ ଋଷି ପ୍ରହ୍ଲାଦ ହୋଇ ଆସିଲେ । ଭଗବାନ ପ୍ରହ୍ଲାଦର ତପସ୍ୟା, ସମତାର ପ୍ରଭାବରୁ, ହିରଣ୍ୟକଶିପୁର ଉଦଣ୍ଡତାକୁ ନିୟନ୍ତ୍ରିତ କରିବା ପାଇଁ ଏବଂ ସମାଜକୁ ଜ୍ଞାନ, ଭକ୍ତି ଓ ଲୀଳା-ଅମୃତ ଚଖାଇବା ପାଇଁ ନୃସିଂହରୂପରେ ଆସିଲେ ।



ହିରଣ୍ୟକଶିପୁ ବରଦାନ ମାଗିଥିଲା ‘ମୁଁ ନା ଦିନରେ ମରିବି ନା ରାତ୍ରିରେ ମରିବି...’

ଅହଂକାର ଦିନରେ ମଧ୍ୟ ମରେ ନାହିଁ, ରାତ୍ରିରେ ମଧ୍ୟ ମରେ ନାହିଁ ।

ନା ଭିତରେ ମରିବି ନା ବାହାରେ ମରିବି...’

ଅହଂକାର ଘର ଭିତରେ ମରେ ନାହିଁ ଏବଂ ବାହାରେ ମଧ୍ୟ ମରେ ନାହିଁ ।

‘ନା ଅସ୍ତ୍ରରେ ମରିବି ନା ଶସ୍ତ୍ରରେ ମରିବି...’

ଅହଂକାର ଅସ୍ତ୍ର-ଶସ୍ତ୍ରରେ ମଧ୍ୟ ମରେ ନାହିଁ ।

‘ଦେବତା ଦ୍ୱାରା ମରିବି ନାହିଁ, ଦାନବ ଦ୍ୱାରା ମରିବି ନାହିଁ, ମାନବ ଦ୍ୱାରା ମରିବି ନାହିଁ...’

ଅହଂକାର ଏସବୁ ସାଧନରେ ମରେ ନାହିଁ । ଏହା କଥାର ଅମୃତପାନ କରାଇବା ପାଇଁ ଭଗବାନଙ୍କର ସାକାର ଲୀଳା । ତେବେ ଅହଂକାର କିପରି ମରେ ?

ଭଗବାନ ଦେଖିଲେ ଯେ ତୋତେ ଯାହା ବି ବରଦାନ ମିଳିଛି, ସେଥିରୁ ବିଲକ୍ଷଣ ଅବତାର ମଧ୍ୟ ମୁଁ ନିଜ ଭକ୍ତ ପାଇଁ ଧାରଣ କରିପାରିବି ! ତେଣୁ ନୃସିଂହ ଅବତାର... ! ଶରୀର ତ ନରର ଏବଂ ମୁଖମଣ୍ଡଳ ଓ ନଖ ସିଂହର । ଭିତରେ ମରିବୁ ନାହିଁ, ବାହାରେ ମରିବୁ ନାହିଁ ତେଣୁ ଦ୍ୱାରବନ୍ଧ ଉପରେ ମର । ସକାଳେ ମରିବୁ ନାହିଁ, ସନ୍ଧ୍ୟାରେ ମରିବୁ ନାହିଁ ତେଣୁ ସନ୍ଧିକାଳରେ ମର ।

ଆମର ଓ ଈଶ୍ୱରଙ୍କ ମଧ୍ୟରେ ଯେଉଁ ଅହଂକାର ଅଛି ତାହା ସନ୍ଧିକାଳରେ ମରେ । ଶ୍ୱାସ ଭିତରକୁ ଗଲା ଓ ବାହାରକୁ ଆସିଲା ତନ୍ମଧ୍ୟରେ ଯେଉଁ ସନ୍ଧିକାଳ ଅଛି ତାକୁ ଦେଖିଲେ ଅହଂକାର ଦ୍ରବିତ ହୋଇଯିବ ଏବଂ ଈଶ୍ୱର ସଚ୍ଚିଦାନନ୍ଦର ସ୍ୱଭାବ ପ୍ରକଟ ହେବ ।

‘ଅସ୍ତ୍ର-ଶସ୍ତ୍ରରେ ମରିବି ନାହିଁ...’ କିନ୍ତୁ ତାହା ସୂକ୍ଷ୍ମ ବିବେକରୂପୀ ତୀକ୍ଷ୍ଣ ନଖରେ ମରେ ।

ହିରଣ୍ୟାକ୍ଷ ମମତା ଓ ହିରଣ୍ୟକଶିପୁ ଅହଂତା ଅଟେ । ଏହି ଅହଂତା ଓ ମମତା କାରଣରୁ ଯାହା ଦୁର୍ଲଭ ନୁହେଁ, ନିକଟ ଏପରି ପରମାତ୍ମା ଦେଖାଯାଉ ନାହିଁ । ଏ ଦୁହେଁ ଅସୁର ଅଟନ୍ତି ଯିଏ ଠାକୁରଙ୍କ ସଙ୍ଗେ ମିଶିବାରେ ତାହାର ଦ୍ୱାରରେ ବାଧା ସୃଷ୍ଟି କରନ୍ତି । ତେଣୁ ଅହଂତା ଓ ମମତାକୁ ମାରିବାର ଉପାୟ ହେଉଛି ‘ଅଜପା ଗାୟତ୍ରୀ’* ଅଥବା ଉଚ୍ଚାରଣ କର ‘ହରି ଓଜଜଜ...ମ୍’ ତେବେ ହରିର ‘ହ’ ଓ ଓଁର ‘ମ୍’- ଏହା ମଧ୍ୟରେ ସଂକଳ୍ପ-ବିକଳ୍ପ ହେବ ନାହିଁ, ଅହଂକାର ପ୍ରବେଶ କରିପାରିବ ନାହିଁ, ଚଞ୍ଚଳତା ଆସିବ ନାହିଁ, ମମତା ପଶିବ ନାହିଁ ଏବଂ ଅନ୍ୟ କିଛି ଆସିବ ନାହିଁ । ଅଳ୍ପ କିଛି ଦିନ ଏହି ଅଭ୍ୟାସ କଲେ ପତ୍ରଝଡ଼ାରେ ବୃକ୍ଷର ଅନେକ ଗୁଡ଼ାଏ ସଫାଇ ହୋଇଯିବା ପରି ଅନେକ ସଂକଳ୍ପ-ବିକଳ୍ପ, ଅହଂତା-ମମତାର ପରିବାର ଓ ବାସନାର ସଫାଇ ହୋଇଯିବ । ଚିତ୍ତରେ ଶାନ୍ତି ଆସିବାରେ ଲାଗିବ ।

---

* ଶ୍ୱାସୋଚ୍ଛ୍ୱାସରେ ସ୍ୱତଃ ହେଉଥିବା ‘ସୋଽହମ୍’ (ଶ୍ୱାସ ଭିତରକୁ ଗଲେ ‘ସୋଜ... ଓ ବାହାରକୁ ଆସିବା ସମୟରେ ‘ହମ୍...’)ର ଜପକୁ ସାକ୍ଷୀରୂପରେ ଦେଖି ତାର ଅର୍ଥ (‘ସେହି ପରମାତ୍ମା ମୁଁ ଅଟେ’)ର ଚିନ୍ତନ କରି ଶାନ୍ତ ହୋଇଯାଅ । ଏହା କଠିନ ଲାଗିଲେ ଶ୍ୱାସୋଚ୍ଛ୍ୱାସର ମାନସିକ ରୂପରେ ଭଗବନ୍ନାମ-ଜପସହିତ ଗଣତି (ଶ୍ୱାସ ଭିତରକୁ ଗଲେ ‘ଓଁ’, ବାହାରକୁ ଆସିଲେ ‘୧’, ଶ୍ୱାସ ଭିତରକୁ ଗଲେ ‘ଶାନ୍ତି’ କିମ୍ବା ‘ଆନନ୍ଦ’ ବା ‘ମାଧୁର୍ଯ୍ୟ’, ବାହାରକୁ ଆସିଲେ ‘୨’... ଏହି ପ୍ରକାର ଗଣତି) କରି ଶାନ୍ତ ହୋଇଯାଅ ।

# ଏପରି ସର୍ବାନ୍ତର୍ଯ୍ୟାମୀ, କରୁଣାନିଧାନ ସଦ୍‌ଗୁରୁଙ୍କର କ'ଣ ଓ କିପରି ବର୍ଣ୍ଣନା କରିବି !

'ସମସ୍ତଙ୍କର ପ୍ରାର୍ଥନା ଶୁଣନ୍ତି, ଜପ, ସତ୍‌ସଙ୍ଗ ଓ ଈଶ୍ୱରୀୟ ପ୍ରୀତି ବଢ଼ାନ୍ତି' ଗତାଙ୍କର ଆଗକୁ

## ପୂଜ୍ୟ ବାପୁଜୀଙ୍କର ଜୀବନ-ପ୍ରସଙ୍ଗ

ସୁଶୀଳା ବବେରଓ୍ୱାଲ ପୂଜ୍ୟ ବାପୁଜୀଙ୍କର ଅନ୍ୟ କିଛି ଜୀବନ-ପ୍ରସଙ୍ଗ ଜଣାଇ କହନ୍ତି :

### ଅନ୍ତର୍ଯ୍ୟାମୀ ଗୁରୁଦେବ ସବୁ ଶୁଣନ୍ତି

ଏକଦା ମୁଁ 'ମେରୀ ପ୍ରୀତ ଲଗା ଦୋ ଗୁରୁବର, ମେରୀ ଭକ୍ତି ଜଗା ଦୋ ଗୁରୁବର...' ଏହି ଭଜନ ଶୁଣିଲି । ମୋତେ ବହୁତ ଭଲ ଲାଗିଲା । ମୁଁ ପ୍ରତିଦିନ ସକାଳେ ବାପୁଜୀଙ୍କର ଶ୍ରୀଚିତ୍ର ସମ୍ମୁଖରେ ବସି ଯାଉଥିଲି ଏବଂ ଗୁରୁଦେବଙ୍କୁ ଭଜନ ଶୁଣାଉଥିଲି । ତା ସହିତ 'ନାରାୟଣ... ନାରାୟଣ...' ଭଜନ ମଧ ଶୁଣାଉଥିଲି । ଏହା ମୋର ନିୟମ ହୋଇ ଯାଇଥିଲା । ଏପରି ପ୍ରାୟ ଦୁଇ ମାସ ପର୍ଯ୍ୟନ୍ତ ଚାଲିଲା ।

ଦିନେ ମୁଁ ଗୁରୁଦେବଙ୍କର ଶ୍ରୀଚିତ୍ର ସମ୍ମୁଖରେ ଭଜନ ଗାଇଲି ଏବଂ କହିଲି : "ବାପୁଜୀ ! ମୁଁ ପ୍ରତିଦିନ ଆପଣଙ୍କୁ ଭଜନ ଶୁଣାଉଛି, ଆପଣ କ'ଣ କେବେ ଶୁଣନ୍ତି ନା ନାହିଁ ?"

କିଛି ଦିନ ପରେ ବାପୁଜୀ ବାହାଦୁରଗଡ଼ ଆଶ୍ରମ ପଦାର୍ପଣ କଲେ । ଆମେ ସବୁ ଦର୍ଶନ-ସତ୍‌ସଙ୍ଗ ହେତୁ ସେଠାକୁ ଗଲୁ । ସତ୍‌ସଙ୍ଗ ପୂରା ହେବାପରେ ଗୁରୁଦେବ ପଚାରିଲେ : "ଆରେ, ଏଠାକାର ଭଉଣୀ, ମାତାମାନେ କେହି ଭଜନ ଗାଆନ୍ତି ନା ନାହିଁ ?"

ଜଣେ ଭଉଣୀ ଭଜନ ଗାଇବା ଆରମ୍ଭ କଲା । ତାର ପୂରା ହେବାମାତ୍ରେ ହିଁ ମୁଁ ସେହି ଭଜନ ଗାଇବା ଆରମ୍ଭ କଲି ଯାହା ପ୍ରତିଦିନ ଘରେ ଗାଉଥିଲି । ଜଣେ ଭାଇ ମୋତେ ମାଇକ୍ ଦେବାରେ ଲାଗିବାରୁ ବାପୁଜୀ କହିଲେ : "ନାହିଁ, ନାହିଁ, ବିନା ମାଇକ୍‌ରେ ଗାଇବ ।"

ମୁଁ ବିଚାର କଲି ଯେ ପ୍ରତିଦିନ ବିନା ମାଇକ୍‌ରେ ଶୁଣାଉଛି ଏଥିପାଇଁ ବାପୁଜୀ ମନା କରିଦେଲେ । ମଝିରେ-ମଝିରେ ପୂଜ୍ୟଶ୍ରୀ କିଛି ପଙ୍‌କ୍ତି ମୋତେ ପୁନଶ୍ଚ ଗାଇବାକୁ କହୁଥିଲେ ଏବଂ ମୋ ସଙ୍ଗରେ ସ୍ୱୟଂ ମଧ ଗାଇବାରେ ଲାଗୁଥିଲେ । ପୂଜ୍ୟଶ୍ରୀଙ୍କର ପ୍ରେମମୟୀ, କୃପାମୟୀ ଦୃଷ୍ଟି, ମଧୁର ହାସ୍ୟ, ଅନୁପମ ଭାବଭଙ୍ଗୀ ଦେଖି ସମସ୍ତେ ମୋହିତ ହୋଇଗଲେ । ଆମେ ସମସ୍ତେ ବିଚାର କରୁଥିଲୁ ଯେ ବାପୁଜୀ ବ୍ୟାସପୀଠ ଉପରେ ହିଁ ବସି ରହନ୍ତୁ ଯେପରିକି ଆମକୁ ଦର୍ଶନ-ସାନ୍ନିଧ୍ୟର ଆହୁରି ଲାଭ ମିଳିବ । ଏଥିପାଇଁ ମୁଁ 'ନାରାୟଣ... ନାରାୟଣ...' ଭଜନ ମଧ ଗାଇବାରେ ଲାଗିଲି । ବାପୁଜୀ ବ୍ୟାସପୀଠରେ ଛିଡ଼ା ହେଲେ ଏବଂ କୀର୍ତ୍ତନ ସହିତ ନୃତ୍ୟ କରିବାରେ ଲାଗିଲେ । ତାପରେ ଗୁରୁଦେବ ଆମ ସମସ୍ତଙ୍କୁ ବହୁତ ପ୍ରସାଦ ବାଣ୍ଟିଲେ । ଭଜନର ଶେଷ ପଙ୍‌କ୍ତି ଚାଲୁଥିବା ସମୟରେ ଗୁରୁଦେବ ବ୍ୟାସପୀଠରୁ ତଳକୁ ଓହ୍ଲାଇଲେ ଏବଂ ମୋର ସମ୍ମୁଖକୁ ଆସି କହିଲେ : "ଶୁଣୁଛି ନା ମୁଁ ଭଜନ !" ମୁଁ ବିସ୍ମିତ ହୋଇ କହିଲି : "ଆଜ୍ଞା !"

ମୋର ଅନୁଭବ ହେଲା ଯେ ସଦ୍‌ଗୁରୁଦେବ ସରଳ ହୃଦୟର ପ୍ରାର୍ଥନା ଅବଶ୍ୟ ଶୁଣନ୍ତି । ବ୍ରହ୍ମବେତ୍ତା ସନ୍ତ ଚରାଚର ବ୍ରହ୍ମାଣ୍ଡରେ ବ୍ୟାପ୍ତ । ଯେତେବେଳେ ଭକ୍ତ ହୃଦୟପୂର୍ବକ ପ୍ରାର୍ଥନା କରେ ସେତେବେଳେ ଦୂରତା କୌଣସି ମହତ୍ତ୍ୱ ରଖେ ନାହିଁ । ଏପରି ପରମାତ୍ମସ୍ୱରୂପ ଅନ୍ତର୍ଯ୍ୟାମୀ ଗୁରୁଦେବଙ୍କର ଶ୍ରୀଚରଣରେ ଶତ-ଶତ ପ୍ରଣାମ !

### ଟିକିଏ ସେବାର ଦିଅନ୍ତି ଅନେକ ଗୁଣା ଫଳ

୨୦୦୬ରେ ମୁଁ ଗୁରୁପୂର୍ଣ୍ଣିମା ପର୍ବ ନିମନ୍ତେ ଅହମଦାବାଦ ଆଶ୍ରମ ଆସିଥିଲି ଏବଂ ୨ ମାସର ମୌନ ଅନୁଷ୍ଠାନ କରିବା ହେତୁ ଅଟକିଲି । ମୋର ମନରେ ବାରମ୍ବାର ବାପୁଜୀଙ୍କର ଦର୍ଶନ କରିବା, ଗୁରୁଦେବଙ୍କ ସଙ୍ଗେ କଥାବାର୍ତ୍ତା କରିବାର ତୀବ୍ର ଉତ୍କଣ୍ଠା ହେଉଥିଲା । ଅନୁଷ୍ଠାନ ପୂରା ହେବାର ଦିନେ ପୂର୍ବରୁ ବଡ଼ ସୌଭାଗ୍ୟରେ ପୂଜ୍ୟଶ୍ରୀଙ୍କ ସଙ୍ଗେ କଥାବାର୍ତ୍ତା

କରିବାର ଅବସର ମିଳିଲା । ବାପୁଜୀ ମୋର ମୌନ ଖୋଲାଇ କହିଲେ ଯେ "ତୋ ସଙ୍ଗରେ ପରେ କଥା ହେବି ।" ମୁଁ ବିଚ଼ାର କଲି, 'କେତେ କଷ୍ଟରେ କଥାବାର୍ତ୍ତା ହୋଇଥାଏ, ଏବେ ପୁଣି କେବେ କଥାବାର୍ତ୍ତା କରିବେ !'

ଦ୍ୱିତୀୟ ଦିନ ବାପୁଜୀ ଉଡ଼ାଜାହାଜରେ ଅହମଦାବାଦରୁ ଦିଲ୍ଲୀ ଯାଉଥିବା ସମୟରେ ମୋର ପୂଜ୍ୟଶ୍ରୀଙ୍କ ସଙ୍ଗେ କଥା ହେଲା । ଆମର ପରିବାର ବାପୁଜୀଙ୍କ ସହିତ କିପରି ଯୋଡ଼ି ହେଲେ ଏହି ବିଷୟରେ ପୂଜ୍ୟଶ୍ରୀ ପଚ଼ାରିଲେ ।

ମୁଁ କହିଲି : "ଆଜ୍ଞା, ମୋର ପିତା ଜଣେ ସମର୍ଥ ଗୁରୁଙ୍କର ଅନୁସନ୍ଧାନରେ ଲାଗି ରହିଥିଲେ । ସେ ଟି.ଭି.ରେ ଆପଣଙ୍କର ସତ୍‌ସଙ୍ଗ ଶୁଣୁଥିବା ସମୟରେ ତାହା ତାଙ୍କୁ ବହୁତ ଭଲ ଲାଗୁଥିଲା । ୧୯୯୬ର ଘଟଣା । ଆମର ପଡ଼ୋଶୀ ରାଜୀବ ସୋମାନୀ ନାମକ ଜଣେ ଭାଇ ଆପଣଙ୍କର ଦୀକ୍ଷିତ ଥିଲେ । ଏକଦା ସେ ଆଶ୍ରମର କ୍ୟାଲେଣ୍ଡର ବିଡ଼ା ହାତରେ ଧରି ଯାଉଥିଲେ । ପିତାଙ୍କର ଦୃଷ୍ଟି କ୍ୟାଲେଣ୍ଡରରେ ମୁଦ୍ରିତ ଆପଣଙ୍କର ଶ୍ରୀଚିତ୍ରରେ ପଡ଼ିବାରୁ ସେ ଅନାୟାସରେ କହି ପକାଇଲେ : "ଏହା ତ ଗୁରୁଜୀଙ୍କର କ୍ୟାଲେଣ୍ଡର, ଗୋଟିଏ ମୋତେ ଦେବେ ?"



ସେତେବେଳେ ତ ଘରେ କେହି ମଧ୍ୟ ଦୀକ୍ଷା ନେଇନଥିଲେ କିନ୍ତୁ ପିତାଙ୍କର ମୁହଁରୁ ଆପଣଙ୍କ ପ୍ରତି 'ଗୁରୁଜୀ' ଶବ୍ଦ ବାହାରି ଗଲା । ସେହି ଭାଇ ଅତି ପ୍ରସନ୍ନ ହୋଇ ଗୋଟିଏ କ୍ୟାଲେଣ୍ଡର ଦେଲା । ପିତା ତାକୁ ବଡ଼ ଆଦରରେ ନେଲେ ଏବଂ ସେହି ଭାଇକୁ ତାହାର ମୂଲ୍ୟ ପଚ଼ାରିବାରୁ ସେ ଟଙ୍କା ନେବାକୁ ମନା କରିଦେଲା ।"

"ଆଚ୍ଛା, ତେବେ ସେ ସେବା କରିନେଲା ।" ଏତିକି କହି ଗୁରୁଦେବ କିଛି ସେକେଣ୍ଡ ପାଇଁ ଆଖି ବନ୍ଦ କଲେ । ବ୍ରହ୍ମବେତ୍ତା ସନ୍ଥଙ୍କର ହୃଦୟ ସନ୍ତୁଷ୍ଟ ହେଲେ କଲ୍ୟାଣ କରିବା ବିନା ରହିପାରେ ନାହିଁ । ତାହା ଆଜି ଦେଖାଯାଉ କିମ୍ବା କାଲି ବା ପଅରଦିନ... ସନ୍ଥଙ୍କର କୃପା ତ ଅନୁଧାବନ କରିଥାଏ । ମୁଁ ଦେଖିଲି ଯେ ସେହି ଭାଇର ଗୁରୁକୃପାରୁ ଜୀବନରେ ବହୁତ କିଛି ଅନୁଭବ ହେଲା । ପ୍ରଥମେ ସେ ଭଡ଼ା ଘରେ ରହୁଥିଲେ କିନ୍ତୁ ପରେ ନିଜର ବଡ଼ କୋଠାଘର ମଧ୍ୟ ହୋଇଗଲା । ତାଙ୍କର ପତ୍ନୀଙ୍କ ଭୟଙ୍କର ଦୁର୍ଘଟଣାରୁ ପ୍ରାଣ ବଞ୍ଚିଗଲା ଏବଂ ପୂଜ୍ୟଶ୍ରୀଙ୍କୁ ସେହି ଭାଇର ସେବା ବିଷୟରେ ଜଣାଇବା ପୂର୍ବରୁ ମଧ୍ୟ ଅନେକ ବର୍ଷରୁ ପୁତ୍ରହୀନ ତାଙ୍କର ପରିବାରକୁ ପୂଜ୍ୟ ବାପୁଜୀଙ୍କର କୃପାରୁ ପୁତ୍ରରତ୍ନର ପ୍ରାପ୍ତି ମଧ୍ୟ ହୋଇଥିଲା । ଆଧ୍ୟାତ୍ମିକତାରେ ଗୁରୁଦେବ ତାଙ୍କୁ କେତେ ଦେଇଥିବେ ଏହା ତ ସେ ହିଁ ଜାଣନ୍ତି । ଆମେ କିଞ୍ଚିତ୍ ମାତ୍ର ସେବା କଲେ ମଧ୍ୟ ବ୍ରହ୍ମବେତ୍ତା ସନ୍ଥ ପୂଜ୍ୟ ବାପୁଜୀ ତାର ଅନେକ ଗୁଣା ଫଳ ଦିଅନ୍ତି ।

### ସେହି ସର୍ବଜ୍ଞଙ୍କଠାରୁ କିଛି ଲୁଚ଼େଇ ହୁଏ ନାହିଁ

ତାପରେ ଗୁରୁଦେବ କହିଲେ : "ଆଗକୁ କ'ଣ ହେଲା ?"

"ବାପୁଜୀ ! ଏକଦା ଅଚ଼ାନକ ପିତାଙ୍କୁ ଜ୍ୱର ଆସିଲା । ଅନେକ ଟେଷ୍ଟ କରିବା ପରେ ମଧ୍ୟ ଜ୍ୱରର ନିଦାନ ମିଳୁ ନଥିଲା । ୨୦-୨୫ ଦିନ ହୋଇଗଲା । ଦିନେ ସନ୍ଧ୍ୟାରେ ଅଚ଼ାନକ ତାଙ୍କର ସ୍ୱାସ୍ଥ୍ୟ ଅଧିକ ଖରାପ ହୋଇଗଲା । କହିବା ବନ୍ଦ ହୋଇଗଲା । ଆମେ ତୁରନ୍ତ ତାଙ୍କୁ ଡାକ୍ତରଖାନା ନେଇକରି ଗଲୁ । ଡାକ୍ତର କହିଲେ : "କୋମାରେ ପଡ଼ିଛନ୍ତି । ଜ୍ୱର ବ୍ରେନ୍‌ରେ ଚଢ଼ିଯାଇଛି । ଏବେ ୩ଟି ସମ୍ଭାବନା ଅଛି..."

ଗୁରୁଦେବ ଏକ୍‌ଦମ ଧ୍ୟାନପୂର୍ବକ ଶୁଣୁଥିଲେ । ମୁଁ ଆଗକୁ ଜଣାଇବା ସମୟରେ ଗୁରୁଦେବ କହିଲେ : "ରହିଯା... ରହିଯା... ରହିଯା... ଏବେ ମୁଁ କହୁଛି ଯେ ଡାକ୍ତର କେଉଁ-କେଉଁ ୩ଟି ସମ୍ଭାବନା କହିଥିଲେ ! ଡାକ୍ତର କହିଥିଲେ ଯେ 'ହୁଏତ ମରିଯିବେ କିମ୍ବା ପକ୍ଷାଘାତ (paralysis) ହୋଇଯିବ ଅଥବା ସ୍ମରଣଶକ୍ତି ଚାଲିଯିବ ।' ଏହା ହିଁ କହିଥିଲେ ନା ?"

ଏହା ଶୁଣି ମୁଁ ଆଶ୍ଚର୍ଯ୍ୟରେ ଭରିଗଲି । ମୁଁ ଏବେ ବୁଝିପାରିଲି ଯେ ସର୍ବଜ୍ଞ ଗୁରୁଦେବ ନ ଜାଣିବା ପରି ମୋଠାରୁ ଏସବୁ ପଚ଼ାରୁଛନ୍ତି ।

ମୁଁ କହିଲି : "ଆଜ୍ଞା... ଏହିପରି କହିଥିଲେ ଡାକ୍ତର । ମୋର ମା' ଡାକ୍ତରଖାନାରୁ ଘରକୁ ଆସିଲେ ଏବଂ ମୋତେ ଆଲିଙ୍ଗନ କରି ବହୁତ କାନ୍ଦିବାରେ ଲାଗିଲେ । ଏହି

ଆଲିଙ୍ଗନ କରି ବହୁତ କାନ୍ଦିବାରେ ଲାଗିଲେ । ଏହି ସମୟରେ ତାଙ୍କର ଦୃଷ୍ଟି କାନ୍ଥରେ ଲାଗିଥିବା ଆପଣଙ୍କର କ୍ୟାଲେଣ୍ଡରରେ ପଡ଼ିଲା ଏବଂ ଶ୍ରୀଚିତ୍ରକୁ ଦେଖି ଦେଖି ମା' କହିଲେ ଯେ ''ଦେଖନ୍ତୁ, ମୋର ପତିଦେବ ଅନାୟାସରେ ହେଲେ ମଧ୍ୟ ଯଦିଓ ଆପଣଙ୍କୁ 'ଗୁରୁଜୀ' କହିଛନ୍ତି, ଯଦି ଆପଣ ସମର୍ଥ ତେବେ ଆପଣ ଗୁରୁ ହୋଇ ଦେଖାଇବେ ତେବେ ଆପଣଙ୍କୁ ଜାଣିବି !''

ବାପୁଜୀ କହିଲେ : ''ଆଚ୍ଛା, ତୋର ମା'ର ତ ବଡ଼ ସାହସ ! ମୋତେ ସିଧା ଚ୍ୟାଲେଞ୍ଜ କରୁଛି !''

''ଆଜ୍ଞା ! ପରବର୍ତ୍ତୀ ଦିନ ପିତାଙ୍କର ହୋସ୍ ଆସିଲା । ଡାକ୍ତର ସ୍ମରଣଶକ୍ତି ଚେକ୍ କରାଇବାରୁ ତାହା ମଧ୍ୟ ଠିକ୍ ଥିଲା । ତାପରେ ଡାକ୍ତର କହିଲେ ଯେ ''ୟାଙ୍କୁ ସୁସ୍ଥ ହେବା ପାଇଁ ୨-୩ ମାସ ଲାଗିବ ।''

ଏତିକି ଶୁଣି ଅନ୍ତର୍ଯାମୀ ଗୁରୁଦେବ କହିଲେ : ''ରହିଯା... ରହିଯା... ମୁଁ କହୁଛି ଆଗକୁ କ'ଣ ହେଲା ! ତୋର ପିତା ୧୬ଶ ଦିନ ହିଁ ଘରକୁ ଆସି ଯାଇଥିଲେ ।''

''ଆଜ୍ଞା, ଏହିପରି ହୋଇଥିଲା ।''

'ଅନ୍ତର୍ଯାମୀ' ଶବ୍ଦର ଅର୍ଥ ଯାହା ପୂର୍ବରୁ ଶୁଣିଥିଲି, ତାହାର ସେଦିନ ପ୍ରତ୍ୟକ୍ଷ ଦର୍ଶନ କରିବାକୁ ମିଳିଲା । । ଯେଉଁ ଜ୍ଞାନ ପୂର୍ବରୁ ଶୁଣିଥିଲି ତାର ପ୍ରାକ୍ଟିକାଲ ଅନୁଭବ ହୋଇ ତାହା ବିଜ୍ଞାନରେ ପରିଣତ ହେଉଥିଲା । ବେଦାନ୍ତ ଦର୍ଶନ ପ୍ରତ୍ୟକ୍ଷ ଅନୁଭବର ସୂକ୍ଷ୍ମତମ ବିଜ୍ଞାନ । ଏହା କପୋଳକଳ୍ପିତ ନୁହେଁ । ମହାପୁରୁଷଙ୍କର ଜୀବନ ଜ୍ୱଳନ୍ତ ବେଦାନ୍ତ ଦର୍ଶନ ଅଟେ । ମୁଁ ଆଗକୁ ଜଣାଇଲି : ''ଯେଉଁ ପ୍ରକାର ପିତାଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ହେଉଥିଲା, ତାକୁ ଦେଖି ଡାକ୍ତରଙ୍କୁ ମଧ୍ୟ ଖୁବ୍ ଆଶ୍ଚର୍ଯ୍ୟ ହେଲା । ଗୁରୁଦେବ ! ଆପଣଙ୍କର କୃପାରୁ ହିଁ ମୋର ପିତା ଆଜି ପର୍ଯ୍ୟନ୍ତ ଜୀବିତ ଅଛନ୍ତି ।

ବେଦାନ୍ତ ଦର୍ଶନ ପ୍ରତ୍ୟକ୍ଷ ଅନୁଭବର ସୂକ୍ଷ୍ମତମ ବିଜ୍ଞାନ । ଏହା କପୋଳକଳ୍ପିତ ନୁହେଁ । ମହାପୁରୁଷଙ୍କର ଜୀବନ ଜ୍ୱଳନ୍ତ ବେଦାନ୍ତ ଦର୍ଶନ ଅଟେ ।

ପୂଜ୍ୟଶ୍ରୀ ହସି ହସି ବିନୋଦରେ କହିଲେ : ''ଆଉ କ'ଣ, ତାହା ହିଁ ତ ଅଟେ !'' ମୁଁ କହିଲି : ''ଆଜ୍ଞା, ଏହାପରେ ମୋର ପିତାଙ୍କର ଆପଣଙ୍କ ଶ୍ରୀଚରଣରେ ଶ୍ରଦ୍ଧା ବଢ଼ିଗଲା ଏବଂ ତାପରେ ଆମେ ସମସ୍ତେ ଦୀକ୍ଷା ନେଇଗଲୁ ।''

ଏହି ପ୍ରକାର ପୂଜ୍ୟ ବାପୁଜୀ ମୋତେ ପଚ଼ାରି ଚାଲୁଥିଲେ ଏବଂ ଆଗକୁ ଘଟିଥିବା ଘଟଣା ସ୍ୱୟଂ ମଧ୍ୟ ଜଣାଇ ଯାଉଥିଲେ । ଏପରି ତ୍ରିକାଳଦର୍ଶୀ ବ୍ରହ୍ମବେତ୍ତା ମହାପୁରୁଷଙ୍କଠାରୁ କିଛି ଲୁଚ଼ାଇ ହୁଏ ନାହିଁ । ଏପରି କରୁଣାନିଧାନ, ଦୁଃଖଭଞ୍ଜନ ଓ ସମସ୍ତଙ୍କର ପରମ ହିତୈଷୀ ସଦ୍‌ଗୁରୁଙ୍କର ମହିମା ଓ ଲୀଳାର କ'ଣ ବର୍ଣ୍ଣନା କରିବି ଓ କିପରି କରିବି ? ବେଦ ଓ ଶାସ୍ତ୍ର ମଧ୍ୟ ଏପରି ସନ୍ଥଙ୍କ ମହିମାର ପୂରା ବର୍ଣ୍ଣନା କରିପାରିବ ନାହିଁ । ସେହି ସାଧକ-ଶିଷ୍ୟମାନେ ଧନ୍ୟ ଯେଉଁମାନଙ୍କୁ ଈଶ୍ୱରଙ୍କଠାରୁ ମଧ୍ୟ ଅଧିକ କରୁଣା-କୃପା ବର୍ଷାଉଥିବା ପରମ ଗୁରୁ ପୂଜ୍ୟ ବାପୁଜୀ ସଦ୍‌ଗୁରୁରୂପରେ ମିଳିଛନ୍ତି । (କ୍ରମଶଃ)

## ସୁଖ ସେ ବିଚ଼ର

ୟହ ବିଶ୍ୱ ତୁଝସେ ବ୍ୟାପ୍ତ ହେ, ତୁ ବିଶ୍ୱ ମେଁ ଭରପୂର ହେ ।
ତୁ ୱାର ହେ ତୁ ପାର ହେ[1], ତୁ ପାସ ହେ ତୁ ଦୂର ହେ ।।
ଉତ୍ତର ତୁ ହୀ ଦକ୍ଷିଣ ତୁ ହୀ, ତୁ ହେ ଇଧର ତୁ ହେ ଉଧର ।
ଦେ ତ୍ୟାଗ ମନ କି କ୍ଷୁଦ୍ରତା, ନିଃଶଙ୍କ ହୋ ସୁଖ ସେ ବିଚ଼ର ।।
ନିରପେକ୍ଷ ଦ୍ରଷ୍ଟା ସର୍ବ କା, ଇସ ଦୃଶ୍ୟ ସେ ତୁ ଅନ୍ୟ ହେ ।
ଅକ୍ଷୁବ୍ଧ ହେ ଚିନ୍ମାତ୍ର ହେ, ସୁଖ-ସିନ୍ଧୁ ପୂର୍ଣ୍ଣ ଅନନ୍ୟ ହେ ।।
ଛଃ ଉର୍ମିୟୋଁ[2] ସେ ହେ ରହିତ, ମରତା ନହିଁ ତୁ ହେ ଅମର ।
ଐସୀ କିୟା କର ଭାବନା, ନିର୍ଭୟ ସଦା ସୁଖ ସେ ବିଚ଼ର ।।
ଆକାର ମିଥ୍ୟା ଜାନ ସବ, ଆକାର ବିନ ତୁ ହେ ଅଚ଼ଳ ।
ଜୀବନ ମରଣ ହେ କଳ୍ପନା, ତୁ ଏକରସ ନିର୍ମଳ ଅଟଳ ।।
ଜୈଁୟା ଜେବରୀ ମେଁ ସର୍ପ ତୈଁୟା, ଅଧ୍ୟସ୍ତ ତୁଝମେଁ ଚର ଅଚ଼ର ।
ଐସୀ କିୟା କର ଭାବନା, ନିଶ୍ଚିନ୍ତ ହୋ ସୁଖ ସେ ବିଚ଼ର ।।
ଦର୍ପଣ ଧରେ ଜବ ସାମନେ, ତବ ଗ୍ରାମ ଉସମେଁ ଭାସତା ।
ଦର୍ପଣ ହଟା ଲେତେ ଜଭୀ, ତବ ଗ୍ରାମ ହୋତା ଲାପତା ।।
ଜୈଁୟା ଗ୍ରାମ ଦର୍ପଣ ମାଁହିଁ ତୁଝମେଁ, ବିଶ୍ୱ ତୈଁୟା ଆତା ନଜର ।
ସଂସାର କୋ ମତ ଦେଖ, ନିଜ କୋ ଦେଖ ତୁ ସୁଖ ସେ ବିଚ଼ର ।।

(ସଦ୍‌ସାହିତ୍ୟ ସେବାକେନ୍ଦ୍ରରେ ଉପଲବ୍ଧ 'ଶ୍ରୀ ବ୍ରହ୍ମରାମାୟଣ'ରୁ)

---

୧.ଏପଟ ଓ ସେପଟର ଦୁଇ କୂଳରେ ତୁ ହିଁ ଅଛୁ । ୨. ଛଅ ପ୍ରକାର ତାପ- କ୍ଷୁଧା, ତୃଷ୍ଣା ବାର୍ଦ୍ଧକ୍ୟ, ମୃତ୍ୟୁ, ଶୋକ ତଥା ମୋହ । ଅନ୍ୟ ଏକ ମତରେ ଥଣ୍ଡା, ଗରମ, କ୍ଷୁଧା, ତୃଷ୍ଣା, ଲୋଭ ତଥା ମୋହ । ୩. ରଶ୍ମି

# କର୍ତ୍ତବ୍ୟନିଷ୍ଠ ଓ ନିର୍ଭୟ ହେବାର ଚାରୋଟି ମହାନ୍ ସୋପାନ

(ଗତାଙ୍କର ଶେଷ)

କର୍ତ୍ତବ୍ୟନିଷ୍ଠ ଓ ନିର୍ଭୟ ହେବାର ଶେଷ ଦୁଇଟି ସୋପାନ

**(୩) ମାନ-ଅପମାନ ବା ନିନ୍ଦା-ସ୍ତୁତିର ଉପେକ୍ଷା କରିବା :** କର୍ତ୍ତବ୍ୟ-କର୍ମ କରିବା ସମୟରେ ବହୁତ ଲୋକ ମାନ-ସମ୍ମାନ କରନ୍ତି, ପ୍ରଶଂସା କରନ୍ତି ତ ବହୁତ ଲୋକ ନିନ୍ଦା ଓ ତିରସ୍କାର ମଧ୍ୟ କରନ୍ତି । ମାନ-ଅପମାନ ଓ ନିନ୍ଦା-ସ୍ତୁତି- ଏସବୁ କର୍ତ୍ତବ୍ୟ-କର୍ମରୁ ପତିତ କରାନ୍ତି । ଅତଏବ କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି ଶାସ୍ତ୍ର-ସମ୍ମତ କାର୍ଯ୍ୟ କରିଚାଲିବା ଉଚିତ ଏବଂ ନିନ୍ଦା-ସ୍ତୁତି ପ୍ରତି ଧ୍ୟାନ ନ ଦେବା ଉଚିତ ।




ଅଭିମାନଂ ସୁରାପାନଂ
ଗୌରବଂ ରୌରବସ୍ତଥା ।
ପ୍ରତିଷ୍ଠା ଶୂକରୀ ବିଷ୍ଠା ତ୍ରୀଣି
ତ୍ୟକ୍ତ୍ୱା ସୁଖୀ ଭବେତ୍ ॥

'ଅଭିମାନ ମଦ୍ୟପାନ ସମାନ, ଗୌରବ ରୌରବ ନର୍କ ସମାନ ଏବଂ ପ୍ରତିଷ୍ଠା ଘୁଷୁରିର ବିଷ୍ଠା ସମାନ । ଏଣୁ ତିନୋଟିକୁ ତ୍ୟାଗ କରି ସୁଖୀ ହୋଇଯାଅ ।' ଏସବୁ ବିଷତୁଲ୍ୟ ଓ କର୍ତ୍ତବ୍ୟପାଳନରେ ବାଧା ଉତ୍ପନ୍ନ କରନ୍ତି । ଏଥିପାଇଁ ସର୍ବଦା ଏସବୁକୁ ଉପେକ୍ଷା କରିବା ଉଚିତ ।

**(୪) ଅନୁକୂଳତା-ପ୍ରତିକୂଳତା ଉଭୟରେ ପ୍ରସନ୍ନ ରହିବା :** କର୍ତ୍ତବ୍ୟପାଳନରେ ଅନୁକୂଳ କିମ୍ବା ପ୍ରତିକୂଳ ପରିସ୍ଥିତି ଉତ୍ପନ୍ନ ହୋଇଥାନ୍ତି । ଅନୁକୂଳ ପରିସ୍ଥିତିରେ କର୍ତ୍ତବ୍ୟଶୀଳ ବ୍ୟକ୍ତି ନା ହର୍ଷିତ ହୁଏ ଏବଂ ନା ପ୍ରତିକୂଳ ପରିସ୍ଥିତି କାରଣରୁ ହତାଶ ଓ ଚିନ୍ତିତ ହୋଇଥାଏ । ପରିସ୍ଥିତି ତ ସମୟାନୁସାରେ ବଦଳି ଚାଲେ କିନ୍ତୁ ପ୍ରତ୍ୟେକ ପରିସ୍ଥିତିରେ କର୍ତ୍ତବ୍ୟ-କର୍ମର ଧାରା ସର୍ବଦା ଏକ ସମାନ ଚାଲିରହିବା ଉଚିତ । ପ୍ରତିକୂଳ ପରିସ୍ଥିତିରୁ ବିବଶ ହୋଇ କର୍ତ୍ତବ୍ୟ-କର୍ମର ତ୍ୟାଗ କରିବା କଦାପି ଉଚିତ ନୁହେଁ । କର୍ତ୍ତବ୍ୟନିଷ୍ଠ ବ୍ୟକ୍ତି ପ୍ରତିକୂଳ ପରିସ୍ଥିତିକୁ ମଧ୍ୟ କର୍ତ୍ତବ୍ୟ-ସାଧନରେ ଅନୁକୂଳ କରିଦିଅନ୍ତି । ଏହା କେବଳ ମନର ପ୍ରସନ୍ନତା ଦ୍ୱାରା ହିଁ ସମ୍ଭବ । ସର୍ବଦା ପ୍ରସନ୍ନ ରହିବା, ପ୍ରତ୍ୟେକ ପରିସ୍ଥିତିକୁ ହସି-ହସି ସହ୍ୟ କରିବା କର୍ତ୍ତବ୍ୟନିଷ୍ଠର କଷଟିପଥର ଅଟେ । ସଂସାରରେ ଯେଉଁମାନେ ମଧ୍ୟ ମହାପୁରୁଷ ହୋଇଛନ୍ତି, ସେମାନେ ସମସ୍ତେ ଯେଉଁଠି ଚରିତ୍ରବାନ ଓ ନିଷ୍ଠାବାନ ରହନ୍ତି ସେଠାରେ ପ୍ରସନ୍ନଚିତ୍ତ ଓ ହସମୁଖ ମଧ୍ୟ ରହନ୍ତି ।

ଏଥିପାଇଁ କଥିତ ଅଛି, 'ଗୋଟିଏ ଔଷଧ ସବୁ ରୋଗର, ହସିବା ଶିଖ ହେ ଭାଇ ମୋର ।'

ଅତଏବ ପ୍ରତ୍ୟେକ ବ୍ୟକ୍ତି, ସେ ଯେ କୌଣସି ପଦରେ ରହିଥାଉ, ନିଜ ପଦର ଅନୁକୂଳ (ଧର୍ମ-ବିହିତ) କର୍ମ କରି ସେ ଚରିତ୍ରବାନ ହେବା ଉଚିତ । ନିଜ କର୍ମରେ ନିନ୍ଦା-ସ୍ତୁତିର ଚିନ୍ତା କରିବା ବିନା ପ୍ରସନ୍ନଚିତ୍ତ ହୋଇ ପ୍ରଭୁ-ସ୍ମରଣ ସହିତ ନିର୍ଭୟତାପୂର୍ବକ ଦତ୍ତ-ଚିତ୍ତ ହୋଇ କର୍ମରେ ଲାଗିରହିବା ଉଚିତ । ନିଜ କର୍ତ୍ତବ୍ୟ-କର୍ମର ତତ୍ପରତାପୂର୍ବକ ପ୍ରସନ୍ନତାରେ ପାଳନ କରିବା ଉଚ୍ଚ କୋଟିର ସାଧନା ଅଟେ । ନିଜର ପୂରା କ୍ଷମତା, ମେଧା (ଉତ୍ତମ ବୁଦ୍ଧି) ଓ ଯୋଗ୍ୟତା ସହିତ ସିଦ୍ଧି-ଅସିଦ୍ଧି (ସଫଳତା-ଅସଫଳତା) ଚିନ୍ତା କରିବା ବିନା କର୍ତ୍ତବ୍ୟପାଳନରେ ସଂଲଗ୍ନ ରହିବା ହିଁ ଧର୍ମ ଅଟେ । ଏଣୁ ମାନବ ପାଇଁ ଯାହା ନିୟତ କର୍ମ, ସ୍ୱାଭାବିକ କର୍ମ ଅଟେ ସେସବୁ ଶାସ୍ତ୍ର-ବିହିତ କର୍ମକୁ ସମ୍ପାଦିତ କରିଚାଲିବା ଉଚିତ ।

ଭଗବାନ ଶ୍ରୀକୃଷ୍ଣ କହନ୍ତି :

ସ୍ୱେ ସ୍ୱେ କର୍ମଣ୍ୟଭିରତଃ ସଂସିଦ୍ଧିଂ ଲଭତେ ନରଃ ।

'ନିଜ-ନିଜର ସ୍ୱାଭାବିକ କର୍ମରେ ତତ୍ପରତାର ସହିତ ଲାଗିରହିଥିବା ମନୁଷ୍ୟ ସଂସିଦ୍ଧି (ସମ୍ୟକ୍ ଜ୍ଞାନ, ଆତ୍ମଜ୍ଞାନ) ପ୍ରାପ୍ତ କରିନିଏ ।'

(ଗୀତା : ୧୮.୪୫)




# ତୁମେ ମଧ୍ୟ ହୋଇପାରିବ ନିଜର ୨୧ ପିଢ଼ିର ଉଦ୍ଧାରକ - ପୂଜ୍ୟ ବାପୁଜୀ



ପ୍ରାଚୀନ କାଳର କଥା । ନର୍ମଦା ନଦୀର ଉଦ୍‌ଗମ ସ୍ଥାନ ଅମରକଣ୍ଟକ କ୍ଷେତ୍ରରେ ସୋମଶର୍ମା ନାମକ ଜଣେ ବ୍ରାହ୍ମଣ ରହୁଥିଲା । ତାର ପତ୍ନୀର ନାମ ଥିଲା ସୁମନା । ସୁମନାର ପୁତ୍ରର ନାମ ଥିଲା ସୁବ୍ରତ । ସୁବ୍ରତ ଯେଉଁ ଗୁରୁକୁଳରେ ପଢୁଥିଲା ସେଠାକାର କିଛି ଶିକ୍ଷକ, ଆଚାର୍ଯ୍ୟ ଏପରି ପବିତ୍ର ଆତ୍ମା ଥିଲେ ଯେ ସେମାନେ ତାକୁ ଐହିକ ବିଦ୍ୟା ପଢ଼ାଇବା ସହିତ ଯୋଗବିଦ୍ୟା ଓ ଭଗବାନଙ୍କର ଭକ୍ତିର କଥା ମଧ୍ୟ ଶୁଣାଉଥିଲେ । ସୁବ୍ରତ ନିଜର ପଡ଼ୋଶୀ ପିଲାମାନଙ୍କ ସଙ୍ଗେ ଖେଳିବା ସମୟରେ କାହାର ନାମ 'ଗୋବିନ୍ଦ' ରଖୁଥିଲା, କାହାର 'ମୋହନ', କାହାର 'ମୁରଲୀଧର', କାହାର 'ଗୁରୁମୁଖ' ତ କାହାର 'ଗୁରୁଚରଣ' କିମ୍ବା 'ହରିଚରଣ'- ଏପରି ନାମ ରଖୁଥିଲା । ତେଣୁ ଏପରି ସୁନ୍ଦର-ସୁନ୍ଦର ନାମ ରଖି ସେ ପିଲାମାନଙ୍କ ସଙ୍ଗେ ଖେଳୁଥିଲା । କିଛି ସମୟ ଖେଳି ତାପରେ କହୁଥିଲା ଯେ "ଏହି ଖେଳ ଖେଳିବା ଦ୍ୱାରା ତ ଶରୀରକୁ କିଛି କସ୍‌ରତ ମିଳିଲା, ଏବେ ଅସଲ ଖେଳ ଖେଳିବା ଯାହାଦ୍ୱାରା ମନ-ବୁଦ୍ଧିକୁ ମଧ୍ୟ କସ୍‌ରତ ମିଳିବ, ପରମାତ୍ମାର ଶକ୍ତି ମିଳିବ । ଚାଲ, ଲମ୍ବା ଶ୍ୱାସ ନିଅ ଏବଂ ଭଗନ୍ନାମର ଉଚ୍ଚାରଣ କର ।"

୫-୧୦ ମିନିଟ୍ ଉଚ୍ଚାରଣ କରାଇ ତାପରେ କହୁଥିଲା ଯେ "ଚାଲ, ବସିଯାଅ । ଯେଉଁ ଶ୍ୱାସ ଭିତରକୁ ଯାଉଛି ତାକୁ ଦେଖ, ଯାହା ବାହାରକୁ ଆସୁଛି ତାକୁ ଗଣ..." ଏପରି କରି-କରି ଭଗବାନଙ୍କ ଧ୍ୟାନର ରସ ସେ ପିଲାମାନଙ୍କୁ ଚଖାଇଦେଲା । ତେଣୁ ସୁବ୍ରତର ସମ୍ପର୍କରେ ଆସୁଥିବା ପଡ଼ୋଶୀର ପିଲାମାନେ, ଯେଉଁମାନେ ଅଲଗା-ଅଲଗା ଗୁରୁକୁଳରେ ପଢୁଥିଲେ, ସେମାନଙ୍କର ମନ ମଧ୍ୟ ପ୍ରସନ୍ନ ହେବାରେ ଲାଗିଲା, ସେମାନଙ୍କର ମାତା-ପିତା ମଧ୍ୟ ସୁବ୍ରତକୁ ଭଲ ପାଇବାରେ ଲାଗିଲେ ।

ସୁବ୍ରତ ମନରେ ଏହି କଥା ବସା ବାନ୍ଧିଲା ଯେ ୩ ପ୍ରକାର ବିଦ୍ୟା ଅଛି । ପ୍ରଥମେ ତ ବିଦ୍ୟାଳୟରେ ପଢୁଥବା ଐହିକ ବିଦ୍ୟା, ଦ୍ୱିତୀୟ ଯୋଗବିଦ୍ୟା ଓ ତୃତୀୟ ଆତ୍ମବିଦ୍ୟା । 'ମୁଁ ବିଦ୍ୟାଳୟର ବିଦ୍ୟା ତ ପଢ଼ିଲି, ଏବେ ମୋତେ ଯୋଗବିଦ୍ୟା ପଢ଼ିବାର ଅଛି, ଆତ୍ମବିଦ୍ୟାରେ ଅଗ୍ରସର ହେବାର ଅଛି ।' ଏପରି ବିଚାର କରି ଭଗବାନଙ୍କୁ ପାଇବାର ଦୃଢ଼ ସଂକଳ୍ପ କରିନେଲା ସୁବ୍ରତ । ମାତା-ପିତାଙ୍କୁ କହିଲା ଯେ "ମୁଁ ସଂସାରର ବିଦ୍ୟା, ଗୁରୁକୁଳର ବିଦ୍ୟା ତ ପାଇଲି କିନ୍ତୁ ଏବେ ମୋତେ ଯୋଗବିଦ୍ୟା ଓ ଆତ୍ମବିଦ୍ୟା ପାଇବାର ଅଛି ।"

ବୈଡୁର୍ଯ୍ୟ ପର୍ବତ ଉପରେ ସିଦ୍ଧେଶ୍ୱର ନାମକ ସ୍ଥାନ ନିକଟସ୍ଥ ଏକ କୁଟୀରକୁ ଯାଇ ସେ ସାଧନା କଲା । ସେହି ସାଧନା ଦ୍ୱାରା ତାର ମନରେ ଯେଉଁ ଟିକିଏ ନ୍ୟୂନତା ରହିଥିଲା ତାହା ମଧ୍ୟ ଦୂର ହୋଇଗଲା ଏବଂ ତାହାର ଧ୍ୟାନ ଦୃଢ଼ ହୋଇଗଲା । ଧ୍ୟାନ ଦୃଢ଼ ହେବା ଦ୍ୱାରା ତାର ବୁଦ୍ଧିରେ ପରମାତ୍ମାର ଜ୍ଞାନ ପ୍ରକାଶିତ ହେଲା ଏବଂ ଈଶ୍ୱରଙ୍କର ଦର୍ଶନ କରି ଭଗବାନ ନାରାୟଣଙ୍କଠାରୁ ବରଦାନ ପାଇଲା ଯେ 'ମୋର ମାତା-ପିତାଙ୍କୁ ଭଗବଦ୍‌ଧାମର ପ୍ରାପ୍ତି ହେଉ । ମୋତେ

ଶ୍ରୀହରିଙ୍କ ସଗୁଣ ରୂପର ଦର୍ଶନ ଓ ନିର୍ଗୁଣ ସ୍ୱରୂପର ଅନୁଭବ ହେଉ ଏବଂ ମୁଁ ସଂସାରରେ ରହି ମଧ କୌଣସି ବସ୍ତୁକୁ ସତ୍ୟ ମନେ ନକରେନ୍ତ ସବୁ ଛାଡ଼ିକରି ଯିବାର ଅଛି, ସତ୍ୟ ତ ଏକ ପରମାତ୍ମା ତୁମେ ହିଁ ଅଟ- ଏପରି ମୋର ଜ୍ଞାନ ଦୃଢ଼ ରହୁ ।'

ଭଗବାନ ସୁବ୍ରତର ଏହି ପବିତ୍ର ବରଦାନରେ ବଡ଼ ପ୍ରସନ୍ନ ହେଲେ । ଜେଜେବାପା-ଜେଜେମାଆ, ଅଜା-ଆଈ ଆଦିଙ୍କର ସମୁଦାୟ ୨୧ ପିଢ଼ିର ଉଦ୍ଧାରକର୍ତ୍ତା ସୁବ୍ରତ ନିଜର ତ ଉଦ୍ଧାର କଲା, ନିଜର ମାତା-ପିତାଙ୍କର ମଧ ପରମ କଲ୍ୟାଣ କଲା ଏବଂ ଅନ୍ୟ ପିଲାମାନଙ୍କ ପାଇଁ ସେ ଭଗବତ୍‌ପ୍ରାପ୍ତିର ପ୍ରେରକ ମଧ ହୋଇଗଲା ।

ତୁମମାନଙ୍କ ମଧରୁ ବି କେହି ସୁବ୍ରତ ହୋଇଯାଅ, କେହି ସ୍ୱାମୀ ବିବେକାନନ୍ଦ, କେହି ଶିବାଜୀ ମହାରାଜ ହୋଇଯାଅ, କେହି ସ୍ୱାମୀ ରାମତୀର୍ଥ ତ କେହି ସଦ୍‌ଗୁରୁ ଲୀଲାଶାହଜୀ ହୋଇଯାଅ, କେହି କିଛି ହୋଇଯାଅ... ପିଲାମାନଙ୍କ ଭିତରେ ଅସୀମ ଶକ୍ତି ଲୁଚିରହିଛି ।

## ନିଜର ଉତ୍ସାହ, ପୁରୁଷାର୍ଥ କେବେ ଛାଡ଼ ନାହିଁ

- ପୂଜ୍ୟ ବାପୁଜୀ

ଯିଏ ନିରାଶାବାଦୀ, ଖିନ୍ନଚିତ୍ତ, ଅଳସୁଆ ବା ପ୍ରମାଦୀ ଅଟେ ସେ ବିଜୟର ଦ୍ୱାର ଦେଶରେ ଉପନୀତ ହୋଇ ମଧ ବିଫଳ ହୋଇଯାଏ କିନ୍ତୁ ଯିଏ ଉତ୍ସାହୀ ଓ ପୁରୁଷାର୍ଥୀ ଅଟେ ସେ ହଜାର ବାର ଅସଫଳ ହେଲେ ମଧ ଅଗ୍ରସର ହୁଏ ଏବଂ ଶେଷରେ ବିଜୟୀ ହୋଇଯାଏ । ତୁମେ ମଧ ପରମାତ୍ମ-ପ୍ରାପ୍ତିର ଆଶାକୁ କଦାପି ଛାଡ଼ ନାହିଁ, ନିଜର ଉତ୍ସାହ, ପୁରୁଷାର୍ଥ କେବେ ତ୍ୟାଗ କର ନାହିଁ ।

## ଉଚିତ ସଂଯୋଗ କରନ୍ତୁ

ଉତ୍ତର ଏହି ଅଙ୍କରେ

(୧) ବାସ୍ତବରେ ବନ୍ଧନଯୁକ୍ତ କିଏ ? (କ) ନିଜ ଶରୀର ।
(୨) ବିମୁକ୍ତି କ'ଣ ? (ଖ) ତୃଷ୍ଣାର ନାଶ ହେବା ।
(୩) ଘୋର ନର୍କ କ'ଣ ? (ଗ) ଯିଏ ବିଷୟରେ ଆସକ୍ତ ।
(୪) ସ୍ୱର୍ଗ ପଦ କ'ଣ ? (ଘ) ବିଷୟରୁ ବୈରାଗ୍ୟ ।

## ଯେ କୌଣସି କ୍ଷେତ୍ରରେ ସଫଳ ହେବା ପାଇଁ...

- ପୂଜ୍ୟ ବାପୁଜୀ

ସଂସାରରେ ଓ ଭଗବତ୍-ପ୍ରାପ୍ତିରେ ସଫଳ ହେବାର ସୁନ୍ଦର ଉପାୟ ହେଉଛି :

(୧) ନିଜ ଯୋଗ୍ୟତାର ଅନୁରୂପ ପରିଶ୍ରମରେ ପ୍ରମାଦ କର ନାହିଁ ।

(୨) ଭିତରେ ତ୍ୟାଗ-ଭାବନା ରହୁ । ପରିଶ୍ରମର ଫଳ, ସଫଳତାର ଫଳ ଭୋଗିବାର ଲୋଲୁପତା ନରହୁ ।

(୩) ସ୍ୱଭାବରେ ସ୍ନେହ ଓ ସହାନୁଭୂତି ରହୁ ।

(୪) ଲକ୍ଷ୍ୟପ୍ରାପ୍ତି ପାଇଁ ତୀବ୍ର ନିଷ୍ଠା ରହୁ ।

(୫) ପ୍ରଫୁଲ୍ଲତା ରହୁ ।

(୬) ନିର୍ଭୟତା ରହୁ ।

(୭) ଆତ୍ମବିଶ୍ୱାସ ରହୁ ।

ତେବେ ବ୍ୟକ୍ତି ଯେ କୌଣସି କ୍ଷେତ୍ରରେ ସଫଳ ହୋଇଯିବ ।

## ମୁକ୍ତ ଅବସ୍ଥା କୋ ତୁମ ପାଓ

- ପୂଜ୍ୟ ବାପୁଜୀ

ହମେଶା କେ ଲିୟେ ରହନା ନହିଁ,
ଇସ ଦାର-ଏ-କାନୀ* ମେଁ ।
କୁଛ ଅଚ୍ଛା କାମ କର ଲୋ,
ଚାର ଦିନ କି ଜିନ୍ଦଗାନୀ ମେଁ ॥
ତନ ସେ ସେବା କରୋ ଜଗତ କି,
ମନ ସେ ପ୍ରଭୁ କେ ହୋ ଜାଓ ।
ଶୁଦ୍ଧ ବୁଦ୍ଧି ସେ ତତ୍ତ୍ୱନିଷ୍ଠ ହୋ,
ମୁକ୍ତ ଅବସ୍ଥା କୋ ତୁମ ପାଓ ॥
ନିଃସ୍ୱାର୍ଥ ସେବୀ ହୋ ସଦା,
ମନ ମଳିନ ହୋତା ସ୍ୱାର୍ଥ ସେ ।
ଜବ ତକ ରହେଗା ମନ ମଳିନ,
ନହିଁ ଭେଣ୍ଟ ହୋ ପରମାର୍ଥ ସେ ॥
ଦ୍ୱେଷ, କପଟ ଓ ଅହଂକାରକୁ ତ୍ୟାଗକରି
ସଙ୍ଗଠିତ ହୋଇ ସେବା କର ।

* ନଶ୍ୱର ସଂସାର

# ସନ୍ଥଙ୍କର ଏକ ବଚନ ମିଳିଲା, ସଂଯମରେ ଜୀବନ ଖେଳିଲା

- ପୂଜ୍ୟ ବାପୂଜୀ



ମୋର ଗୁରୁଜୀ (ଭଗବତ୍‌ପାଦ ସ୍ୱାମୀ ଶ୍ରୀ ଲୀଲାଶାହ ଜୀ ମହାରାଜ)ଙ୍କ ଚରଣରେ ଜଣେ ଯୁବକ ତାର ଦୁଇ ଜଣ ପିଲାଙ୍କୁ ପ୍ରଣାମ କରାଇବା ପାଇଁ ଆଣି କହିଲା : ‘‘ସ୍ୱାମୀ ! ଏମାନେ ଆପଣଙ୍କର ହିଁ ସନ୍ତାନ ।’’

ବାବା କହିଲେ : ‘‘କାହିଁକି, କିପରି ଅଟନ୍ତି ? ଦୁହେଁ ହୃଷ୍ଟପୁଷ୍ଟ ଅଟନ୍ତି ?’’

କହିଲେ : ‘‘ସ୍ୱାମୀଜୀ ! ମୋର ନୂଆ-ନୂଆ ବିବାହ ହୋଇଥିଲା, ତାପରେ ଆପଣଙ୍କ ସତ୍‌ସଙ୍ଗକୁ ଆସିଥିଲି । ଏକ ଘଡ଼ି, ଅଧା ଘଡ଼ି ଆପଣଙ୍କର ସତ୍‌ସଙ୍ଗ ଶୁଣିଲି । ସେଦିନ ସତ୍‌ସଙ୍ଗ ବ୍ରହ୍ମଚର୍ଯ୍ୟ ଉପରେ ଥିଲା । ସତ୍‌ସଙ୍ଗ ଶୁଣି ମୁଁ ଯାଇ ପତ୍ନୀକୁ ବୁଝାଇଲି ଯେ ‘‘ଯଦି ନିଜର ପିଲାକୁ ତେଜସ୍ୱୀ, ଦିବ୍ୟ ଦେଖିବାକୁ ଚାହୁଁଛ ଓ ବାର୍ଦ୍ଧକ୍ୟର ସମସ୍ୟାରୁ ରକ୍ଷା ପାଇବାକୁ ଚାହୁଁଛ ତେବେ ଏହି ଅବସ୍ଥାରେ ସଂଯମ ରକ୍ଷା ଜରୁରୀ ।’’ ତ ସ୍ୱାମୀଜୀ ! ମୁଁ ଓ ମୋର ପତ୍ନୀ ଦୁହେଁ ସହମତ ହୋଇଗଲୁ କିନ୍ତୁ ଘରଲୋକ କହୁଥିଲେ ଯେ ‘୨-୪ ମାସ ହୋଇଗଲା, ତୁମେ ପତ୍ନୀ ସଙ୍ଗେ କୋଠରିରେ ରହୁ ନାହଁ ।...’ ଘରଲୋକ ପାଟିତୁଣ୍ଡ କରୁଥିଲେ । ସେସବୁ ମୁଁ ସହିନେଲି । ଶୁଣି ନ ଶୁଣିବା ପରି ରହିଲି କାରଣ ଈଶ୍ୱରଙ୍କ ମାର୍ଗରେ, ସଂଯମର ମାର୍ଗରେ ସେମାନେ କଣ୍ଟା ବୁଣୁଛନ୍ତି ତ ସେମାନଙ୍କ କଥାର କ’ଣ ମୂଲ୍ୟ ! ଘରଲୋକ ବହୁତ ହଇରାଣ କରୁଥିଲେ ତ ମୁଁ କେବେ-କେବେ ନିଜ ଫ୍ୟାକ୍ଟ୍ରିରେ ଶୋଇ ଯାଉଥିଲି, ସେଠାରେ ହିଁ ରହୁଥିଲି । ପତ୍ନୀ ତ ସହମତ ଥିଲା ।

ସ୍ୱାମୀଜୀ ! ଆମ ଗ୍ରାମରେ ୩୭ ଜଣ ପିଲା ଅଛନ୍ତି ଏମାନଙ୍କ ବୟସର- ୫ରୁ ୧୦ ବର୍ଷ ମଧ୍ୟରେ ଏବଂ ଏମାନେ ଦୁଇ ଯାଆଁଳା ପିଲା । ମୋଟ ୩୯ ଜଣ ପିଲା ଅଛନ୍ତି । ବାବାଜୀ ! ଆମର ବ୍ରହ୍ମଚର୍ଯ୍ୟ-ସଂଯମ ଓ ଆପଣଙ୍କ ସତ୍‌ସଙ୍ଗର ଏତେ ପ୍ରଭାବ ଯେ ଏହି ଦୁଇ ଯାଆଁଳା ଭାଇ ସେହି ୩୭ ଜଣ ପିଲାଙ୍କୁ କୁସ୍ତିରେ ଅନାୟାସରେ ପରାସ୍ତ କରି ଦିଅନ୍ତି ।’’

ଏବେ କହନ୍ତୁ, ଅଧା-ଏକ ଘଡ଼ି ବ୍ରହ୍ମନିଷ୍ଠ ସନ୍ଥଙ୍କ ସଙ୍ଗର ପ୍ରଭାବ ଏପରି ଯେ ୩୯ ଜଣ ପିଲାଙ୍କ ମଧ୍ୟରେ ସେମାନଙ୍କର ପିଲାମାନେ ପ୍ରଥମ ହେଉଥିଲେ, ପରେ କେଉଁଠାରେ ପହଞ୍ଚିଥିବେ ତାହା ତ ନାରାୟଣ ଜାଣନ୍ତି ! ଗୋଟିଏ ପୁଣ୍ୟ ଥିଲା ଯେ ସତ୍‌ସଙ୍ଗକୁ ଯାଇଥିଲେ । ମୂର୍ତ୍ତି-ମନ୍ଦିରକୁ ତ ଅନ୍ୟ ଲୋକମାନେ ମଧ୍ୟ ଯାଉଥିଲେ କିନ୍ତୁ ସେମାନେ ସତ୍‌ସଙ୍ଗକୁ ଯାଇଥିଲେ । ସତ୍‌ସଙ୍ଗର, ସନ୍ଥଙ୍କର ଏକ ବଚନ ତାର ଜୀବନରେ ଅଙ୍କିତ ହୋଇଗଲା ତ ଏବେ ତାର କୀର୍ତ୍ତି ହେଉଛି ଏବଂ ତାର

ତେଜସ୍ୱୀ ଯୁବା

# ...ତାକୁ ଭବିଷ୍ୟତର ଚିନ୍ତା ହେବା ଅସମ୍ଭବ

- ପୂଜ୍ୟ ବାପୂଜୀ

ତୁମେ ଯୋଗ୍ୟତା, ସଚ୍ଚୋଟତାର ଆଶ୍ରୟ ନେବ ଓ ପରିଶ୍ରମୀ ରହିବ ତେବେ ସଂସାରର କାମରେ ଆସିବ ଏବଂ ଯିଏ ସଂସାରର କାମରେ ଆସେ ସଂସାର ତାକୁ ଚାହିଁବ । ସେ ଆଉ ନିଜ ଶରୀର ପାଇଁ ଚିନ୍ତା କରିବା ଉଚିତ ନୁହେଁ । ଶରୀରର ଆବଶ୍ୟକତା ସଂସାର ସ୍ୱତଃ ପୂର୍ତ୍ତି କରିଦେବ । ଆରେ, ତୁମର ବାଇକ୍ ଓ କାରକୁ ତେଲ ଓ ପେଟ୍ରୋଲ ତୁମେ ଦେଉଛ ତ ତୁମର ଯିଏ ହିତୈଷୀ ତାକୁ ତୁମେ ଖାଇବା-ପିଇବା, ଆବାସ କାହିଁକି ଦେବ ନାହିଁ ?

ତୁମେ ଯୋଗ୍ୟତା, ପରିଶ୍ରମ ଓ ସଚ୍ଚୋଟତାର ଆଶ୍ରୟ ନେଲେ ସଂସାର ବହୁତ-ବହୁତ ଦୟାଳୁ, ବହୁତ ଉଦାର ଅଟେ । ‘ଆମର ଭବିଷ୍ୟତରେ କ’ଣ ହେବ ?’ - ଏହା ସ୍ୱାର୍ଥୀ ଲୋକ ବିଚାର କରନ୍ତି, ‘ଆମର ଭବିଷ୍ୟତ କିପରି ହେବ ?’- ଏହା ଅବିଶ୍ୱାସୀ, ଅଜ୍ଞାନୀ ଓ ମୂର୍ଖ ଲୋକ ବିଚାର କରନ୍ତି । ଯିଏ ନିଜର ଯୋଗ୍ୟତା, ସଚ୍ଚୋଟତା ଓ ପରିଶ୍ରମ ସମାଜର ହିତରେ, ଈଶ୍ୱରଙ୍କର ସେବାରେ ଲଗାଏ ତାକୁ ଭବିଷ୍ୟତର ଚିନ୍ତା ହୋଇପାରିବ ନାହିଁ । ଯଦି କେହି ଚିନ୍ତା କରୁଛି ତେବେ ସେ ନିଜର ଯୋଗ୍ୟତା, ସଚ୍ଚୋଟତାର ଉପଯୋଗ କରୁ ନାହିଁ । ବେଇମାନୀକୁ ହିଁ ଭବିଷ୍ୟତର ଭୟ ହୁଏ, ସଚ୍ଚୋଟ ବ୍ୟକ୍ତିକୁ ହୁଏ ନାହିଁ ।

# ପିତାଙ୍କୁ ଖୋଜିବାକୁ ଗଲା, ପରମ ପିତାଙ୍କୁ ପାଇଲା

ଜଣେ ବାଳକ ପିଲାଦିନରୁ ହିଁ ପିତୃହୀନ ହୋଇ ଯାଇଥିଲା । ଦିନେ ସେ ନିଜର ମା'ଙ୍କୁ ପଚ଼ାରିଲା : ''ମା' ! ମୋର ସମସ୍ତ ସାଙ୍ଗ ନିଜ-ନିଜର ପିତାଙ୍କର କଥା କହୁଛନ୍ତି, କ'ଣ ମୋର ପିତା ନାହାନ୍ତି ? ଯଦି ଅଛନ୍ତି ତେବେ ସେ କେଉଁଠାରେ ଅଛନ୍ତି ?''

ବାଳକର ଏହି ପ୍ରଶ୍ନକୁ ଶୁଣି ମା'ର ନେତ୍ର ଲୋତକରେ ଭରିଗଲା କିନ୍ତୁ ସେହି ସତ୍‌ସଙ୍ଗୀ ମା' ଉଦାସ ହେଲେ ନାହିଁ । ପୁଅର ହାତ ଧରି ସେ ତାକୁ ନିକଟରେ ଥିବା ଗୋପାଳଙ୍କର ମନ୍ଦିରକୁ ନେଇଗଲେ ଏବଂ ଭଗବାନଙ୍କର ଶ୍ରୀବିଗ୍ରହ ପ୍ରତି ସଙ୍କେତ କରି କହିଲେ : ''ଦେଖ ପୁତ୍ର ! ଇଏ ହିଁ ତୋର ପିତା ଅଟନ୍ତି ।''

ବାଳକ ଉପରେ ମା'ର ସେହି ଗୋଟିଏ ବାକ୍ୟ ଯାଦୁ ପରି କାମ କରିଗଲା । ସେ ଗୋପାଳକୁ ପିତାଶ୍ରୀ-ପିତାଶ୍ରୀ କହି ପ୍ରେମପୂର୍ବକ ପ୍ରାର୍ଥନା କରିବାରେ ଲାଗିଲା । ପ୍ରତିଦିନ ମନ୍ଦିରକୁ ଯାଇ ଗୋପାଳ ସଙ୍ଗେ କଥାବାର୍ତ୍ତା କରୁଥିଲା, ପ୍ରାର୍ଥନା କରୁଥିଲା : ''ହେ ପିତାଶ୍ରୀ ! ତୁମେ ମୋତେ କାହିଁକି ଦର୍ଶନ ଦେଉ ନାହଁ ?'' ଅଜାଣତରେ ହିଁ ସେହି ବାଳକ ସର୍ବେଶ୍ୱର ପରମାତ୍ମାଙ୍କର ବିରହ ଭକ୍ତିର ପଥରେ ତୀବ୍ରତାରେ ଅଗ୍ରସର ହେବାରେ ଲାଗିଲା ।



ଦିନେ ସେ ମନ୍ଦିରକୁ ଗଲା ଏବଂ ଦୃଢ଼ ସଂକଳ୍ପ କରି ସେଠାରେ ବସିଗଲା ଯେ 'ମୋତେ ମରିବା ସ୍ୱୀକାର କିନ୍ତୁ ଏବେ ତୁମ ବିନା ରହିହେବ ନାହିଁ । ଯେ ପର୍ଯ୍ୟନ୍ତ ତୁମେ ମୋ ନିକଟକୁ ଆସି ମୋତେ ଆଲିଙ୍ଗନ କରିବ ନାହିଁ ସେ ପର୍ଯ୍ୟନ୍ତ ମୁଁ ଏଠାରୁ ହଟିବାର ନାହିଁ ।'

ଅର୍ଦ୍ଧ ରାତ୍ରି ହୋଇଗଲା । ଧ୍ୟାନ କରି-କରି ସେ ନିଜ ଶରୀରର ହିତାହିତ ଜ୍ଞାନ ଭୁଲିଗଲା ।

ଗୀତା (୪.୧୧)ରେ ଭଗବାନ କହନ୍ତି :

ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।

ଯେଉଁମାନେ ମୋତେ ଯେପରି ଭଜନ କରନ୍ତି ମୁଁ ସେମାନଙ୍କୁ ସେହି ପ୍ରକାର ଭଜିଥାଏ, ସେମାନଙ୍କ ଉପରେ ସେହିପରି କୃପା କରେ ।'

ଭକ୍ତ ପ୍ରହ୍ଲାଦର ଦୃଢ଼ ନିଷ୍ଠା ଯେପରି ସ୍ତମ୍ଭରୁ ଭଗବାନଙ୍କୁ ପ୍ରକଟ କରିଦେଇଥିଲା ସେହିପରି ନିର୍ଦ୍ଦୋଷହୃଦୟ ବାଳକର ଭଗବାନଙ୍କୁ ନିଜର ଭାବି ହୋଇଥିବା କାତର ପ୍ରାର୍ଥନା ଓ ନିଷ୍ଠାରେ ମୂର୍ତ୍ତି ମଧ୍ୟରୁ ଭଗବାନଙ୍କୁ ପ୍ରକଟ ହେବା ପାଇଁ ବିବଶ ହେବାକୁ ପଡ଼ିଲା ।

ଭଗବାନ ଭକ୍ତର ଭାବନା ଅନୁସାରେ ତାକୁ ଦର୍ଶନ ଦେଇ ଆଲିଙ୍ଗନ କଲେ, ଆଶୀର୍ବାଦ ଦେଲେ ଓ ଅନ୍ତର୍ଦ୍ଧ୍ୟାନ ହୋଇଗଲେ ।

ଭଗବଦ୍-ସ୍ପର୍ଶ ପାଇ ବାଳକର କବିତ୍ୱଶକ୍ତି ଜାଗ୍ରତ ହେଲା । ସେ ଭଗବତ୍‌ପ୍ରେମରେ ଭରି ଏପରି-ଏପରି ପଦ ରଚ଼ନା କରୁଥିଲା ଏବଂ ଗାଉଥିଲା ଯେ ଶୁଣୁଥିବା ଲୋକ ଗଦ୍‌ଗଦ ହୋଇ ଯାଉଥିଲେ, ସେମାନଙ୍କର ହୃଦୟରେ ଭଗବଦ୍‌ଭକ୍ତିର ତରଙ୍ଗ ଉଠିବାରେ ଲାଗୁଥିଲା । ଭବିଷ୍ୟତରେ ବାଳକ ସନ୍ତତ୍ୱକୁ ଉପଲବ୍ଧ ହୋଇ ନିଜର ଅନ୍ତରାତ୍ମା ଓ ବ୍ୟାପକ ପରମାତ୍ମା ରୂପରେ ମଧ୍ୟ ଭଗବାନଙ୍କର ସାକ୍ଷାତ୍‌କାର କରିନେଲା ।

ସତ୍‌ସଙ୍ଗୀ ମା'ର କିପରି ବିଚ଼ାର-ବିବେକ ! ନା ନିଜେ ନିରାଶ ହେଲେ ନା ପୁତ୍ରର ହୃଦୟକୁ ଆଘାତ ପହଞ୍ଚାଇଲେ ବରଂ ପୁତ୍ରକୁ ଏପରି ଦିଗରେ ମୋଡ଼ିଦେଲେ ଯେ ସେ ନିଜର ପରମ ପିତାଙ୍କୁ ପାଇବାରେ ସଫଳ ହୋଇଗଲା ।

ଯେଉଁ ଭକ୍ତ ଦୃଢ଼ତାରେ ଈଶ୍ୱରୀୟ ମାର୍ଗରେ ଅଗ୍ରସର ହୁଅନ୍ତି, ସେମାନେ ନିଜର ପରମ ଲକ୍ଷ୍ୟ ପରମାତ୍ମାଙ୍କୁ ପାଇନିଅନ୍ତି । - ପୂଜ୍ୟ ବାପୁଜୀ

# ଏକାଦଶୀରେ ଅନ୍ନ ସେବନ ବର୍ଜିତ କାହିଁକି ?

ପୂଜ୍ୟ ବାପୁଜୀ ଏକାଦଶୀ ସମ୍ବନ୍ଧରେ ଏକ ବୈଜ୍ଞାନିକ ରହସ୍ୟ ଜଣାଇ କହନ୍ତି : "ସନ୍ତ ଡୋଙ୍ଗରେଜୀ ମହାରାଜ କହୁଥିଲେ ଯେ ଏକାଦଶୀ ଦିନ ଅନ୍ନ ନ ଖାଇବା ଉଚିତ । ଯିଏ ଖାଏ ସେ ଗୋଟିଏ-ଗୋଟିଏ ଚାଉଳର ଦାନା ଖାଇବା ସମୟରେ ଗୋଟିଏ ଗୋଟିଏ ପୋକ ଖାଇବାର ପାପ କରେ ବୋଲି ଜାଣ । ସନ୍ତଙ୍କର ବାଣୀ ଆମର ମତି-ଗତିର ବିଷୟ ନୁହେଁ ତେବେବି କିଛି ସତ୍ୟତା ତ ଥିବ । ମୋର ମନରେ ବିଚାର ଆସିଲା ଯେ 'ଏହି ପ୍ରକାର କିପରି ହାନି ହେଉଥିବ ? କ'ଣ ହେଉଥିବ ?'




ତେଣୁ ଶାସ୍ତ୍ରରେ ଏହି ସଂଶୟର ସମାଧାନ ମୋତେ ମିଳିଲା ଯେ ପ୍ରତିପଦାରୁ ନେଇ ଅଷ୍ଟମୀ ପର୍ଯ୍ୟନ୍ତ ବାତାବରଣରୁ, ଆମର ଶରୀରରୁ ଜଳୀୟ ଅଂଶର ଶୋଷଣ ହୁଏ, ଭୋକ ଅଧିକ ଲାଗେ ଏବଂ ଅଷ୍ଟମୀରୁ ଆରମ୍ଭ କରି ପୂର୍ଣ୍ଣିମା କିମ୍ବା ଅମାବାସ୍ୟା ପର୍ଯ୍ୟନ୍ତ ଜଳୀୟ ଅଂଶ ବଢ଼େ, ଭୋକ କମ୍ ହେବାରେ ଲାଗେ । ଧାନ ଉତ୍ପନ୍ନ ହେବା ଓ ଚାଉଳର ପ୍ରସ୍ତୁତିରେ ଖୁବ୍ ପାଣି ଆବଶ୍ୟକ ହୁଏ । ଚାଉଳ ଖାଇବା ପରେ ମଧ୍ୟ ଜଳୀୟ ଅଂଶ ଅଧିକ ଉପଯୋଗରେ ଆସେ । ଜଳରୁ ପ୍ରସ୍ତୁତ ରକ୍ତ ଓ ପ୍ରାଣର ଗତି ଉପରେ ଚନ୍ଦ୍ରମାର ଗତିର ପ୍ରଭାବ ଅତ୍ୟଧିକ ପଡ଼େ କାରଣ ସମସ୍ତ ଜଳ ତଥା ଜଳୀୟ ପଦାର୍ଥରେ ଚନ୍ଦ୍ରମାର ଅଧିକ ପ୍ରଭାବ ପଡ଼େ । ଏଣୁ ଯଦି ଏକାଦଶୀରେ ଜଳୀୟ ଅଂଶ ଅଧିକ ଥିବା ପଦାର୍ଥ ଯେପରି ଚାଉଳ ଆଦି ଖାଉ ତେବେ ଚନ୍ଦ୍ରମାର କୁପ୍ରଭାବରୁ ଆମ ଶରୀର ସ୍ୱାସ୍ଥ୍ୟ ଓ ସୁବ୍ୟବସ୍ଥା ଉପରେ କୁପ୍ରଭାବ ପଡ଼େ । ଯେପରି ପୋକ ମଲେ କିମ୍ବା କିଛି ଅଶୁଦ୍ଧ ଖାଇଲେ ମନ ବିକ୍ଷିପ୍ତ ହୁଏ, ସେହିପରି ଚାଉଳ ଖାଇଲେ ମଧ୍ୟ ମନ ବିକ୍ଷିପ୍ତ ହୁଏ । ତେଣୁ ଏବେ ଏହି ବୈଜ୍ଞାନିକ ସମାଧାନ ମିଳିଲା ଯେ ଅଷ୍ଟମୀ ପରେ ଜଳୀୟ ଅଂଶ ଆନ୍ଦୋଳିତ ହୁଏ ଏବଂ ଏତେ ଆନ୍ଦୋଳିତ ହୁଏ ଯେ ତୁମେ ସମୁଦ୍ର ନିକଟରେ ଦେଢ଼-ଦୁଇ ଶହ କିଲୋମିଟର ପର୍ଯ୍ୟନ୍ତ କ୍ଷେତ୍ରର ବୃକ୍ଷ-ଲତାକୁ ଯଦି ସେସବୁ ଦିନରେ କାଟ ତେବେ ସେସବୁକୁ ରୋଗ ଲାଗିଯାଏ ।

ଏବେ ବିଜ୍ଞାନୀ କହୁଛନ୍ତି ଯେ ମନୁଷ୍ୟ ସପ୍ତାହରେ ଥରେ ଲଙ୍ଘନ କରିବା (ଉପବାସ ରଖିବା) ଉଚିତ କିନ୍ତୁ ଭାରତୀୟ ସଂସ୍କୃତି କହେ : ଔପଚାରିକତାର ନାମ ଲଙ୍ଘନ ନୁହେଁ... ଭଗବାନଙ୍କର ପ୍ରୀତି ହେଉ ଏବଂ ଉପବାସ ମଧ୍ୟ ହେଉ । 'ଉପ' ଅର୍ଥାତ୍ ସମୀପ ଓ 'ବାସ' ଅର୍ଥାତ୍ ରହିବା- ଭଗବଦ୍-ଭକ୍ତି, ଭଗବଦ୍-ଧ୍ୟାନ, ଭଗବଦ୍-ଜ୍ଞାନ, ଭଗବଦ୍-ସ୍ମୃତିର ନିକଟକୁ ଆସିବାର ଅବସର ଭାରତୀୟ ସଂସ୍କୃତି ପ୍ରଦାନ କଲା ।

### ଉପବାସ କିପରି ଖୋଲିବ ?

ତୁମେ ଯେତେବେଳେ ଏକାଦଶୀର ବ୍ରତ ଖୋଲୁଛ ସେତେବେଳେ ଲଘୁ ଭୋଜନ ଚୋବେଇ-ଚୋବେଇ କର । ଏକ୍ଦମ ଖାଲି ପେଟ ହୋଇଯିବା ପରେ ପୂରା ପେଟ ଭର୍ତ୍ତି କରି ନ ଖାଇବା ଉଚିତ ଏବଂ ଫଳରେ ପେଟ ଭରିବା ଅନୁଚିତ ଅନ୍ୟଥା କଫ ସୃଷ୍ଟି ହେବ । ମୁଗ, ବୁଟ, ମୁଢ଼ି ଆଦି ଉପବାସ ଖୋଲିବା ପାଇଁ ଉତ୍ତମ ଅଟନ୍ତି । ଲଡୁ ଖାଇ ଯେଉଁମାନେ ଉପବାସ ଖୋଲନ୍ତି ସେମାନେ ଅଜୀର୍ଣ୍ଣ ରୋଗକୁ ଆମନ୍ତ୍ରଣ କରିବେ । ଏକ୍ଦମ ଗାଡ଼ି ବନ୍ଦ ହୋଇଛି ଏବଂ ପୁଣି ଚାଲୁ କରି ଟପ୍ ଗିୟର ପକାଇଦେଲେ ଡବୁକ୍-ଡବୁକ୍... କରି ବନ୍ଦ ହୋଇଯିବ ।"

ଭଗବାନ ମିଳିଲେ ଆଧିଭୌତିକ ଲାଭ ହୁଏ କିନ୍ତୁ ଆତ୍ମା ଓ ପରମାତ୍ମାର ତାତ୍ତ୍ୱିକ ସ୍ୱରୂପ, ବୈଦିକ ସ୍ୱରୂପ 'ଅୟଂ ଆତ୍ମା ବ୍ରହ୍ମ ।'- ଏହି ମୋର ଆତ୍ମା ବ୍ରହ୍ମ ଅଟେ, ଏହି ଘଟାକାଶ ମହାକାଶ ଅଟେ- ଏହି ପ୍ରକାର ନିଜକୁ ଓ ଭଗବାନଙ୍କୁ ତତ୍ତ୍ୱରୂପରେ ଜାଣିବା ଏହା ଆଧ୍ୟାତ୍ମିକ ଲାଭ ଅଟେ । - ପୂଜ୍ୟ ବାପୁଜୀ

# ପଞ୍ଚମହାଭୂତଙ୍କର ତନ୍ମାତ୍ରର ରଚ଼ନା ଓ ସେମାନଙ୍କର କାର୍ଯ୍ୟ

(ଗତାଙ୍କର ଆଗକୁ)

କର୍ମେନ୍ଦ୍ରିୟ ଜ୍ଞାନେନ୍ଦ୍ରିୟଙ୍କର ପୂରକ । କାନ ଶବ୍ଦ ଶୁଣିବାକୁ ଚାହେଁ, ବାକ୍ ଶବ୍ଦ ଉଚ୍ଚାରଣ କରେ । ଦୁଇଟିରେ ଆକାଶର ତନ୍ମାତ୍ର ଅଛି । ଶୁଣିବା ସତ୍ତ୍ୱପ୍ରଧାନ ଶ୍ରୋତ୍ରେନ୍ଦ୍ରିୟ ଦ୍ୱାରା ହୁଏ, କହିବା ରଜସପ୍ରଧାନ ବାକ୍-ଇନ୍ଦ୍ରିୟ ଦ୍ୱାରା ହୁଏ । କାନ ଓ ଜିହ୍ୱାର ଯେଉଁ ସ୍ଥୂଳ ରୂପ ଅଛି ତାହା ଆକାଶର ତାମସ ତନ୍ମାତ୍ରର ପରିଣାମ ।

ତ୍ୱଗିନ୍ଦ୍ରିୟ ଦ୍ୱାରା ଛୁଇଁବାକୁ ଚାହାନ୍ତି ତ ହାତ ଇନ୍ଦ୍ରିୟ ସ୍ପର୍ଶରେ ସହାୟକ ହୁଏ । ଉଭୟରେ ବାୟୁର ତନ୍ମାତ୍ର ଅଛି ତଥା ତ୍ୱଚ଼ା ଓ ହାତର ସ୍ଥୂଳ ରଚ଼ନା ବାୟୁ-ତତ୍ତ୍ୱର ତାମସ ତନ୍ମାତ୍ରର ପରିଣାମ ଅଟେ ।

ନେତ୍ର ରୂପ ଦେଖିବାକୁ ଚାହାନ୍ତି ତ ପାଦ ସେ ପର୍ଯ୍ୟନ୍ତ ନେଇଯାଏ । ଉଭୟରେ ଅଗ୍ନି (ତେଜ)ର ତନ୍ମାତ୍ର ଅଛି ଏବଂ ସେମାନଙ୍କର ସ୍ଥୂଳ ରଚ଼ନା ଅଗ୍ନିର ତାମସ ତନ୍ମାତ୍ରର ପରିଣାମ ଅଟେ ।

ରସନା ଦ୍ୱାରା ରସ ଗ୍ରହଣ କରିବାକୁ ଚାହାନ୍ତି ତ ମୂତ୍ରେନ୍ଦ୍ରିୟ ଦ୍ୱାରା ମୂତ୍ର ଓ ବୀର୍ଯ୍ୟ ବିସର୍ଜନ କରନ୍ତି । ଉଭୟରେ ଜଳର ତନ୍ମାତ୍ର ଅଛି ଏବଂ ସେମାନଙ୍କର ସ୍ଥୂଳ ରଚ଼ନା ଜଳର ତାମସ ତନ୍ମାତ୍ରର ପରିଣାମ ଅଟେ ।

ନାସିକା ଦ୍ୱାରା ଗନ୍ଧ-ଜ୍ଞାନ କରନ୍ତି ତ ମଳଦ୍ୱାର ଅପାନବାୟୁ ବିସର୍ଜିତ କରେ । ଉଭୟରେ ପୃଥିବୀ-ତତ୍ତ୍ୱର ତନ୍ମାତ୍ର ଅଛି ତଥା ଉଭୟର ସ୍ଥୂଳ ରୂପ ପୃଥିବୀର ତାମସ ତନ୍ମାତ୍ରର ପରିଣାମ ଅଟେ ।

ଦଶ ଇନ୍ଦ୍ରିୟ (ପଞ୍ଚ ଜ୍ଞାନେନ୍ଦ୍ରିୟ ଓ ପଞ୍ଚ କର୍ମେନ୍ଦ୍ରିୟ) ଅପଞ୍ଚୀକୃତ (ପରସ୍ପର ମିଶିନଥିବା) ପଞ୍ଚଭୂତରୁ ନିର୍ମିତ ହୋଇଛନ୍ତି କିନ୍ତୁ ଯଦି ଜ୍ଞାନେନ୍ଦ୍ରିୟ ସେମାନଙ୍କର ସାତ୍ତ୍ୱିକ ତନ୍ମାତ୍ରରୁ ନିର୍ମିତ ହୋଇଛନ୍ତି ତ କର୍ମେନ୍ଦ୍ରିୟ ରଜୋଗୁଣୀ ତନ୍ମାତ୍ର ଦ୍ୱାରା । ସତ୍ତ୍ୱଗୁଣ ଜ୍ଞାନାତ୍ମକ ଅଟେ, ରଜୋଗୁଣ କ୍ରିୟାତ୍ମକ । ଇନ୍ଦ୍ରିୟମାନଙ୍କର କ୍ରିୟା-ସ୍ଥାନ ସ୍ଥୂଳ ଅଟନ୍ତି, ସେମାନେ ପଞ୍ଚଭୂତଙ୍କର ତମୋଗୁଣୀ ତନ୍ମାତ୍ରରୁ ନିର୍ମିତ ହୋଇଛନ୍ତି ।

### ଇନ୍ଦ୍ରିୟମାନଙ୍କର ବ୍ୟାପକତା

ଇନ୍ଦ୍ରିୟ ସ୍ଥୂଳ ଭୂତରୁ ନିର୍ମିତ ହୋଇ ନାହିଁ । ଅତଏବ ସାଂଖ୍ୟ ମତରେ ଇନ୍ଦ୍ରିୟ ପୂରା ଶରୀରରେ ବ୍ୟାପକ ରହନ୍ତି । ତାଙ୍କର ଗୋଲକ ଶରୀରରେ ଯେ କୌଣସି ସ୍ଥାନରେ ହୋଇପାରନ୍ତି । ଦେଖା ଯାଉଥିବା ଗୋଲକ ଇନ୍ଦ୍ରିୟମାନଙ୍କର କାର୍ଯ୍ୟ କରିବାର ସ୍ଥାନ (କାର୍ଯ୍ୟାଳୟ) ଅଟନ୍ତି । ଏହା ସମ୍ଭବ ଯେ କେବେ କେଉଁଠି କେହି ମନୁଷ୍ୟ କୌଣସି ପ୍ରକ୍ରିୟା-ବିଶେଷରେ ହାତରେ ଦେଖିବାରେ ଲାଗେ କିମ୍ବା ପାଦରେ ଶୁଙ୍ଘିବାରେ ଲାଗେ । ପିମ୍ପୁଡ଼ି ନାକରେ ଦେଖେ ଓ ସର୍ପ ଆଖିରେ ଶୁଣେ- ଏହା ପ୍ରଚ଼ଳିତ ଲୋକୋକ୍ତି ଅଟେ । ଆମ ସମସ୍ତଙ୍କର ମଧ୍ୟ ଦୁଇ ଇନ୍ଦ୍ରିୟ- ରସନା ଓ ବାକ୍ ତ ଏକ ହିଁ ଗୋଲକ 'ଜିହ୍ୱା'ରେ କାର୍ଯ୍ୟ କରିଥାନ୍ତି । ପ୍ରାଣ ଓ ରୟି - ରବି ଓ ସୋମ- ଇଏ ଋଣାତ୍ମକ-ଧନାତ୍ମକ ବିଦ୍ୟୁତ-ପ୍ରବାହ ରୂପରେ ସବୁ ଇନ୍ଦ୍ରିୟଙ୍କର ଶକ୍ତିସହିତ ପୂରା ଶରୀରରେ ବ୍ୟାପ୍ତ । ଇନ୍ଦ୍ରିୟ ଶରୀର-ବ୍ୟାପୀ ଅଟନ୍ତି, ଗୋଲକରେ ହିଁ ସୀମିତ ନୁହନ୍ତି ।

(କ୍ରମଶଃ)

## ଅମୃତବିନ୍ଦୁ

- ପୂଜ୍ୟ ବାପୁଜୀ

ପାଇବା ଯୋଗ୍ୟ ତ ଆତ୍ମଜ୍ଞାନ ହିଁ ଅଟେ, ବାକି ଯାହା ପାଇଛ ତାହା ପ୍ରତୀତିମାତ୍ର, ଅସ୍ଥାୟୀ । ଯେପରି ସ୍ୱପ୍ନରେ ପାଇଥିବା ପ୍ରତୀତିମାତ୍ର ଅଟେ, ସେହିପରି ଜାଗ୍ରତରେ ଯାହାବି ପାଇଛୁ ତାହା ସାମୟିକ ପ୍ରତୀତିମାତ୍ର ।

ଭଗବାନ ଶିବ କହନ୍ତି :

ଉମା କହଉଁ ମୈଁ ଅନୁଭବ ଅପନା ।
ସତ ହରି ଭଜନୁ ଜଗତ ସବ ସପନା ॥

## ସତ୍‌ସଙ୍ଗର ଏପରି ଜ୍ଞାନରୁ ହୁଏ ନିଶ୍ଚିନ୍ତ ଓ ନିର୍ଦ୍ଦୁଃଖ ଜୀବନ

- ପୂଜ୍ୟ ବାପୁଜୀ

ଠାକୁର ମେଘସିଂହ ବଡ଼ ଜମିଦାର ଥିଲେ । ତା ସହିତ ସେ ବଡ଼ ସତ୍‌ସଙ୍ଗୀ ମଧ୍ୟ ଥିଲେ । ସତ୍‌ସଙ୍ଗର ପ୍ରଭାବରୁ ସେ ଜାଣିଥିଲେ ଯେ 'ଯାହା କିଛି ହୁଏ, ମଙ୍ଗଳମୟ ବିଧାନରେ ହୁଏ, ଆମର ବିକାଶ ପାଇଁ ହୁଏ ।' ସେ କୌଣସି ଜବାବ୍ ତରବରରେ ଦେଉ ନଥିଲେ, ବିଚାର କରି 'ହଁ' କହୁଥିଲେ ଓ କହିଥିବା 'ହଁ' କୁ ନିର୍ବାହ କରୁଥିଲେ । ଅଥବା କେବେ ଏପରି ଅବସର ଆସିଲେ କହୁଥିଲେ : 'ଆଚ୍ଛା, ଯାହା ଈଶ୍ୱରଙ୍କର ଇଚ୍ଛା ହେବ, ପ୍ରଯତ୍ନ କରିବି...' ଯେପରି କି ମିଥ୍ୟା କହିବାକୁ ପଡ଼ିବ ନାହିଁ । ମଙ୍ଗଳମୟ ବିଧାନରେ ବିଶ୍ୱାସ ହେବା କାରଣରୁ କୌଣସି ପରିସ୍ଥିତି ତାଙ୍କୁ ବିଚଳିତ କରି ପାରୁ ନଥିଲା ।



ମେଘସିଂହଙ୍କର ଜଣେ ସେବକ ଥିଲା ଭୈରୁଁଦାନ ଚାରଣ । ସେବା ବଡ଼ ତତ୍ପରତାରେ କରୁଥିଲା ଏବଂ ସ୍ୱାମୀଙ୍କର ବିଶ୍ୱାସ ମଧ୍ୟ ପାଇ ନେଇଥିଲା । କିନ୍ତୁ କୁସଙ୍ଗ କାରଣରୁ ତାର ମନରେ ଜମିଦାରଙ୍କ ପ୍ରତି ଦ୍ୱେଷ ସୃଷ୍ଟି ହୋଇ ଯାଇଥିଲା । ଦିନେ ରାତ୍ରିରେ ମେଘସିଂହ ରାଣୀଙ୍କର ମହଲ ଅଭିମୁଖେ ଯାଉଥିଲେ । ସ୍ୱାମୀଙ୍କ ଉପରେ ଆକ୍ରମଣ କରିବା ପାଇଁ ଭୈରୁଁଦାନ ଖଣ୍ଡା ବାହାରକଲା । ହଠାତ୍ ପଛକୁ ଦେଖିଲେ ଯେ ସେବକ ହାତରେ ଖଣ୍ଡା ! ସମ୍ମୁଖରୁ ଦେଖିଲେ ଷଣ୍ଢ ଧାଇଁ ଧାଇଁ ଆସୁଛି । ଆଗ-ପଛ ବିଷୟ ବିଚାର କରୁଥିବା ସମୟରେ ଷଣ୍ଢ ଜୋର୍‌ରେ ଭୈରୁଁଦାନର ଛାତିରେ ଶିଙ୍ଘ ଭୁସି ଦେଲା । ସେ ଧଡାକ୍ ହୋଇ ପଡ଼ିଗଲା ଏବଂ ହାତ ଏପରି ବୁଲିଗଲା ଯେ ଖଣ୍ଡାରେ ତାର ନାକ କଟିଗଲା ।

କରମୀଂ ଆପୋ ଆପଣୀ କେ ନେଡ଼େଁ କେ ଦୂରି ॥

ଏହା ମଙ୍ଗଳମୟ ବିଧାନ ଅଟେ । ଷଣ୍ଢର ପ୍ରେରକ କିଏ ? ସ୍ୱାମୀ ଆଗରେ ଅଛନ୍ତି, ସ୍ୱାମୀଙ୍କୁ ଷଣ୍ଢ ଛୁଉଁ ନାହିଁ ଏବଂ ସେବକ ଭିତରେ ବିଶ୍ୱାସଘାତକତା ଅଛି ତେଣୁ ସେବକକୁ ସେ ଛାଡୁ ନାହିଁ, କିପରି ମଙ୍ଗଳମୟ ବ୍ୟବସ୍ଥା ! ଯଦି ସ୍ୱାମୀଙ୍କର ଆୟୁଷ୍ୟ ଏହି ଢଙ୍ଗରେ ପୂରା ହେବାର ଥାଆନ୍ତା ତେବେ ଏପରି ମଧ୍ୟ ହୋଇ ପାରିଥାନ୍ତା ।

ମେଘସିଂହ ସେବକଙ୍କୁ ଉଠାଇଲେ, ନିଜେ ମଧ୍ୟ ଲାଗିଲେ ଏବଂ ଭୈରୁଁଦାନକୁ ଉଠାଇ ନିଜର ମହଲକୁ ନେଇଗଲେ । ପତ୍ନୀ ଦେଖିଲା, ଚିତ୍କାର କଲା । କହିଲା : ''ଆପଣଙ୍କର ସେବକ ହାତରେ ଏତେ ଜୋରରେ ଧରା ହୋଇଥିବା ଖଣ୍ଡା ! ଜଣାପଡୁଛି ଯେ ସେ ଆପଣଙ୍କୁ ହତ୍ୟା କରିବାର ନୀଚ୍ ବୃତ୍ତି ଗ୍ରହଣ କରିଥିଲା ଏବଂ ଭଗବାନ ଆପଣଙ୍କୁ ବଞ୍ଚାଇଲେ ।''

କହିଲେ : ''ତୁ ଏପରି କାହିଁକି ବିଚାର କରୁଛୁ ? ଆମେ ତା ଉପରେ କାହିଁକି ସନ୍ଦେହ କରିବା ?''

କିନ୍ତୁ ଅନୁମାନ ଓ ବାର୍ତ୍ତାଳାପରୁ ପତ୍ନୀ ସବୁକଥା ବୁଝି ପାରିଥିଲେ ଏବଂ ପତି ପୂର୍ବରୁ ହିଁ ବୁଝିଥିଲେ । ସେବକର ସେବା-ଶୁଶ୍ରୂଷା କରି ସୁସ୍ଥ କଲେ, ତାର ହୋସ୍ ଆସିଲା କିନ୍ତୁ ଆଖି ଖୋଲୁନଥିଲା । ସେତେବେଳେ ପତି-ପତ୍ନୀ ପରସ୍ପର ମଧ୍ୟରେ ଯେଉଁ ବାର୍ତ୍ତାଳାପ କରୁଥିଲେ ତାହା ଚାରଣ ଶୁଣିଲା । ସେ ବିଚାର କରିବାରେ ଲାଗିଲା, 'ସ୍ୱାମୀ ମୋତେ ମଧ୍ୟ ଦେଖିଥିଲେ ଏବଂ ପତ୍ନୀକୁ ମଧ୍ୟ ବୁଝାଉଛନ୍ତି ଯେ ଏପରି ତ ମୁଁ ମଧ୍ୟ ଦେଖିଥିଲି କିନ୍ତୁ ହୋଇପାରେ ଯେ ମୋର ରକ୍ଷା ପାଇଁ ସେ ଖଣ୍ଡା ଧରିଥିବ । ତୁମେ କେବେବି ଏହା ଉପରେ ସନ୍ଦେହ କର ନାହିଁ । ଭୈରୁଁଦାନ ମୋର ସଚ୍ଚୋଟ, ବିଶ୍ୱସ୍ତ ସେବକ । ସେ ମୋତେ ଖଣ୍ଡାରେ ମାରିବ ଏହା ଅସମ୍ଭବ । ଯଦି ମାରିବ ତେବେବି ଏପରି କୌଣସି ବିଧାନ ହେବ ।'

ସେହି ଉଦାର ତଥା ଈଶ୍ୱରଙ୍କଠାରେ ଆସ୍ଥା ରଖୁଥିବା ବଚନ ଦ୍ୱାରା ଭୈରୁଁଦାନର ମନ ବଦଳିଗଲା । ସେ ବାହୁନି ବାହୁନି କାନ୍ଦିବାରେ ଲାଗିଲା ଯେ ''ମୋ ପରି ଅଭାଗା ଆପଣଙ୍କୁ ଚିହ୍ନିପାରିଲା ନାହିଁ । ମୁଁ ଆପଣଙ୍କର ଯଶ ଦେଖି ଜଳୁଥିଲି । ମୁଁ ପ୍ରକୃତରେ ଆପଣଙ୍କର ହତ୍ୟା କରିବା ପାଇଁ ଖଣ୍ଡା ଧରିଥିଲି କିନ୍ତୁ ମୋତେ ମୋ କର୍ମର ଫଳ ମିଳିଲା । ଏବେ ମୁଁ ଆପଣଙ୍କଠାରୁ କ୍ଷମା ଚାହୁଁଛି ଏବଂ ତା ସହିତ ଦଣ୍ଡ ମଧ୍ୟ ଚାହୁଁଛି । ନଚେତ୍ ମୋର ଆତ୍ମା ମୋତେ ପୀଡ଼ା ଦେବ ।''

ମେଘସିଂହ କହିଲେ : ''ଚାରଣ ! ତୋତେ ଦଣ୍ଡ ଦେବି ? ବିନା ଦଣ୍ଡରେ ମାନିବୁ ନାହିଁ ତ ମୁଁ ୩ ପ୍ରକାର ଦଣ୍ଡ ଦେଉଛି- (୧) ଆଜିଠାରୁ ଶରୀରରେ କାହାର ଅହିତ କରିବୁ ନାହିଁ । (୨) ମନରେ କାହାର ଅହିତ ଚିନ୍ତା କରିବୁ ନାହିଁ, ଅହିତ ବିଚାର କରିବୁ ନାହିଁ, କାହା ପ୍ରତି ଦୁର୍ଭାବ ରଖିବୁ ନାହିଁ ଏବଂ (୩) ବାଣୀରେ କେବେ କଠୋର ତଥା ନିନ୍ଦନୀୟ ଶବ୍ଦର ଉଚ୍ଚାରଣ କରିବୁ ନାହିଁ । ଏହି ତ୍ରିଦଣ୍ଡ ସାଧନ କଲେ ତୁ ଜନ୍ମ-କର୍ମର ଦିବ୍ୟତାକୁ ଜାଣିନେବୁ ।''

ଏପରି ଉଦାର ବାଣୀ ଶୁଣି ଭୈରୁଁଦାନ ଚରଣରେ ପଡ଼ିଗଲା । ମେଘସିଂହ ସ୍ନେହପୂର୍ବକ ତାକୁ ଉଠାଇଲେ, ପ୍ରୋତ୍ସାହିତ କଲେ ।

ଏପରି ପୁରୁଷଙ୍କର ଜୀବନରେ କେବଳ ଗୋଟିଏ ଥର ହିଁ ଏପରି କୌଣସି ଘଟଣା ଘଟିଥାଏ ଏପରି କଥା ନୁହେଁ, ସମସ୍ତଙ୍କ ଜୀବନ ପରି ସମସ୍ତ ପ୍ରକାର ଘଟଣା ଏପରି ପୁରୁଷଙ୍କ ଜୀବନରେ ଘଟିଥାଏ ।

## ବ୍ରହ୍ମବେତ୍ତା ମହାପୁରୁଷଙ୍କର ଶରଣରୁ ହୁଏ ସହଜରେ ଦୁଃଖ-ନିବାରଣ



ଆନନ୍ଦମୟୀ ମା'ଙ୍କ ପ୍ରତି ଶ୍ରଦ୍ଧା ରଖୁଥିବା ଜଣେ ଭକ୍ତ ଶ୍ରୀ ଅମୂଲ୍ୟକୁମାର ଦତ୍ତଗୁପ୍ତ ଏକ ଘଟଣା ବତାଇ କହନ୍ତି : ''ମୋର ମିତ୍ରର ୧୦-୧୨ ବର୍ଷର ଝିଅ ପାଣିରେ ବୁଡ଼ି ମରିଗଲା । ଦ୍ୱିତୀୟ ଦିନ ଶୋକାତୁର ମିତ୍ରକୁ ସଙ୍ଗରେ ନେଇ ମୁଁ ଆନନ୍ଦମୟୀ ମା'ଙ୍କ ନିକଟକୁ ଗଲି । ମୁଁ ମା'ଙ୍କୁ ନିଜ ମିତ୍ରର ପରିଚୟ ଦେଲି ଏବଂ ଦୁର୍ଘଟଣାର କାହାଣୀ ଶୁଣାଇଲି ।

କରୁଣାଭରା ଦୃଷ୍ଟିପାତ କରି ମା' ମିତ୍ରକୁ ବୁଝାଇବାରେ ଲାଗିଲେ : ''ନିଜକୁ କର୍ତ୍ତା ମନେ କରିବା କାରଣରୁ ତୁମେ ଏହି ଦୁଃଖକୁ ସ୍ୱୀକାର କରୁଛ । ଯଦି 'ମୋର ପୁଅ, ମୋର ଝିଅ...' ଏହି ଭାବନା ରଖି ନଥାନ୍ତ, ଯଦି ପତ୍ନୀ-ପୁତ୍ର ଆଦିକୁ ଭଗବାନଙ୍କର ଧନ ବୁଝିଥାନ୍ତ ତେବେ କଷ୍ଟ ପାଇବାର କୌଣସି କାରଣ ରହି ନଥାନ୍ତା । ଯାହାର ଧନ ଆମ ପାଖରେ ଅଛି ତାକୁ ତାହା ଫେରାଇ ଦେଲେ ଆମକୁ ଦୁଃଖ ହୁଏ ନାହିଁ ବରଂ ଏକ ଦାୟିତ୍ୱବୋଧରୁ ମୁକ୍ତ ହୋଇଗଲୁ ଏପରି ବିଚାର କରି ଶାନ୍ତି ପାଉ । ଯଦି ତୁମେ ବାସ୍ତବରେ ଝିଅଠାରେ ସ୍ନେହ ରଖୁଛ ତେବେ କ୍ରନ୍ଦନ-ବିଳାପର ଆବଶ୍ୟକତା ନାହିଁ ବରଂ ଭଗବାନଙ୍କୁ ପ୍ରାର୍ଥନା କର ଯେପରି କି ତାର ସଦ୍‌ଗତି ହୋଇଯିବ । ଯଦି କେବେ ତୁମେ ନିଜ ଝିଅ ପାଇଁ କ୍ରନ୍ଦନ ବିଳାପ କରିବ ତେବେ ସେ ତୁମ ନିକଟକୁ ଆସିବାର ପ୍ରଯତ୍ନ କରିବ କିନ୍ତୁ ସେ ଆସିପାରିବ ନାହିଁ କାରଣ ଯେଉଁ ପର୍ଦା କାରଣରୁ ସେ ତୁମଠାରୁ ଅଲଗା ହୋଇଛି, ତାକୁ ଚିରିବାର ଶକ୍ତି ତାହାଠାରେ ନାହିଁ । ତୁମର ଏହି ପ୍ରକାର ଚେଷ୍ଟା ତାହା ପାଇଁ କଷ୍ଟଦାୟକ ହେବ । ଯଦି ତୁମେ ନିଜ ଝିଅ ପାଇଁ କ୍ରନ୍ଦନ ବିଳାପ ଜାରି ରଖିବ ତେବେ ତାର କଷ୍ଟ ବଢ଼ିଯିବ । ଏହାକୁ ସ୍ନେହ କୁହାଯାଇ ପାରିବ ନାହିଁ । ଏଥିପାଇଁ ତାର କଲ୍ୟାଣ ପାଇଁ, ଶାନ୍ତି ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଚାଲ ।''

ମା'ଙ୍କର ବଚନ ଦ୍ୱାରା ମୋର ମିତ୍ରକୁ ବଡ଼ ସନ୍ତୋଷ ହେଲା ।''

ଯେଉଁ ଦୁଃଖ, କଷ୍ଟ, ସମସ୍ୟାକୁ ସାରା ଧନ-ସମ୍ପତ୍ତି, ଯୋଗ୍ୟତା ଲଗାଇ ମଧ୍ୟ ଦୂର କରାଯାଇ ପାରିବ ନାହିଁ, ସମସ୍ତ ମିତ୍ର, ବନ୍ଧୁ, ହିତୈଷୀ ମିଶିକରି ମଧ୍ୟ ଯେଉଁଥିରେ କିଛି ସାହାଯ୍ୟ କରିପାରନ୍ତି ନାହିଁ ଏପରି ବଡ଼ରୁ ବଡ଼ ସମସ୍ୟା, ବଡ଼ରୁ ବଡ଼ ଦୁଃଖ ଓ କଷ୍ଟ ମଧ୍ୟ ବ୍ରହ୍ମବେତ୍ତା ମହାପୁରୁଷଙ୍କର ଶରଣ ନେଲେ ସହଜରେ ଦୂର ହୋଇଯାଏ । ପୂଜ୍ୟ ବାପୁଜୀଙ୍କର ସତ୍‌ସଙ୍ଗ-ସାନ୍ନିଧ୍ୟର ଯେଉଁମାନେ ଲାଭ ନେଇଛନ୍ତି ଏପରି କୋଟି-କୋଟି ଲୋକ ଏହାର ପ୍ରତ୍ୟକ୍ଷ ଅନୁଭବ କରିଛନ୍ତି ।

# ସନ୍ତଙ୍କର ହିତଭରା ଅନୁଭବ-ବାଣୀ



## ମହାମାରୀ ଅସ୍ୱୀକାର ହେଲେ ଏହାକୁ ଗ୍ରହଣ କର

- ସ୍ୱାମୀ ରାମତୀର୍ଥ

ଯଦି ଗୃହ-କଳହ, ଦୁର୍ଭିକ୍ଷ (ଅକାଳ), ମହାମାରୀ ଆଦି ଅସ୍ୱୀକାର ଅଟେ ତେବେ ପବିତ୍ରତା, ବ୍ରହ୍ମଚ଼ର୍ଯ୍ୟ, ହୃଦୟ-ଶୁଦ୍ଧି, ନିର୍ମଳ ଆଚ଼ାର-ବିଚ଼ାରକୁ ଗ୍ରହଣ କର ।

## ଭଜନ ନୌକା ବିନା...

- ସନ୍ଥ ଦୟାବାଈ

ବହେ ଜାତ ହେଁ ଜୀବ ସବ କାଲ ନଦୀ କେ ମାହିଁ ।
'ଦୟା' ଭଜନ ନୌକା ବିନା ଉପଜି ଉପଜି ମରି ଜାହିଁ ।।

ସବୁ ଜୀବ କାଳରୂପୀ ନଦୀରେ ଭାସି ଚାଲିଛନ୍ତି । ସନ୍ଥ ଦୟାବାଈ କହନ୍ତି ଯେ ଭଗବଦ୍-ଭଜନରୂପୀ ନାବ ବିନା ଜୀବ ବାରମ୍ବାର ଜନ୍ମ-ମରଣ ଲଭିଥାନ୍ତି ।

## ସାଧନାରେ ଅଦ୍ଭୁତ ସଂଯୋଗ



- ସନ୍ଥ ଥାନେଦାର (ଠାକୁର ରାମସିଂହ)

ଯଦି ଶିଷ୍ୟ ଶ୍ରଦ୍ଧାଳୁ ଅଟେ କିମ୍ବା ସମର୍ଥ ଗୁରୁ ମିଳିଯାନ୍ତି ତେବେ ହିଁ ସେହି ପରମାତ୍ମା ପ୍ରକଟ ହୋଇଯାଏ । ଯଦି ଦୁହେଁ ମିଳିଯାନ୍ତି- ଶ୍ରଦ୍ଧାଳୁ ଶିଷ୍ୟକୁ ସମର୍ଥ ଗୁରୁ ମିଳିଯାନ୍ତି ତେବେ ତ ଆଉ କହିବାର କ'ଣ ଅଛି ! ସାଧନା କ୍ଷେତ୍ରରେ ଅଦ୍ଭୁତ ସଂଯୋଗ ! ଶିଷ୍ୟର ଯେତିକି ଉଚ୍ଚ ଭାବ-ଶ୍ରଦ୍ଧା ଗୁରୁଙ୍କ ପ୍ରତି ହେବ ସେତିକି ସେ ଉପରକୁ ଉଠିଯିବ ।

### ଗତାଙ୍କର 'ଋଷି ପ୍ରସାଦ ପ୍ରଶ୍ନୋତ୍ତରୀ'ର ଉତ୍ତର

(୧) ଶ୍ରୀଗୁରୁଦେବ (୨) ସତ୍ୟସ୍ୱରୂପ ଈଶ୍ୱର
(୩) ଦୃଢ଼ତା, କଷ୍ଟସହିଷ୍ଣୁତା (୪) ଚରିତ୍ରବାନ

## ସଦ୍‌ଗୁରୁଙ୍କର ସେବା ଉତ୍ତମ



- ଗୁରୁ ଅମରଦାସ

ହେ ଭାଇ ! ସର୍ବବ୍ୟାପକ ପରମାତ୍ମା ହରି ଗୁଣହୀନ ଜୀବମାନଙ୍କୁ ସଦ୍‌ଗୁରୁଙ୍କର ସେବାରେ ଲଗାଇ କ୍ଷମା କରନ୍ତି । ସଦ୍‌ଗୁରୁଙ୍କର ସେବା ଉତ୍ତମ କାରଣ ତାଙ୍କର ସେବା କଲେ ଭଗବନ୍ନାମରେ ଚିତ୍ତ ଲାଗେ ।

## ଜାତି ହମାରି ଆତମା...



- ସନ୍ଥ ମଲୂକଦାସ

ଜାତି ହମାରି ଆତମା,
ନାମ ହମାରା ରାମ ।
ପାଞ୍ଚ ତତ୍ତ୍ୱ କା ପୂତରା,
ଆଇ କିୟା ବିଶ୍ରାମ ।।

## ମରିକରି ଯୁଗ-ଯୁଗ ବଞ୍ଚିଲି

- ସନ୍ଥ ୟାରୀ ସାହେବ

ସଦ୍‌ଗୁରୁଙ୍କର ଚରଣରଜକୁ ନେଇ ଦୁଇ ଆଖି ମଧ୍ୟରେ ଅଞ୍ଜନ ଲଗାଇଲି ଅର୍ଥାତ୍ ଗୁରୁଦେବଙ୍କ ବ୍ରହ୍ମଜ୍ଞାନର ଉପଦେଶ ଓ ଧ୍ୟାନ ଦ୍ୱାରା ତୃତୀୟ ନେତ୍ର-ଜ୍ଞାନ-ନେତ୍ର ଜାଗ୍ରତ କଲି । ଏହାଦ୍ୱାରା ଅଜ୍ଞାନ-ଅନ୍ଧକାର ନଷ୍ଟ ହୋଇ ଜ୍ଞାନର ପ୍ରକାଶ ହେଲା । ସେହି ଜ୍ଞାନ-ପ୍ରକାଶ ଦ୍ୱାରା ନିର୍ଗୁଣ ପରମାତ୍ମାର ଅନୁଭବ ହେଲା । ଯେଉଁ ପରମାତ୍ମାଠାରେ କୋଟି କୋଟି ସୂର୍ଯ୍ୟ ସଘନରୂପରେ ଲୁଚ଼ି ରହିଛନ୍ତି, ସେହି ତ୍ରିଲୋକର ସ୍ୱାମୀକୁ ନିଜ ପ୍ରିୟତମରୂପରେ ପାଇ ମୁଁ ଧନ୍ୟ ହୋଇଗଲି । ସନ୍ଥ ୟାରୀ ସାହେବ କହନ୍ତି ଯେ ସଦ୍‌ଗୁରୁ ଯେଉଁ କୃପା କଲେ ତାହାଦ୍ୱାରା ମୁଁ ମରିକରି ଅର୍ଥାତ୍ ମରଣଧର୍ମା ଶରୀରରେ ଅହଂବୁଦ୍ଧି ନଷ୍ଟ ହୋଇ ଯୁଗ-ଯୁଗ ବଞ୍ଚି ରହୁଛି ।

### ଏହି ଅଙ୍କର 'ଉଚ଼ିତ ସଂଯୋଗ କର'ର ଉତ୍ତର

(୧)-(ଗ), (୨)-(ଘ), (୩)-(କ), (୪)-(ଖ)

# ସଦ୍‌ବିଦ୍ୟାଯୁକ୍ତ ପୁରୁଷର ଲକ୍ଷଣ ଜାଣି ସେସବୁ ଆଚରଣ କର



(ଗତାଙ୍କର ଆଗକୁ)

ବ୍ରହ୍ମବେତ୍ତା ସମର୍ଥ ରାମଦାସ ନିଜର ହିତଭରା ଅନୁଭବ-ବାଣୀରେ ସମସ୍ତଙ୍କର କଲ୍ୟାଣ ନିମନ୍ତେ ସଦ୍‌ବିଦ୍ୟାଯୁକ୍ତ ପୁରୁଷର ଲକ୍ଷଣ ଜଣାଇ ଆଗକୁ କହୁଛନ୍ତି : ସଦ୍‌ବିଦ୍ୟାଯୁକ୍ତ ପୁରୁଷ ତତ୍ତ୍ୱଜ୍ଞ ହୋଇ ମଧ ଉଦାସୀନ (ବିରକ୍ତ), ବହୁଶ୍ରୁତ (ଅନେକ ବିଷୟର ଜ୍ଞାନ ଶ୍ରବଣ ଓ ତାହାର ସ୍ମରଣ ରଖିବା ବ୍ୟକ୍ତି) ହୋଇ ମଧ ସଜ୍ଜନ, ବଡ଼-ବଡ଼ ରାଜାଙ୍କର ମାର୍ଗଦର୍ଶକ- ମନ୍ତ୍ରୀ ହୋଇ ମଧ ସଦ୍‌ଗୁଣ-ସମ୍ପନ୍ନ ଓ ନୀତିବାନ ଅଟନ୍ତି ।

ସେମାନେ ପବିତ୍ର, ପୁଣ୍ୟବାନ ସାଧୁ ହୋଇ ଶୁଦ୍ଧ ଅନ୍ତଃକରଣଯୁକ୍ତ, କୃପାଳୁ ଓ ଧର୍ମାତ୍ମା ଅଟନ୍ତି । ସେମାନେ ସ୍ୱଧର୍ମପାଳକ, କର୍ମନିଷ୍ଠ, ନିର୍ମଳ, ନିର୍ଲୋଭୀ ଓ ଅନୁତାପୀ (ଈଶ୍ୱରଙ୍କ ପାଇଁ ବିରହାଗ୍ନି ଦ୍ୱାରା ନିର୍ମଳ ହୋଇଥିବା ଚିତ୍ତସମ୍ପନ୍ନ) ଅଟନ୍ତି ।

ସେମାନଙ୍କର ପରମାର୍ଥରେ ପ୍ରୀତି ଓ ରୁଚି ହୁଏ ତଥା ପରମାର୍ଥ ସେମାନଙ୍କୁ ମଧୁର ଲାଗେ । ସେମାନେ ସନ୍ମାର୍ଗର ଆଚରଣ ଓ ସତ୍‌କର୍ମ କରନ୍ତି, ଉତ୍ତମ ଧାରଣାଶକ୍ତିଯୁକ୍ତ ଓ ଧୈର୍ଯ୍ୟବାନ ଅଟନ୍ତି । ସେମାନେ ଶ୍ରୁତି ଓ ସ୍ମୃତିର ଜ୍ଞାତା । ଆନନ୍ଦରେ ବଞ୍ଚିବାର ଯୁକ୍ତିକୁ ଜାଣନ୍ତି । ସେମାନଙ୍କୁ ଭଗବାନଙ୍କର ଲୀଳାରେ ପ୍ରୀତି ହୁଏ ତଥା ଭଗବାନଙ୍କର ସ୍ତୁତି କିପରି କରିବା ଉଚିତ ଏହା ମଧ ସେମାନେ ଜାଣନ୍ତି । ସେମାନେ ବୁଦ୍ଧିମାନ ଓ ବ୍ୟକ୍ତି, ବସ୍ତୁ ଆଦିକୁ ଉତ୍ତମ ରୂପେ ଚିହ୍ନଟ କରିପାରନ୍ତି ।

ସେମାନେ ସର୍ବଦା ଦକ୍ଷ ରହି ପ୍ରସଙ୍ଗୋଚିତ ଆଚରଣକାରୀ, ଚତୁର, ଯୋଗ୍ୟ (ଶ୍ରୁତି-ଶାସ୍ତ୍ରସମ୍ମତ) ତର୍କକାରୀ, ସତ୍ୟ ଓ ସତ୍‌ସାହିତ୍ୟରେ ରୁଚି ରଖୁଥିବା ବ୍ୟକ୍ତି, ନିୟମନିଷ୍ଠ, ପାରଦର୍ଶୀ (ଭିତରର ଜ୍ଞାତା), କୁଶଳ, ଚପଳ (ସ୍ଫୂର୍ତ୍ତିବାନ) ଓ ଅନେକ ପ୍ରକାର ଅଦ୍ଭୁତ, ବିସ୍ମୟକାରୀ ଉତ୍ତମ ଗୁଣରେ ସମ୍ପନ୍ନ ଅଟନ୍ତି । କାହାର କେତେ ଆଦର କରିବା, କାହାର କିପରି ସମ୍ମାନ କରିବା ଏହାର ତାରତମ୍ୟ ସେମାନେ ଜାଣନ୍ତି । କେଉଁ ସମୟରେ କିପରି ବ୍ୟବହାର କରିବା ଉଚିତ ଏହା ସେମାନେ ଉତ୍ତମ ପ୍ରକାରରେ ଜାଣନ୍ତି । ସେମାନେ କହିବାରେ କୁଶଳ ତଥା କାର୍ଯ୍ୟ-କାରଣ ସମ୍ବନ୍ଧର ଉତ୍ତମ ଜ୍ଞାତା ଅଟନ୍ତି ।

ସେମାନେ ସର୍ବଦା ସାବଧାନ ଓ କାର୍ଯ୍ୟରତ ରହି ସାଧକବୃତ୍ତିରେ ରହନ୍ତି । ବେଦାଦି ଶାସ୍ତ୍ରର ଅନୁଶୀଳନ (ଗମ୍ଭୀରତାପୂର୍ବକ ସତତ ଅଭ୍ୟାସ କିମ୍ବା ନିୟମିତ ଗହନ ଅଧ୍ୟୟନ) କରିବା କାରଣରୁ ଶବ୍ଦଜ୍ଞାନ ଓ ଆତ୍ମାନୁଭବ- ଉଭୟ ହୋଇଥିବାରୁ ଅନ୍ୟମାନଙ୍କୁ ଜ୍ଞାନ-ବିଜ୍ଞାନର ନିଶ୍ଚୟାତ୍ମକ ବୋଧ କରାଇବାରେ ସମର୍ଥ ଅଟନ୍ତି । ସେମାନେ ତୀର୍ଥକ୍ଷେତ୍ରର ନିବାସୀ ଓ ନାନା ମନ୍ତ୍ରର ଅନୁଷ୍ଠାନକାରୀ, ଦୃଢ଼ବ୍ରତୀ, ଲୋକ-ମାଙ୍ଗଲ୍ୟର କାର୍ଯ୍ୟରେ ରତ ରହି ସେଥିପାଇଁ ନିଜର ଶାରୀରିକ କଷ୍ଟ ପ୍ରତି ଭ୍ରୂକ୍ଷେପ ନ କରି ଇନ୍ଦ୍ରିୟନିଗ୍ରହପୂର୍ବକ ଉପାସନା କରିଥାନ୍ତି ।

ସେମାନେ ସତ୍ୟ, ଶୁଭ ଓ ମିଷ୍ଟଭାଷୀ ଅଟନ୍ତି, ନିଜର ବଚନ ପ୍ରତି ଏକନିଷ୍ଠ ରହି ସେସବୁର ପାଳନ କରନ୍ତି । ସେମାନେ ସର୍ବଦା ନିଶ୍ଚୟାତ୍ମକ ଓ ଅନ୍ୟମାନଙ୍କ ପାଇଁ ସୁଖକାରୀ ବଚନ କହନ୍ତି (କେବେ-କେବେ ସେମାନଙ୍କର ବଚନ ବାହାରୁ ଓ ତତ୍କାଳ ସୁଖକାରୀ ତଥା ମଧୁର ନ ଲାଗିଲେ ମଧ ପରିଣାମରେ ସୁଖକାରୀ, ମଧୁର ଓ ହିତକାରୀ ସିଦ୍ଧ ହୁଏ ଏପରି ବିବେକୀଜନ ଜାଣନ୍ତି) । ସେମାନଙ୍କର ସବୁ ଇଚ୍ଛା ତୃପ୍ତ ହୋଇ ଯାଇଥାଏ ଏବଂ ଯୋଗର ଗଭୀରତାର ଜ୍ଞାନ ସେମାନଙ୍କୁ ହୋଇଥାଏ । ସେମାନଙ୍କର ବ୍ୟକ୍ତିତ୍ୱ ଭବ୍ୟ ଓ ପ୍ରସନ୍ନଚିତ ଅଟେ । ସେମାନେ ବୀତରାଗ (ଯେଉଁମାନଙ୍କର ରାଗ-ଦ୍ୱେଷ ବାଧିତ ଅର୍ଥାତ୍ ମିଥ୍ୟା ହୋଇସାରିଛି ଏପରି) ହୋଇ ମଧ ସୌମ୍ୟ ଓ ସାତ୍ତ୍ୱିକ ଅଟନ୍ତି । ସେମାନେ ନିଷ୍କପଟ ଓ ନିର୍ବ୍ୟସନୀ ହୋଇ ସର୍ବଦା ଶୁଦ୍ଧ ମାର୍ଗର ଅନୁସରଣ କରନ୍ତି । (କ୍ରମଶଃ)

# ନିଜର ସ୍ୱରୂପକୁ ନିର୍ବିକଳ୍ପ-ନିର୍ବିକାର ଜାଣ

(‘ପରାଶର-ମୈତ୍ରେୟ ସମ୍ବାଦ’ ଅଙ୍କ ୩୨୧ରୁ ଆଗକୁ)

ମହର୍ଷି ପରାଶର ମୈତ୍ରେୟଙ୍କୁ ଉପଦେଶ ଦେଇ ଆଗକୁ କହୁଛନ୍ତି : ‘‘ହେ ମୈତ୍ରେୟ ! ମଧୁରତା, ଶୀତଳତା, ଦ୍ରବତା ରୂପ ଜଳ ନିଜଠାରୁ ଅନ୍ୟରୂପରେ କଳ୍ପିତ ତରଙ୍ଗକୁ ଜାଣେ ନାହିଁ ତେଣୁ ଅସ୍ତି (ଅସ୍ତିତ୍ୱ), ଭାତି (ଚେତନ, ଜ୍ଞାନ), ପ୍ରିୟ (ଆନନ୍ଦ) ରୂପ ତୁ (ଆତ୍ମାଠାରୁ) ଅନ୍ୟରୂପ କଳ୍ପନାସ୍ୱରୂପ ଜଗତକୁ କିପରି ଜାଣୁଛୁ ?’’

ମୈତ୍ରେୟ କହିଲେ : ‘‘ଠିକ୍ ଅଛି, ଦୃଷ୍ଟାନ୍ତର ବିଷୟ ସେହି ଜଳ ଆଦି ଅଧିଷ୍ଠାନ ଜଡ଼ ପଦାର୍ଥ ଅଟନ୍ତି ଏହି କାରଣରୁ ନିଜଠାରେ ଅଧ୍ୟସ୍ତ ତରଙ୍ଗ ଆଦିକୁ ଜାଣେ ନାହିଁ କିନ୍ତୁ ମୁଁ ଚୈତନ୍ୟ ଅଟେ ଏଥିପାଇଁ ନିଜ ବିବର୍ତ୍ତ ସ୍ୱପ୍ନର ପଦାର୍ଥମାନଙ୍କୁ ଜାଣୁଛି । ସ୍ୱପ୍ନ-ପଦାର୍ଥମାନଙ୍କର ଅଧିଷ୍ଠାନ ଚୈତନ୍ୟ ସ୍ୱପ୍ନଦ୍ରଷ୍ଟା ଦ୍ୱାରା ହିଁ କଳ୍ପିତ ସ୍ୱପ୍ନ-ପଦାର୍ଥଙ୍କର ସିଦ୍ଧି ହୁଏ, ଅନ୍ୟଦ୍ୱାରା ନୁହେଁ । ଯେଉଁ ମୁଁ ସ୍ୱପ୍ନଦ୍ରଷ୍ଟା ସ୍ୱପ୍ନ-ପଦାର୍ଥମାନଙ୍କୁ ପ୍ରକାଶ ନ କରେ ତେବେ ସ୍ୱପ୍ନ-ପଦାର୍ଥମାନଙ୍କର ଜ୍ଞାନ ନ ହେବା ଉଚିତ, କାରଣ ଅବିଦ୍ୟାରେ କିମ୍ବା ଅନ୍ତଃକରଣରେ ଚୈତନ୍ୟର ଆଭାସ ଦ୍ୱାରା ମଧ୍ୟ ସ୍ୱପ୍ନ-କଳ୍ପିତ ପଦାର୍ଥମାନଙ୍କର ପ୍ରକାଶ ହୁଏ ନାହିଁ । ଅବିଦ୍ୟା କିମ୍ବା ବୁଦ୍ଧି (ଅନ୍ତଃକରଣ) ପରି ଏହି ଆଭାସ ମଧ୍ୟ ଜଡ଼ ଓ କଳ୍ପିତ ହେବାରୁ କଳ୍ପିତର ପ୍ରକାଶକ ହୁଏ ନାହିଁ ଏବଂ ଅନ୍ୟ କୌଣସି ସ୍ୱପ୍ନର ପ୍ରକାଶକ ନାହିଁ, ଏହାଦ୍ୱାରା ଶେଷ ମୁଁ ଚୈତନ୍ୟ ସ୍ୱପ୍ନଦ୍ରଷ୍ଟା ଦ୍ୱାରା ହିଁ ସ୍ୱପ୍ନର ଅହଂକାର ଆଦି ପଦାର୍ଥ ସିଦ୍ଧ ହୁଅନ୍ତି । ସେହିପରି ସୁଷୁପ୍ତି ଅବସ୍ଥାରେ ଅଜ୍ଞାନ ତଥା ସମାଧି ଅବସ୍ଥାରେ ସମାଧି-ସୁଖ ମୁଁ ଚୈତନ୍ୟ ଦ୍ୱାରା ହିଁ ସିଦ୍ଧ ହୁଅନ୍ତି । ଯଦ୍ୟପି ସୁଷୁପ୍ତି ଓ ସମାଧି ଅବସ୍ଥାମାନଙ୍କରେ କହିବା, ଚିନ୍ତନ କରିବାର ସାଧନ ବାଣୀ, ମନ ଆଦିର ନିଜ ଉପାଦାନ କାରଣ ଅଜ୍ଞାନରେ ଲୀନତା ହେବା ଦ୍ୱାରା ଏହି ଅବସ୍ଥାମାନଙ୍କରେ ଜାଗ୍ରତ ପରି କହିବା, ଶୁଣିବା, ଚିନ୍ତନ କରିବା ତଥା ନିଜକୁ ଦ୍ରଷ୍ଟା-ସାକ୍ଷୀ, ପ୍ରକାଶକ, ନିର୍ବିକାର, ନିର୍ବିକଳ୍ପ, ସତ୍-ଚିତ୍, ଆନନ୍ଦସ୍ୱରୂପ, ଜ୍ଞାନୀ-ଅଜ୍ଞାନୀ ଇତ୍ୟାଦି ବିଶେଷଣରେ ସଂଯୁକ୍ତ ମାନିବା ଓ ଦୃଶ୍ୟକୁ ଅସତ୍-ଜଡ଼-ଦୁଃଖରୂପ, କଳ୍ପିତ ମାନିବା ସମ୍ଭବ ନୁହେଁ ଅଥବା ଏପରି ସମ୍ଭବ ହେଉଥିବା ଦେଖିବାକୁ ଆସେ ନାହିଁ ତଥାପି ସୁଷୁପ୍ତିରେ ଅଜ୍ଞାନର ଅନୁଭବ ଓ ଆବୃତ (ଆଚ୍ଛାଦିତ) ସୁଖର ତଥା ସମାଧିରେ ନିରାବରଣ ସୁଖର ଅନୁଭବ ବାଧାପ୍ରାପ୍ତ ହୁଏ ନାହିଁ ବରଂ ଅନୁଭବପୂର୍ବକ ହିଁ ସ୍ମୃତି ହୋଇଥାଏ । ଯଦି କଳ୍ପିତ ପଦାର୍ଥମାନଙ୍କର ଜ୍ଞାତା, ପ୍ରକାଶକ ଚୈତନ୍ୟକୁ ମାନିବା ନାହିଁ ତେବେ ସ୍ୱପ୍ନ-ପଦାର୍ଥର ନ୍ୟୂନ-ଅଧିକତାର ବୃତ୍ତାନ୍ତର ଜ୍ଞାନ, ସୁଷୁପ୍ତିର ଅଜ୍ଞାନର ଜ୍ଞାନ, ସମାଧିର ସୁଖର ଜ୍ଞାନ ଆଦି ସର୍ବ ଅନୁଭବ-ସିଦ୍ଧ କଥନର ବିରୋଧ ହେବ । ଏହାଦ୍ୱାରା ମୁଁ ନିର୍ବିକାର ଚୈତନ୍ୟ ଦ୍ୱାରା ହିଁ କଳ୍ପିତ ଅହଂକାର ଆଦି ଭାବ-ଅଭାବର ସିଦ୍ଧି ହୁଏ, ଅନ୍ୟଦ୍ୱାରା ନୁହେଁ ।’’

ମହର୍ଷି ପରାଶର : ‘‘ହେ ମୈତ୍ରେୟ ! ଅବାଙ୍ମନସଗୋଚର (ମନ ଓ ବାଣୀର ପହଞ୍ଚଠାରୁ ଦୂର) ଯେଉଁ ତୁମର, ଆମର ତଥା ସମସ୍ତ କଳ୍ପିତ ଜଗତର ସ୍ୱରୂପ ଅଛି ତାର ଉପାଧି* ବିନା ପ୍ରକାଶ୍ୟ-ପ୍ରକାଶକ ଭାବ ହୋଇପାରେ ନାହିଁ କାରଣ ସୁଷୁପ୍ତିରେ ଯଦ୍ୟପି ଅନ୍ତଃକରଣ ଜାଗ୍ରତ ପରି ନଥିଲେ ସୁଦ୍ଧା ଅଜ୍ଞାନରେ ସଂସ୍କାରରୂପରେ ସ୍ଥିତ ଏବଂ ସେହି କାଳରେ ଅଜ୍ଞାନ ହିଁ ଉପାଧି ଅଟେ । ସେହିପରି ବିଦ୍ୱାନ ପୁରୁଷଙ୍କୁ ସମାଧି ଅବସ୍ଥାରେ ମଧ୍ୟ ଅନ୍ତଃକରଣ ଯଦ୍ୟପି ଜାଗ୍ରତ ପରି ସ୍ପଷ୍ଟ ନ ହେଲେ ସୁଦ୍ଧା ତଥା ସ୍ୱରୂପ-ଅଜ୍ଞାତ ଅବସ୍ଥା ପରି ଅଜ୍ଞାନ ମଧ୍ୟ ନାହିଁ ତଥାପି ପ୍ରାରବ୍ଧକ୍ଷୟ-ପର୍ଯ୍ୟନ୍ତ, ଜ୍ଞାନାଗ୍ନି କାରଣରୁ ମିଥ୍ୟା ନିଶ୍ଚୟ ହେବା ଦ୍ୱାରା ଜଳିଥିବା ଅଜ୍ଞାନ ସେହି ସମାଧିକାଳରେ ମଧ୍ୟ ଅଛି । ତାହା ହିଁ ସେହି କାଳରେ ଉପାଧି ଅଟେ, ତାକୁ ଲେଶ-ଅବିଦ୍ୟା ମଧ୍ୟ କହନ୍ତି । ଯେପରି ବାଣ ଦ୍ୱାରା ଦଗ୍ଧ ଅର୍ଜୁନର ରଥ କୃଷ୍ଣରୂପୀ ପ୍ରତିବନ୍ଧକ ଦ୍ୱାରା ପୂର୍ବପରି ସମସ୍ତଙ୍କୁ ପ୍ରତୀତ ହେଉଥିଲା, ସେହିପରି ଜ୍ଞାନାଗ୍ନି ଦ୍ୱାରା ଦଗ୍ଧ କାର୍ଯ୍ୟ-

କାରଣ ସମୂହ ମଧ୍ୟ ପ୍ରାରବ୍ଧରୂପୀ ପ୍ରତିବନ୍ଧକ ବିଦ୍ୟମାନ ଥିବାରୁ ହିଁ ପ୍ରତୀତ ହୋଇଥାଏ । ଏହି କାର୍ଯ୍ୟ-କାରଣ ସମୂହର ପ୍ରତୀତି ହିଁ ଉପାଧି ଅଟେ ।

ହେ ମୈତ୍ରେୟ ! ପ୍ରାରବ୍ଧରୂପୀ ଉପାଧିର କ୍ଷୟ ହେବାରେ ଅର୍ଥାତ୍ ଉପାଧି-ନିର୍ମୁକ୍ତ ବିଦେହ କୈବଲ୍ୟ (ବିଦେହ ମୁକ୍ତି)ରେ ପୂର୍ବୋକ୍ତ ବ୍ୟବହାର ନାହିଁ । ହେ ମୈତ୍ରେୟ ! ସେହି ଅବସ୍ଥାର କୌଣସି ଦୃଷ୍ଟାନ୍ତ ନାହିଁ, କାରଣ ସମାଧି, ସୁଷୁପ୍ତିରେ ମଧ୍ୟ ଉପାଧି ହୁଏ ଏପରି ପୂର୍ବରୁ କହିସାରିଛି । ଏଣୁ ହେ ମୈତ୍ରେୟ ! ତୁ ଶ୍ରବଣ କରି, ସ୍ପର୍ଶ କରି, ଦର୍ଶନ କରି, ରସ ଗ୍ରହଣ କରି, ଶୁଙ୍ଘି ବାସ୍ତବରେ ନିଜକୁ ନିର୍ବିକାର, ନିର୍ବିକଳ୍ପ ଜାଣ ।

ହେ ମୈତ୍ରେୟ ! କଳ୍ପିତ ଉପାଧିକୁ ଅଙ୍ଗୀକାର କରି ଉପାଧିସଂଯୁକ୍ତ ବିଶେଷ ଅଗ୍ନି ହିଁ କାଷ୍ଠ ଆଦିର ଦାହକ, ଉଷ୍ଣ, ପ୍ରକାଶ ଆଦି ବ୍ୟବହାର କରେ । ଉପାଧିରହିତ ସମାନ ଅଗ୍ନି ଦାହକ, ଉଷ୍ଣ, ପ୍ରକାଶ ଆଦି ବ୍ୟବହାର କରେ ନାହିଁ ଏଥିପାଇଁ କଳ୍ପିତ ଅହଂକାର ଆଦିର ଭାବ-ଅଭାବକୁ ଅନୁଭବ କରିବା ମଧ୍ୟ ଉପାଧି ଦ୍ୱାରା ହିଁ ଅଟେ, ଉପାଧି ବିନା ନୁହେଁ ।

ଯେପରି ଉପାଧିସହିତ ଓ ଉପାଧିରହିତ ଅଗ୍ନିରେ ଭେଦ ନାହିଁ, ବ୍ୟବହାରରେ ଭେଦ ଅଛି । ଯେପରି ବାୟୁ ଚଳପ୍ରଚଳ ହେବା-ସ୍ଥିର ହେବାରେ ଏକାପରି କିନ୍ତୁ ଚଳପ୍ରଚଳରେ ଭାସିତ ହୁଏ ଓ ଅଚଳ ଅବସ୍ଥାରେ ଭାସିତ ହୁଏ ନାହିଁ । ଯେପରି ଆକାଶ ଘଟ ଆଦି ଉପାଧିସହିତରେ ମଧ୍ୟ ଏବଂ ଘଟ ଆଦି ଉପାଧିରହିତରେ ମଧ୍ୟ ନିଜକୁ ଏକରସ ଜାଣେ, ସେହିପରି ହେ ମୈତ୍ରେୟ ! ତୁ ନିଜ ନିଜାତ୍ମସ୍ୱରୂପକୁ ମାୟା, ଅହଂକାର ଆଦି କଳ୍ପିତ ଉପାଧିସହିତରେ ମଧ୍ୟ ଓ ମାୟା, ଅନ୍ତଃକରଣ ଆଦି କଳ୍ପିତ ଉପାଧିରହିତରେ ମଧ୍ୟ ନିର୍ବିକଳ୍ପ, ନିର୍ବିକାର ଜାଣ ।'' (ଏହା ହିଁ ସନ୍ଥଜନଙ୍କର ନିଶ୍ଚୟ ।)

(‘ଆଧ୍ୟାତ୍ମିକ ବିଷ୍ଣୁ ପୁରାଣ’ରୁ କ୍ରମଶଃ)

* ଉପାଧି ଅର୍ଥାତ୍ ସେହି ଆରୋପିତ ବସ୍ତୁ ଯାହା ମୂଳ ବସ୍ତୁକୁ ଲୁଚାଇ ତାକୁ ଅନ୍ୟ ଭାବରେ କିମ୍ବା କୌଣସି ବିଶେଷ ରୂପରେ ଦେଖାଇ ଦିଏ । ଯେପରି- ଆକାଶ ଅସୀମ ଓ ନିରାକାର କିନ୍ତୁ ଘଟ ଓ ମଠର ଉପାଧିଠାରୁ ସୀମିତ ଓ ଭିନ୍ନ-ଭିନ୍ନ ରୂପରେ ପ୍ରତୀତ ହୁଏ ।

## ... ତେବେ ୩୩ କୋଟି ଦେବତା ମଧ୍ୟ ତାହା ଆଗରେ ହୁଅନ୍ତି ନତମସ୍ତକ

**- ପୂଜ୍ୟ ବାପୁଜୀ**

ମୁଁ ଏକ ପୌରାଣିକ କାହାଣୀ ଶୁଣିଛି । ଏକଦା ଦେବର୍ଷି ନାରଦ କୌଣସି ବୃଦ୍ଧ ବ୍ୟକ୍ତିଙ୍କୁ କହିଲେ : ‘‘କାକା ! ଏତେ ରୋଗରେ ପଡ଼ିଛ । ସଂସାର ତ ସଂସାର ଅଟେ, ଚାଲ ମୁଁ ତୁମକୁ ସ୍ୱର୍ଗକୁ ନେଉଯାଉଛି ।''

ବୃଦ୍ଧ ଜଣକ କହିଲେ : ‘‘ଦେବର୍ଷି ନାରଦ ! ମୁଁ ସ୍ୱର୍ଗ ତ ନିଶ୍ଚୟ ଯିବି କିନ୍ତୁ ମୋର ଏକ ଇଚ୍ଛା ପୂରା ହୋଇଯାଉ ବାସ୍ ! ମୋର ଦ୍ୱିତୀୟ ପୁତ୍ର ମୋର ଖୁବ୍ ସେବା କରିଛି । ମୁଁ ଟିକିଏ ଭଲ ହୋଇଯାଏ, ପୁତ୍ରର ବିବାହ ହୋଇଯିବା ପରେ ଚାଲିବି ।''

ନାରଦ ଆଶୀର୍ବାଦ ଦେଇ କିଛି ପ୍ରୟୋଗ ବତାଇଲେ । କାକା ଭଲ ହୋଇଗଲେ, ପୁତ୍ରର ବିବାହ ହୋଇଗଲା । ନାରଦ ଆସିଲେ ଓ କହିଲେ : ‘‘କାକା ! ଚାଲ ।''

କାକା : ‘‘ଦେଖନ୍ତୁ, ବୋହୂ ଏବେ ନୂଆ-ନୂଆ । ଟିକିଏ ବୋହୂର ସନ୍ତାନ ହୋଇଯାଉ ତାପରେ ଚାଲିବି ।''

ମହାରାଜ ! ସନ୍ତାନ ହୋଇଗଲା । ନାରଦ ପୁଣି ଆସିଲେ ଓ କହିଲେ : ‘‘କାକା ଚାଲ !''

କାକା କହିଲେ : ‘‘କ'ଣ ତୁମକୁ ଆଉ କେହି ମିଳୁନାହାନ୍ତି ?''

ନାରଦ : ‘‘କାକା ! ଏହି ଆସକ୍ତି ଛଡ଼ାଇବା ପାଇଁ ଆସୁଛି । ଯେପରି ମାଙ୍କଡ଼ ସରୁମୁହାଁ ପାତ୍ରରେ ହାତ ଭର୍ତ୍ତି କରେ ଏବଂ ଗୁଡ଼-ଚଣା ଆଦି ମୁଠାରେ ଭରି ନିଜର ହାତ ଫସାଇ ଦିଏ ଆଉ ନିଜେ ମୁଠା ଖୋଲି ମୁକୁଳି ପାରେ ନାହିଁ । ତାପରେ ମାଙ୍କଡ଼ ଧରାଳି ଆସନ୍ତି ଏବଂ ଲାଠି ମାରି ଜବରଦସ୍ତ ତାର ମୁଠା ଖୋଲାଇଥାନ୍ତି ତଥା ତାର ଗଳାରେ ଦଉଡ଼ି ବାନ୍ଧି ନେଇଯାନ୍ତି । ସେହିପରି ମୃତ୍ୟୁ ଆସିବ ଓ ଲାଠି ମାରି ଗଳାରେ ଦଉଡ଼ି ବାନ୍ଧି ନେଇଯିବାଟା ଭଲ ହେବ ନାହିଁ କାରଣ ସନ୍ଥ-ମିଳନ ପରେ ମଧ୍ୟ କୌଣସି ବ୍ୟକ୍ତି

ନର୍କକୁ ଯିବା ଅଶୋଭନୀୟ ଏଥିପାଇଁ ପୂର୍ବରୁ କହୁଅଛି ।''

''ମୁଁ ନରକ-ଫରକ ଯିବି ନାହିଁ । ପରେ ଆସିବ, ଏବେ ଯାଅ ।''

ନାରଦ ୨-୪ ବର୍ଷ ପରେ ଆସିଲେ, ପଚାରିଲେ : ''କାକା କେଉଁଆଡ଼େ ଗଲେ ?''

''କାକା ତ ଅଢ଼େଇ ବର୍ଷ ହେଲା ଚାଲିଗଲେଣି ।''

ନାରଦ ଧ୍ୟାନ ଲଗାଇ ଦେଖିଲେ ଯେ ସେ ନାଲିଆ (କୁକୁର) ହୋଇ ଆସିଛି, ଲାଞ୍ଜ ହଲାଉଛି । ନାରଦ ଶକ୍ତି ଦେଇ କହିଲେ : ''କ'ଣ କାକା ! ଏବେ ନାଲିଆ ହୋଇ ଆସିଛ ! ମୁଁ କହିଥିଲି ନା, ସଂସାରରେ ମଜା ନାହିଁ ।''



ସେ କହିଲା : ''ଆରେ ! ନାତି ଛୋଟ ଅଟେ, ଘରେ ବୋହୂ ଏକାକୀ, ବୋହୂ ଏବେ ଯୁବତୀ, ଏସବୁ ସୁଖ-ସୁବିଧାର ଉପଭୋଗ କରି ଥକିଯାନ୍ତି ତେଣୁ ରାତ୍ରିରେ ଜଗୁଆଳି କରିବା ପାଇଁ ମୋର ଆବଶ୍ୟକତା ଅଛି । ମୋର ଉପାର୍ଜିତ ଧନ ମୋର ପୁତ୍ର ନଷ୍ଟ କରିଦେବ, ବୋହୂ ସମ୍ଭାଳିପାରିବ ନାହିଁ ଏଥିପାଇଁ ମୁଁ ଏଠାକୁ ଆସିଛି ଆଉ ତୁମେ ମୋ ପଛରେ ପଡ଼ିଛ !''

ଆସକ୍ତି ବ୍ୟକ୍ତିକୁ କିପରି କରିଦିଏ ! ନାରଦ କିଛି ବର୍ଷ ପରେ ପୁଣି ଆସିଲେ ସେହି ଘରକୁ । ଦେଖିଲେ ଯେ ନାଲିଆ ଦେଖାଯାଉ ନାହିଁ, କୌଣସି ବ୍ୟକ୍ତିକୁ ପଚାରିଲେ : ''ସେହି ନାଲିଆ କେଉଁଆଡ଼େ ଗଲା ?

''ସେ ତ ମରିଗଲା । ଖୁବ୍ ସେବା କରୁଥିଲା ! ରାତ୍ରିରେ ଭୁକୁଥିଲା ଏବଂ ନାତି ଯେତେବେଳ ସକାଳୁ-ସକାଳୁ ଶୌଚ୍ କର୍ମ କରୁଥିଲା ସେତେବେଳେ ତାର ପଛେ-ପଛେ ସେ ମଧ୍ୟ ଯାଉଥିଲା ତଥା କେବେ-କେବେ ନାତିକୁ ଚାଟି ମଧ୍ୟ ଦେଉଥିଲା ।''

ମମତା ଥିଲା ନାତିଠାରେ । ମରିଗଲା, ଏକ୍ଦମ ତାମସ ପ୍ରବୃତ୍ତି ଥିଲା ତେଣୁ କେଉଁ ଯୋନିକୁ ଯାଇଥିବ ? ନାରଦ ଯୋଗବଳରେ ଦେଖିଲେ, 'ଓଃ ! ନାଳିରେ ବେଙ୍ଗ ହୋଇ ପଡ଼ିଛି ।'

ତାହା ନିକଟକୁ ଯାଇ କହିଲେ : ''ମଣ୍ଡୁକରାଜ ! ଏବେ ତ ଚାଲ ।''

ସେ କହିଲା : ''ଯଦିଓ ଏବେ ମୁଁ ନାଳିରେ ରହୁଛି ଏବଂ ମୋତେ ବୋହୂ, ପୁତ୍ର, ନାତି ଜାଣନ୍ତି ନାହିଁ କିନ୍ତୁ ମୁଁ ତ ସୁଖ ମାନୁଛି ଯେ ମୋର ପୁତ୍ର ଅଛି, ନାତି ଅଛି, ମୋର ଘର ଅଛି, ଗାଡ଼ି ଅଛି... ଏହା ଦେଖି ଆନନ୍ଦ ନେଉଛି । ତୁମେ ମୋ ପଛରେ କାହିଁକି ପଡ଼ିଛ ?''

ସଙ୍ଗ ବ୍ୟକ୍ତିକୁ ଏତେ ଦୀନ କରେ ଯେ ନାଳିରେ ପଡ଼ିବା ପରେ ମଧ୍ୟ ତାକୁ ଜଣା ପଡ଼େ ନାହିଁ ଯେ ମୋର ଏହି ଦୁର୍ଦ୍ଦଶା ହେଉଛି । ଏବେ ତୁମେ ଟିକିଏ ଚିନ୍ତା କର ଯେ କ'ଣ ଆମେମାନେ ତାର ପଡ଼ୋଶୀ ନୁହେଁ ? ଯେଉଁଠାରେ ସଙ୍ଗରେ ପଡ଼ିଯାଏ, ଯେଉଁଠାରେ ଆସକ୍ତ ହୋଇଯାଏ ସେଠାରେ ବ୍ୟକ୍ତି ଜଣା ନାହିଁ କେଉଁ-କେଉଁ ନାର୍କ ରାସ୍ତାରେ ମଧ୍ୟ ମମତାକୁ ପୋଷଣ କରେ । ତୁମର ମନ ଯେତିକି ଇନ୍ଦ୍ରିୟଙ୍କର ସଙ୍ଗରେ ଆସିଯାଏ, ଇନ୍ଦ୍ରିୟ ପଦାର୍ଥଙ୍କର ସଙ୍ଗରେ ଆସେ ଏବଂ ପଦାର୍ଥ ଓ ପରିସ୍ଥିତି ତୁମ ଉପର ପ୍ରଭାବ ପକାଇବାରେ ଲାଗେ ସେତିକି ତୁମେ ଛୋଟ ହେବାରେ ଲାଗ ଏବଂ ସେମାନଙ୍କର ମହତ୍ତ୍ୱ ବଢ଼ିଯାଏ । ବାସ୍ତବରେ ତୁମର ମହତ୍ତ୍ୱ ହେବା ଉଚିତ । ଅଟ ତ ତୁମେ ଅସଙ୍ଗୀ, ଆତ୍ମା, ଚୈତନ୍ୟ, ଅଜନ୍ମା, ଶୁଦ୍ଧ-ବୁଦ୍ଧ, ୩୩ କୋଟି ଦେବତା ମଧ୍ୟ ଯାହା ଆଗରେ ନତମସ୍ତକ ହୋଇଯିବେ ଏପରି ତୁମର ବାସ୍ତବିକ ସ୍ୱରୂପ କିନ୍ତୁ ଏହି ସଙ୍ଗ ତୁମକୁ ଦୀନ-ହୀନ କରିଦିଏ ।

ନିଃସଙ୍ଗୋ ମାଂ ଭଜେଦ୍ ବିଦ୍ୱାନପ୍ରମତ୍ତୋ ଜିତେନ୍ଦ୍ରିୟଃ ।

(ଶ୍ରୀମଦ୍‌ଭାଗବତ : ୧୧.୨୫.୩୪)

ଯେତିକି ତୁମେ ନିଃସଙ୍ଗ ହୁଅ, ଯେତିକି ତୁମର ମନୋବଳ ଉଚ୍ଚ, ମନ ଶୁଦ୍ଧ ଅଟେ ସେତିକି ତୁମର ପ୍ରଭାବ ଗଭୀର ହୁଏ । ଯେଉଁମାନେ ସେହି ବ୍ରହ୍ମକୁ ଜାଣନ୍ତି, ନିଜ ନିଃସଙ୍ଗ ସ୍ୱଭାବକୁ ଜାଣନ୍ତି ସେମାନଙ୍କର ଦର୍ଶନ କରି ଦେବତା ମଧ୍ୟ ନିଜର ଭାଗ୍ୟ ନିର୍ମାଣ କରନ୍ତି ।

# ମହାମାରୀ ଏତେ ମାରି ନାହିଁ ତ କିଏ ମାରିଛି ? - ପୂଜ୍ୟ ବାପୁଜୀ

ତୁମେ ନିଜ ଅନ୍ତଃକରଣରେ ଦ୍ୱେଷରହିତ, ଅପରାଧରହିତ, ବିକାରରହିତ ଅବସ୍ଥାରେ ବିଶ୍ରାମ କର ତାପରେ ଯାହା ହେବ ଦେଖାଯିବ । ମୁଁ ଅନେକ ଥର କହିସାରିଛି, ତୁମେ ଭିତରେ ଦୃଢ଼ ସଂକଳ୍ପ କର । ଯେ କୌଣସି ବିଚିତ୍ର ପରିସ୍ଥିତି ଆସୁ, କଠିନ ପରିସ୍ଥିତି ଆସୁ, ଯେ କୌଣସି ସମସ୍ୟା ଆସୁ- ପ୍ରସ୍ତୁତ ଗୁହ ଭିତରୁ । ସମସ୍ୟା ଦୂରେଇଯିବ । ଯେତେବେଳେ ତୁମେ ଭୟଭୀତ ହୁଅ ସେତେବେଳେ ଛୋଟିଆ ସମସ୍ୟା ମଧ୍ୟ ତୁମ ଉପରେ ପ୍ରଭାବ ପକାଏ । ମୁଁ ସତ୍‌ସଙ୍ଗରେ ଦୃଷ୍ଟାନ୍ତ ଦ୍ୱାରା ଅନେକ ଥର କହିଛି ।

କୌଣସି ଏକ ଛାୟା ଯାଉଥିଲା । ଜଣେ ସିଦ୍ଧପୁରୁଷ ଦେଖିଲେ । ମନେ-ମନେ ତାକୁ ପଚ଼ାରିଲେ : 'ତୁ କିଏ, କେଉଁଠାକୁ ଯାଉଛୁ ?'

କହିଲା : "ମୃତ୍ୟୁ ଅଟେ ମୃତ୍ୟୁ ! ଏହି ଅଞ୍ଚଳରେ ବହୁତ ପାପ ହୋଇଛି, ସେହି ପାପୀମାନଙ୍କୁ ମାରିବାକୁ ଯାଉଛି । ହଇଜା ବ୍ୟାପ୍ତ କରିବି ।"

"କେତେ ଲୋକଙ୍କର ଜୀବନ ନେବୁ ?"

କହିଲା : "ତିନି-ଚାରି ଶହ ଲୋକଙ୍କର ।"

ବାବା ଟିକିଏ ଶାନ୍ତ ହେଲେ, ଇତ୍ୟବସରରେ ସେ ଚାଲିଗଲା ।

ଖବର ଆସିଲା ଯେ ଗ୍ରାମରେ ଲୋକ ମରୁଛନ୍ତି । ଶହ ଶହ ମରିଗଲେ । ୬୦୦ ମରିଗଲେ... ୧୦୦୦ ମରିଗଲେ... ୨୦୦୦ ମରିଗଲେ... ୩୦୦୦ ମରିଗଲେ... ୪୦୦୦ରୁ ମଧ୍ୟ ଅଧିକ ମରିଗଲେ । ବାବା ଦେଖିଲେ ଯେ 'ତାକୁ ମିଥ୍ୟା କହିବାର ଆବଶ୍ୟକତା ନଥିଲା, ନିଗୁରା ମୋତେ କାହିଁକି ମିଛ କହିଲା ?'

ଏବେ ବାବା ଧ୍ୟାନ କ'ଣ କରିବେ, ଆଖି ଖୋଲି


"ରହ ! ତୁ ମିଥ୍ୟା କାହିଁକି କହିଲୁ ?"

ନିଜର ସୂକ୍ଷ୍ମତମ ବୃତ୍ତିରେ ନିରୀକ୍ଷଣ କରନ୍ତେ ସେହି ଛାୟା ଯାଉଥିବାର ଦେଖିଲେ । ପଚ଼ାରିଲେ "ରହ, ତୁ ମିଥ୍ୟା କାହିଁକି କହିଲୁ ? ତୁ ତ କହିଥିଲୁ ଯେ ତିନି-ଚାରି ଶହ ମରିବେ ଆଉ ୪୦୦୦ରୁ ମଧ୍ୟ ଅଧିକ ଲୋକ ମରିଗଲେ ।"

କହିଲା : "ମୁଁ ତ ତିନି-ଚାରି ଶହ ଲୋକଙ୍କୁ ହିଁ ମାରିଛି । ବାକି ଭୟାବହ ଚିନ୍ତନରେ ହିଁ ମଲେ ମୂର୍ଖ ଲୋକ !"

ସମସ୍ୟାରେ ଏତେ ଶକ୍ତି ନାହିଁ ଯେତିକି ସମସ୍ୟାର ଭୟରେ ଭୟଭୀତ ହୋଇ ବ୍ୟକ୍ତି ନିଜର କଳ୍ପନା କରି-କରି ସମସ୍ୟାର ବଳ ବଢ଼ିଥିବା ଅନୁଭବ କରେ । ଭୋଗରେ ଏତେ ସୁଖ ନଥାଏ ଯେତିକି ଭୋଗୀକୁ ଆରମ୍ଭରେ ଦେଖାଯାଏ । ପରେ ଦେଖିଲେ କ୍ଷୀଣ ହୋଇଯାଏ ।

ତେଣୁ ତୁମେ ଜଗତର ସ୍ୱଭାବକୁ ଠିକ୍ ଭାବରେ ଜାଣିଲେ ତାର କବଳରୁ ମୁକ୍ତ ହୋଇଯିବ ଏବଂ ଭଗବାନଙ୍କର ସ୍ୱଭାବକୁ ଜାଣିଲେ ତାର ନିତ୍ୟ ପ୍ରେମରସରେ ଏକାକାର ହୋଇଯିବ !

## ଋଷି ପ୍ରସାଦ ପ୍ରଶ୍ନୋତ୍ତରୀ

ନିମ୍ନ ପ୍ରଶ୍ନମାନଙ୍କର ଉତ୍ତର ହେତୁ ଏହି ଅଙ୍କ ଧ୍ୟାନପୂର୍ବକ ପଢ଼ନ୍ତୁ । (ଉତ୍ତର ଆଗାମୀ ଅଙ୍କରେ)

(୧) ସର୍ବଦା ପ୍ରସନ୍ନ ରହିବା, ପ୍ରତ୍ୟେକ ପରିସ୍ଥିତିକୁ ହସି-ହସି ସହିବା.....ର କଷଟିପଥର ଅଟେ ।

(୨) ଯେଉଁମାନେ ନିଜ 'ସୋଽହମ୍' ସ୍ୱଭାବରେ ଜାଗ୍ରତ ସେମାନଙ୍କ ପାଇଁ ସଂସାର ....... ଅଟେ ।

(୩) ମାନବକୁ ଯାହା ..... ତାର ପ୍ରାପ୍ତି ପାଇଁ ଯତ୍ନ କରିବା ଉଚିତ ଏବଂ ଯାହା ....... ତାର ଉପଯୋଗ କରିବା ଉଚିତ ।

# ତାଙ୍କର ଯୋଗକ୍ଷେମ ସର୍ବେଶ୍ୱର ସ୍ୱୟଂ ବହନ କରନ୍ତି

- ପୂଜ୍ୟ ବାପୂଜୀ

(ଅଙ୍କ ୩୨୬ରୁ ଆଗକୁ)

ଈଶ୍ୱରଙ୍କର ଲୀଳା ଅଚିନ୍ତ୍ୟ, ଅସୀମ ଓ ଅପରମ୍ପାର । ସନ୍ଥ ଓଡ଼ିଆ ବାବା, ଯାହାଙ୍କୁ ଆନନ୍ଦମୟୀ ମା' ବଡ଼ ଆଦରରେ ପ୍ରଣାମ କରୁଥିଲେ, ସେ ଏକଦା ଆଷାଢ଼ ମାସରେ ପ୍ରଭୁ ମସ୍ତିରେ ଗଙ୍ଗା କୂଳେ କୂଳେ ଆଗକୁ ଚାଲିଥିଲେ... । ତାଙ୍କୁ ଜୋର୍‌ରେ ଭୋକ ଲାଗିଲା । ଦୂରଦୂରାନ୍ତ ପର୍ଯ୍ୟନ୍ତ କୌଣସି ଗ୍ରାମ ଦେଖାଗଲା ନାହିଁ । ତୃଷ୍ଣା ତ ଗଙ୍ଗାଜଳରେ ଦୂର ହୁଏ କିନ୍ତୁ କ୍ଷୁଧା ପାଇଁ କ'ଣ ? କୌଣସି ବୃକ୍ଷ ତଳେ ବାବା ଆସନ ବିଛାଇ ବସିଗଲେ । ରାତ୍ରିର ଆଗମନ... କୋମଳ ବାଣୀ, ମଧୁର ଚିତ୍ତବନ, ପ୍ରେମଭରା ଦୃଷ୍ଟି ଓ ଆନନ୍ଦଦାୟୀ ଅଦ୍ଭୁତ ରୀତିଯୁକ୍ତ ଦୁଇ ଜଣ ସୁକୁମାର ଖେଳି ଖେଳି ଆସିଲେ । କହିଲେ : ''ବାବା-ବାବା ! ଏଠାରେ ବସିଛନ୍ତି, ଭୋଜନ କରିବେ ?''



କ୍ଷୁଧାର୍ତ୍ତ ବାବା କ'ଣ 'ନାହିଁ' କରିବେ ?

କହିଲେ : ''ହଁ ପୁତ୍ର ! ଭୋକ ତ ଲାଗୁଛି ।''

''ବାବା ! ଆମେ ଏବେ ଆଣୁଛୁ ଖାଦ୍ୟ ।''

କିଛି ସମୟ ପରେ ଦୁଇ ଜଣ ରୁଟି ଓ କଦଳୀର ତରକାରି ଆଣିଲେ ।

ବାବାଙ୍କର ଅଭ୍ୟାସ ଥିଲା, ବ୍ରାହ୍ମଣ ହାତର ଭୋଜନ ହିଁ ଖାଇବା ।

ବାଳକଙ୍କୁ ପଚାରିଲେ : ''ତୁମେ କେଉଁ ଜାତିର ?''

ସେହି ଦୁଇଜଣ ସୁନ୍ଦର ପ୍ରସନ୍ନ ବାଳକ କହିଲେ : ''ବାବା ! ଆମେ ମାହେଶ୍ୱରୀ ବଣିଆ ।''

ସେହି ଦୁଇ ଜଣଙ୍କର ପ୍ରେମ, ସହଜତା ଓ ପ୍ରଭାବ ଦେଖି ବାବା କହିଲେ : ''ହଁ, ଆଣ-ଆଣ, ଖାଇବି ।''

ବାଳକ ଦ୍ୱୟ ଭୋଜନ ଦେଲେ ।

ବାବା ପଚାରିଲେ : ''ଏଠାରେ କିଛି ତ ଦେଖାଯାଉ ନାହିଁ, ଏହା ତୁମେ କେଉଁଠାରୁ ଆଣିଲ ?'' କହିଲେ : ''ଆମେ ସେହି ଗ୍ରାମରୁ ଆସିଛୁ । ଏଠାକୁ ଖେଳିବାକୁ ଆସୁ । ତୁମେ ଭୋକିଲା ଥିଲ ତେଣୁ ନେଇଆସିଲୁ, ଖାଇନିଅ ।''

ବାବା ରୁଟି ଖାଇଲେ । ଖୁବ୍ ତୃପ୍ତି ହେଲା ।

### ଭକ୍ତି ଭଗବାନଙ୍କ ପାଇଁ ହିଁ କର

ବାବରିୟା ଭୂତ ଚାଲିଯିବ ଏହି କଥା ଶୁଣିବା ଦ୍ୱାରା । 'ମୋର କରିବି, ମୁଁ କରିବି, ମୋର ଭବିଷ୍ୟତ ପାଇଁ କରିବି...'- ଏସବୁ କରିବାର ଯେଉଁ ଭୂତ ଅଛି ତାହା ବାବରିୟା ଭୂତ ଅଟେ । ତାପରେ ବବୁଲ ଗଛରେ ଚଢ଼ ଓ ଓହ୍ଲାଅ , ବାସ୍ କଣ୍ଟା ସହ । କରିବାର ନାହିଁ, ଜାଣିବାର ଅଛି ! ପ୍ରଭୁଙ୍କୁ ଜାଣିବାରେ ଲାଗ, ନଚେତ୍ ବାବରିୟା ଭୂତ ଛାଡ଼ିବ ନାହିଁ । 'ନିଜର କିଛି ହେବା ଉଚିତ, ନିଜ ନାମରେ ଜମି ହେବା ଉଚିତ, ନିଜର ନାମ ହେବା ଉଚିତ...' ନାମ ତ ହାଡ଼-ମାଂସର ଶରୀରର ରଖା ହୋଇଛି, କହନ୍ତି : 'ମୁଁ କରିବି ।'

**ମେଁ ଅରୁ ମୋର ତୋର ତେଁ ମାୟା ।**
**ଜେହିଁ ବସ କିହ୍ନେ ଜୀବ ନିକାୟା ।।**

ଶରୀରକୁ 'ମୁଁ' ମାନିବା, ନାମକୁ ସତ୍ୟ ମାନିବା, 'ଏହା ମୋର, ଏହା ତୋର...'- ଏହି ମାୟା ଆସିଗଲା । ଜୀବମାନଙ୍କର କାୟା ତାର ବଶ ହୋଇଯାଇଛି । ଏହି ଦେଖା ଯାଉଥିବା ଶରୀର ସ୍ଥୂଳ କାୟା ଅଟେ... ସ୍ଥୂଳ ଶରୀର, ସୂକ୍ଷ୍ମ ଶରୀର, କାରଣ ଶରୀର- କାୟା ତ୍ରୟ ତାର ବଶ ହୋଇଯାନ୍ତି । ମୃତ୍ୟୁ ପରେ ମଧ୍ୟ ସୂକ୍ଷ୍ମ ଶରୀରରେ ଘୂରିବାକୁ ପଡ଼େ । ଏହି ବାବନାଭୂତ ଘୂରିବୁଲାଏ ।

ଭଗବାନଙ୍କର ଭକ୍ତି ମଧ୍ୟ କରନ୍ତି କିନ୍ତୁ ସାଂସାରିକ ବସ୍ତୁ ପାଇବା ପାଇଁ କରନ୍ତି ତେବେ ଜାଣ ଏବେ ଅନେକ ଜନ୍ମ ନେବା ବାକି ଅଛି । ଭଗବାନଙ୍କର ଭକ୍ତି କେବଳ

ଭଗବାନଙ୍କୁ ପାଇବା ପାଇଁ କରୁଥିଲେ ଜାଣିବ ଏହି ଜନ୍ମ ସାର୍ଥକ ହେଉଛି ।

### ବିନା ଡାକରାରେ ପ୍ରଭୁ ପୁନଶ୍ଚ ଆସିଲେ

ଆତ୍ମସୁଖରେ ତୃପ୍ତ ରହୁଥିବା ଓଡ଼ିଆ ବାବା ଟିକିଏ ବ୍ରହ୍ମଚିନ୍ତନ କରି ଆକାଶରୂପ ଈଶ୍ୱରତ୍ୱ ପ୍ରତି ନିରୀକ୍ଷଣ କରି ବିଶ୍ରାମ କଲେ । ପ୍ରଭାତ ହେଲା, ବାଳକ ଦ୍ୱୟ ଅନ୍ଧାରରେ ପୁଣି ଆସିଲେ ।

କହିଲେ : ‘‘ବାବା ! କିଛି ପିଇବେ ?’’

‘‘ଓଃ ! ପିଲେ, ଏତେ ଶୀଘ୍ର ଆସିଗଲ !’’

‘‘ହଁ ବାବା !’’

କହିଲେ : ‘‘ହଁ, ପିଇବି କିଛି ।’’

ସେମାନେ ମାଟି ହାଣ୍ଡିରେ ଲସି ଆଣିଲେ । ବାବା ଲସି ପିଇଲେ ।

ବାବା କହିଲେ : ‘‘ପୁତ୍ର ! ଏତେ ଅନ୍ଧାରରେ କିପରି ଆସିଲ ?’’

କହିଲେ : ‘‘ଖେଳି-ଖେଳି ଆମେ ଆସିଗଲୁ । ଆଚ୍ଛା ବାବା ! ଆପଣ ଲସି ପିଇଲେ, ଆମେ ଯାଉଛୁ ।’’

ବାବା ଚାହିଁଥାନ୍ତି, ପିଲା ଦ୍ୱୟ ଚାଲିଗଲେ ।

ବାବା ଛିଡ଼ା ହୋଇ ଦେଖିଲେ, ତାପରେ ଚାଲିଲେ... ଚାଲିଲେ... କୌଣସି ଗ୍ରାମ ଦେଖାଗଲା ନାହିଁ । ‘ପିଲା ଦ୍ୱୟ କେଉଁଠାରୁ ଆସିଥିଲେ, କେଉଁଠାକୁ ଗଲେ ?’’ ପରେ ବାବାଙ୍କୁ ଅନୁଭବ ହେଲା ଯେ ସେହି ବାଳକଙ୍କ ରୂପରେ ଶ୍ୟାମ-ବଳରାମ ଥିଲେ ।

କିପରି ଅଟେ ଭଗବଦ୍-ଜ୍ଞାନ, ଭଗବଦ୍-ପ୍ରସାଦ, ଭଗବଦ୍-ମାଧୁର୍ଯ୍ୟ ! ପିଲାମାନଙ୍କର ରୂପ ନେଇ ଭଗବାନ କିପରି ପ୍ରକଟ ହୋଇଯାନ୍ତି ! ଏକ ପାର୍ଶ୍ୱରେ ତ ସେ ସୃଷ୍ଟିକର୍ତ୍ତା, ପାଳକ, ପୋଷକ ଓ ସଂହାରକ ଅଟେ ଏବଂ ଅନ୍ୟ ପାର୍ଶ୍ୱରେ ବାବାଙ୍କର ପୁତ୍ର ହେବାରେ ତାକୁ ମଜା ଆସୁଛି ।

ପିଲାମାନଙ୍କର ରୂପ ନେଇ ଭଗବାନ କିପରି ପ୍ରକଟ ହୋଇଯାନ୍ତି ! ଏକ ପାର୍ଶ୍ୱରେ ତ ସେ ସୃଷ୍ଟିକର୍ତ୍ତା, ପାଳକ, ପୋଷକ ଓ ସଂହାରକ ଅଟେ ଏବଂ ଅନ୍ୟ ପାର୍ଶ୍ୱରେ ବାବାଙ୍କର ପୁତ୍ର ହେବାରେ ତାକୁ ମଜା ଆସୁଛି ।

ଏପରି ଜଣେ ସନ୍ଥ ମୋତେ ଗଙ୍ଗୋତ୍ରୀରୁ ଉପରେ ଗୋମୁଖର ଶାନ୍ତ ପରିବେଶରେ ମିଳିଥିଲେ । କଥାବାର୍ତ୍ତା କଲି ଓ ମୁଁ ଚାଲିଲି ତାପରେ ବିଚାର ଆସିଲା ଯେ ‘ଇଏ ଆସିଲେ କେଉଁଠାରୁ, ଗଲେ କେଉଁଠାକୁ ?’ ଚଟାଣରେ ଚଢ଼ି ବହୁ ଦୂର ପର୍ଯ୍ୟନ୍ତ ଦେଖିଲି, କେଉଁଠି ଦେଖାଗଲେ ନାହିଁ । ଗୋମୁଖର ଶାନ୍ତ ପରିବେଶରେ ତ ପକ୍ଷୀ ମଧ୍ୟ ଦେଖାଯାଉ ନଥିଲା ତେବେ ସନ୍ଥ କେଉଁଠାରେ ଲୁଚିବେ ! କିନ୍ତୁ ଈଶ୍ୱରଙ୍କର ଲୀଳା ଅପରମ୍ପାର ।

ଓଡ଼ିଆ ବାବା ମସ୍ତି-ମସ୍ତିରେ ଗୁଣୁଗୁଣୁ ଗାଇ ଚାଲିଲେ :

ଜିନ ଖାନ-ପାନ ନହିଁ ଭାବେ ହେ,
ନହିଁ କୋମଳ ବସନ[1] ସୁହାୱେ ହେ ।
ସବ ବିଷୟଭୋଗ ନିତ ଖାରା ହେ,
ହରି-ଆଶିକ କା ମଗ ନ୍ୟାରା ହେ ।।

‘ମଗ’ ଅର୍ଥାତ୍ ମାର୍ଗ ।

ତିନ ସବସେ ନାତା ତୋଡ଼ା ହେ,
ବିଷ ବିଷୟୋଁ ସେ ମନ ମୋଡ଼ା ହେ ।

ବିଷୟ-ବିକାର ଦେଖାଯାନ୍ତି ତ ଅମୃତ କିନ୍ତୁ ଏମାନେ ଜହର ଅଟନ୍ତି । ଯେତେବି ସଂସାରର ମଜା ଅଛି, ଜୀବକୁ ବାନ୍ଧିଥାଏ, ‘ସଜା’ ଅଟେ ଏବଂ ଆତ୍ମାର ମଜା ଜୀବାତ୍ମାକୁ ପରମାତ୍ମମୟ କରାଇ ଦିଏ ।

ଇକ ଅପନା ପ୍ରିୟ ଉର ଧାରା ହେ...

ନିଜ ପରମେଶ୍ୱରକୁ, ନିଜ ଆନନ୍ଦସ୍ୱରୂପ ଈଶ୍ୱରକୁ ହୃଦୟରେ ଧାରଣ କରିଛି ।

ହରି-ଆଶିକ କା ମଗ
ନ୍ୟାରା ହେ ।।...

ଜଗ ଜୋ ଜୋ ବସ୍ତୁ ଦେଖେ ହେ,
ସବ ସତ୍ୟ ନ କରକେ ପେଖେ[2] ହେଁ ।
ତିନ ଜଗସୌଁ କିୟା କିନାରା ହେ,
ହରି-ଆଶିକ କା ମଗ ନ୍ୟାରା ହେ ।।

ବାବା ଗୁଣୁଗୁଣୁ ଗାଇ ଚାଲୁଥାନ୍ତି, ଯେପରି ନିଜ ଅନ୍ତର୍ଯ୍ୟାମୀକୁ, ନିଜ ଆପଣାର ଲୋକକୁ, ପ୍ରିୟତମକୁ ଶୁଣାଇ ଚାଲୁଛନ୍ତି ।

ଜୈସା ତନୁ[3] ଚଲେ ଚଲାତେ ହେଁ,
ଜବ ହରି ଦେବେ ତବ ଖାତେ ହେଁ ।
ତିନକେ ସଙ୍ଗ ଫିରତା ପ୍ୟାରା ହେ,
ହରି-ଆଶିକ କା ମଗ ନ୍ୟାରା ହେ ।।
ଜୋ ପ୍ରେମ ପିୟାଲା ପୀତେ ହେଁ,
ପ୍ରିୟ ସହିତ ସଭୀ ଜଗ ଜୀତେ ହେଁ ।...

ପ୍ରଭୁର ପ୍ରେମ-ଅମୃତ ଯିଏ ପାନ କରିଛି, ସେ ହରିସହିତ ଜଗତକୁ ଜିତିଛି ।

କୁଛ କରନା ନହିଁ ବିଚ଼ାରା ହୈ,
ହରି-ଆଶିକ କା ମଗ ନ୍ୟାରା ହୈ ।।

ଏହି ପ୍ରକାର ବାବା ଗୁଣୁଗୁଣୁ ଗାଇ ଚାଲୁଥାନ୍ତି ।

ବାବାଙ୍କୁ ପଚ଼ରାଗଲା : ‘‘ବାବା ! ସେଠାକୁ ଭୋଜନ କିଏ ଆଣିଥିଲେ ?’’

କହିଲେ : ‘‘ତାହାର ଲୀଳା ।

ଜୈସା ତନୁ ଚଲେ ଚଲାତେ ହୈଁ,
ଜବ ହରି ଦେବେ ତବ ଖାତେ ହୈଁ ।...’’

କିପରି ସୁନ୍ଦର ବ୍ୟବସ୍ଥା ଅଟେ ସେହି ପ୍ରିୟତମର ! କୌଣସି ଖାଦ୍ୟ-ପେୟର ବସ୍ତୁ ନାହିଁ, କୌଣସି ଘରଦ୍ୱାର-ବାସସ୍ଥାନ ନାହିଁ, ଯାଇ ବସିଗଲେ ତାହାର ଚିନ୍ତନରେ... ‘ଓଁ ନମୋ ଭଗବତେ ବାସୁଦେବାୟ ।... ଓଁ ଆନନ୍ଦ ଓଁ... ତୁ-ହି-ତୁ... ।’ ତେବେ ‘ତୁ-ହି-ତୁ’କୁ ବାଳକ ହେବା ପାଇଁ କ’ଣ ବିଳମ୍ବ ଲାଗିବ ! ଖେଳାଳି (ଭଗବାନ) ପିଲା ହୋଇ ଆସିଲେ ।

...କୋଇ ସାଥ ଚଲା ନହିଁ

ଭଗବନ୍ନାମ-ଜପ ଦ୍ୱାରା ବାଣୀ ଶୁଦ୍ଧ ହୁଏ । ଭଗବାନଙ୍କର ଚିନ୍ତନ, ଧ୍ୟାନ ଦ୍ୱାରା ଅନ୍ତଃକରଣ ଶୁଦ୍ଧ ହୁଏ । ନଚେତ୍ ବାବରିୟା ଭୂତ ଅନ୍ତଃକରଣରେ ବସିଯାଏ : ‘ମୁଁ ନିଜର କିଛି କରିବି... ମୁଁ ଏହି ଫ୍ଲଟ୍ ନେବି ଓ ଅଫିସ୍ ଖୋଲିବି... ମୁଁ ଏହି ସାଙ୍ଗ ବନାଇବି, ପତ୍ନୀ ଆଣିବି, ପତି ଆଣିବି... ଏହାକୁ ରାଜି କରାଇବି, ତାକୁ ସନ୍ତୁଷ୍ଟ କରାଇବି, ତାକୁ ସମ୍ଭାଳିବି...’ ସମ୍ଭାଳି-ସମ୍ଭାଳି ମରିଗଲେ, କେହି ସଙ୍ଗରେ ଗଲେ ନାହିଁ କିନ୍ତୁ ଯେଉଁମାନେ ପ୍ରଭୁଙ୍କୁ ନିଜର କଲେ ସେମାନଙ୍କର ତ ସାନ୍ନିଧ ପାଇ ଲୋକ ପବିତ୍ର ହୋଇଯାନ୍ତି ।

(କ୍ରମଶଃ)

୧. ବସ୍ତ୍ର ୨. ଦେଖୁଛି ୩. ଶରୀର

## ଇସ ବିଧି ଦର୍ଶନ ସେ ବଞ୍ଚିତ ହୋ କବ ତକ ଦିବସ ବିତାଉଙ୍ଗୀ...



ମୈଁ ବିରହିନ ଅବ ପ୍ରିୟତମ ତୁମକୋ*,
କିସ ବିଧି ସେ କବ ପାଉଙ୍ଗୀ ।
ଲଗୀ ବିରହ କୀ ଆଗ ହୃଦୟ ମେଁ,
କୈସେ ଇସେ ବୁଝାଉଙ୍ଗୀ ।।
ମେରା ତୋ ଜୀବନ ସୂନା-ସା,
ୟହ ସବ ବୈଭବ ଧନ ସୂନା-ସା ।
ୟହୀ ନହିଁ ମୁଝକୋ ତୋ ତୁମ ବିନ,
ଲଗତା ସ୍ୱର୍ଗ ସଦନ ସୂନା-ସା ।
ଇସ ବିଧି ଦର୍ଶନ ସେ ବଞ୍ଚିତ ହୋ,
କବ ତକ ଦିବସ ବିତାଉଙ୍ଗୀ ।। ମୈଁ ବିରହିନ...
ମେରୀ ପୀଡ଼ା କିସନେ ଜାନୀ,
ସବ ଠୁକରାତେ ହୈଁ ମନମାନୀ ।
କୋଇ ଏକ ନ ସୁନତେ ମେରୀ,
କହତେ ତୁ ପାଗଲ ଦୀବାନୀ ।
ଇସ ନିର୍ଦୟୀ ନିଠୁର ଦୁନିୟା ସେ,
କୈସେ ପ୍ରାନ ବଚ଼ାଉଙ୍ଗୀ ।। ମୈଁ ବିରହିନ...
ମୈଁ ନିର୍ଧନ କିତନୀ ହୁଁ ସ୍ୱାମିନ୍,
ନିର୍ବଲ ଭି ଇତନୀ ହୁଁ ସ୍ୱାମିନ୍ ।
ପର ଅବ ଶରଣ ତୁହ୍ମାରୀ ହି ହୁଁ,
ଜୋ କୁଛ ହୁଁ ଜିତନୀ ହୁଁ ସ୍ୱାମିନ୍ ।
ନାଥ ତୁହ୍ମୀଁସେ ଦୁଃଖ-ସୁଖ ଅପନା,
ସବ ରୋଉଁଗୀ ଗାଉଙ୍ଗୀ ।। ମୈଁ ବିରହିନ...
ଠୁକରା ଦୋ ୟା ପ୍ୟାର କରୋ ତୁମ,
ଓ୍ୱାର କରୋ ୟା ପାର କରୋ ତୁମ ।
ଚରଣସେବିକା ବନୀ ତୁହ୍ମାରୀ,
ତଜ ଦୋ ୟା ସ୍ୱୀକାର କରୋ ତୁମ ।
ଅବ ତୋ ସଭୀ ଭାଁତି ସେ ତୁମକୋ,
ହେ ଜୀବନ-ଧନ ଧ୍ୟାଉଙ୍ଗୀ ।।
ମୈଁ ବିରହିନ ଅବ ପ୍ରିୟତମ ତୁମକୋ,
କିସ ବିଧି ସେ କବ ପାଉଙ୍ଗୀ ।।...




* ସାଧକର ମତି ଅନ୍ତର୍ଯ୍ୟାମୀ ପ୍ରଭୁଙ୍କୁ ପ୍ରାର୍ଥନା କରୁଛି ଏପରି ଭାବାର୍ଥ ନେବା ଉଚ଼ିତ ।

# ପୂଜ୍ୟ ବାପୂଜୀଙ୍କର ବଚନ ଗ୍ରହଣ କରନ୍ତୁ ବିନାଶକ ଯୋଗରେ ମଧ୍ୟ ଅବିନାଶୀ ପରମାତ୍ମଯୋଗ ପାଆନ୍ତୁ

ଜୁନ୍ ୨୧ (ରବିବାର)ରେ ହେଉଥିବା ସୂର୍ଯ୍ୟପରାଗ ସମ୍ପୂର୍ଣ୍ଣ ଭାରତ ସହିତ ଏସିଆ, ଆଫ୍ରିକାର ଅଧିକାଂଶ ଭାଗ, ଦକ୍ଷିଣ-ପୂର୍ବ ୟୁରୋପ ତଥା ଅଷ୍ଟ୍ରେଲିଆର ଉତ୍ତର ଭାଗରେ ଦେଖାଯିବ ।

ଏହି ପରାଗ ଉତ୍ତର ଭାରତର କିଛି ଭାଗରେ କଙ୍କଣାକୃତି ଓ ଅଧିକାଂଶ ଭାରତରେ ଖଣ୍ଡଗ୍ରାସ ଦେଖାଯିବ । ଗତ ବର୍ଷ ଡିସେମ୍ବର ୨୬ରେ ସୂର୍ଯ୍ୟପରାଗ ପୂର୍ବରୁ 'ଋଷି ପ୍ରସାଦ'ରେ ସେହି ପରାଗ ସମ୍ବନ୍ଧୀୟ ଯେଉଁ ଭବିଷ୍ୟତ ବାଣୀ ପ୍ରକାଶିତ ହୋଇଥିଲା ଯେ 'ଏହାଦ୍ୱାରା ବିରାଟ ଧରଣର ପରିବର୍ତ୍ତନ ଘଟିବ... ତାର ସତ୍ୟତା ତାହାର ପରବର୍ତ୍ତୀ କାଳରେ ଏବଂ ଏବେ ମଧ୍ୟ ଦେଖିବାକୁ ମିଳୁଛି । ଚଳିତ ବର୍ଷ ଜୁନ୍ ୨୧ରେ ହେଉଥିବା ସୂର୍ଯ୍ୟପରାଗ ମଧ୍ୟ ଭାରି ବିନାଶକ ଯୋଗର ସର୍ଜନ କରୁଛି । ଏହା ଦେଶ ଓ ଦୁନିଆ ପାଇଁ ମହାଦୁଃଖଦାୟୀ ଅଟେ । ଏହି ଯୋଗ ଦ୍ୱାରା ପୃଥିବୀର ଭାର କମ୍ ହେବ । ପୂଜ୍ୟ ବାପୁଜୀ ଅନେକ ବର୍ଷ ପୂର୍ବରୁ ସତ୍‌ସଙ୍ଗରେ ସଙ୍କେତ କରି ଦେଇଥିଲେ ଯେ "ଆସୁରୀ ବୃତ୍ତିର ମୂଳୋତ୍ପାଟନର ସମୟ ଆସୁଛି, ଦୈବୀ ବୃତ୍ତିର ଭିତ୍ତିଭୂମି ପଡୁଛି । କିଛି ଦିନ ପରେ ନିର୍ମୂଳନ ହେବ, ଯୁଦ୍ଧ ବିମାନ ଉଡ଼ିବେ ।"



ପୂଜ୍ୟ ବାପୁଜୀ ଅନେକ ଥର ସତ୍‌ସଙ୍ଗରେ କହିଛନ୍ତି ଯେ ଯେଉଁମାନେ ଗ୍ରହଣ (ସୂର୍ଯ୍ୟପରାଗ ବା ଚନ୍ଦ୍ରଗ୍ରହଣ) ସମୟରେ ତାର ନିୟମ-ପାଳନ କରି ଜପ-ସାଧନା କରନ୍ତି, ସେମାନେ ନା କେବଳ ଗ୍ରହଣର ଦୁଷ୍ପ୍ରଭାବରୁ ବଞ୍ଚିଯାନ୍ତି ବରଂ ମହାନ୍ ପୁଣ୍ୟଲାଭ ମଧ୍ୟ ପ୍ରାପ୍ତ କରନ୍ତି । ଏଥର ହେଉଥିବା ଗ୍ରହଣର ଯୋଗ ଜପ-ସାଧନା ପାଇଁ ଅଧିକ ଉପଯୋଗୀ । ମହର୍ଷି ବେଦବ୍ୟାସ କହନ୍ତି : "ରବିବାରରେ ସୂର୍ଯ୍ୟପରାଗ ଅଥବା ସୋମବାରରେ ଚନ୍ଦ୍ରଗ୍ରହଣ ହେଲେ 'ଚୂଡ଼ାମଣି ଯୋଗ' ହୁଏ । ଅନ୍ୟ ଦିନମାନଙ୍କରେ ସୂର୍ଯ୍ୟପରାଗରେ ଯେଉଁ ପୁଣ୍ୟ ହୁଏ ତାହାଠାରୁ କୋଟି-କୋଟି ଗୁଣା ପୁଣ୍ୟ 'ଚୂଡ଼ାମଣି ଯୋଗ'ରେ ଗଣ୍ୟ ହୁଏ ।" (ନିର୍ଣ୍ଣୟସିନ୍ଧୁ)

ଗ୍ରହଣ ଦ୍ୱାରା ହେଉଥିବା ଦୁଷ୍ପ୍ରଭାବରୁ ମାନବ-ସମାଜକୁ ରକ୍ଷା କରିବା ପାଇଁ ବ୍ରହ୍ମବେତ୍ତା ମହାପୁରୁଷ ପୂଜ୍ୟ ବାପୁଜୀ ନା କେବଳ ନିଜ ସତ୍‌ସଙ୍ଗ ମାଧ୍ୟମରେ ଶାସ୍ତ୍ରରେ ବର୍ଣ୍ଣିତ କରଣୀୟ ଓ ଅକରଣୀୟ କଥା ଜନସାଧାରଣଙ୍କୁ କହିଛନ୍ତି ବରଂ ଗ୍ରହଣ ସମୟରେ ଜପ, ସାଧନ-ଭଜନ ଆଦିର ବ୍ୟବସ୍ଥା ମଧ୍ୟ ନିଜ ଆଶ୍ରମମାନଙ୍କରେ କରାଇଛନ୍ତି । ପୂଜ୍ୟ ବାପୁଜୀଙ୍କର ଅସଂଖ୍ୟ ଶିଷ୍ୟ ଭକ୍ତ ସତ୍‌ସଙ୍ଗୀ ନିଜ-ନିଜର ଘରେ ମଧ୍ୟ ପୂଜ୍ୟଶ୍ରୀଙ୍କର ମାର୍ଗଦର୍ଶନ-ଅନୁସାରେ ଏହି ସମୟରେ ନିୟମ-ପାଳନପୂର୍ବକ ସାଧନ-ଭଜନ କରନ୍ତି ।

ପୂଜ୍ୟ ବାପୁଜୀଙ୍କର ସତ୍‌ସଙ୍ଗରେ ଅଛି : "ଗ୍ରହଣ ହେଲେ କିଛି-ନା-କିଛି ପରିବର୍ତ୍ତନ ତ ହେବ । ଯଦି ବାତାବରଣ ଉତ୍ତମ ଥିବ ତେବେ ପରିବର୍ତ୍ତନ ଉତ୍ତମ ଢଙ୍ଗରେ ହେବ । ଯେପରି ମହମବତୀ ତରଳିଥିବା ସମୟରେ ସେଥିରେ ଗାଢ଼ ରଙ୍ଗ ପକାଇଲେ ଗାଢ଼ ରଙ୍ଗର ମହମବତୀ ହୁଏ ଏବଂ ହାଲୁକା ରଙ୍ଗ ପକାଇଲେ ହାଲୁକା ରଙ୍ଗର ମହମବତୀ ହୁଏ ସେହିପରି ଏସବୁ ଦିନରେ ଯେପରି, ଯେତିକି ଜପ-ତପ ହୁଏ ସେତିକି ଉତ୍ତମ ଲାଭ ମିଳେ ।"

ଯିଏ କେବଳ ପୁଣ୍ୟକାରକ ନୁହେଁ ବରଂ ଅନିଷ୍ଟକାରକ ତିଥି, ଯୋଗ ଓ ପରିସ୍ଥିତିକୁ ମଧ୍ୟ ଉନ୍ନତ ହେବାର ସାଧନ କରିବାର କଳା ଶିଖାନ୍ତି ସେହି ମହାପୁରୁଷ ହେଉଛନ୍ତି ସନ୍ତ ଶ୍ରୀ ଆଶାରାମଜୀ ବାପୁ । ଏପରି ବିପରୀତ କିମ୍ବା ବିନାଶକାରୀ ଯୋଗରେ କ'ଣ ଅକରଣୀୟ ଓ କ'ଣ କରଣୀୟ ଏହି ବିଷୟରେ ପୂଜ୍ୟ ବାପୁଜୀଙ୍କର ସତ୍‌ସଙ୍ଗରେ ଅଛି :

"ସୂର୍ଯ୍ୟପରାଗରେ ୪ ପ୍ରହର (୧୨ ଘଣ୍ଟା) ଓ

ଚନ୍ଦ୍ରଗ୍ରହଣରେ ୩ ପ୍ରହର (୯ ଘଣ୍ଟା) ପୂର୍ବରୁ ସୂତକ ଗଣ୍ୟ ହୁଏ । ଏହି ସମୟରେ ସଶକ୍ତ ବ୍ୟକ୍ତିମାନେ ଭୋଜନ ନ କରିବା ଉଚିତ । ଏହାଦ୍ୱାରା ଆୟୁ, ଆରୋଗ୍ୟ, ବୁଦ୍ଧିର ବିଲକ୍ଷଣତା ବଳବତ୍ତର ରହେ କିନ୍ତୁ ବାଳକ, ବୃଦ୍ଧ, ରୋଗୀ ଓ ଗର୍ଭବତୀ ମହିଳାମାନେ ଗ୍ରହଣର ୧ରୁ ୧.୫ ପ୍ରହର (୩ରୁ ୪.୫ ଘଣ୍ଟା) ପୂର୍ବ ପର୍ଯ୍ୟନ୍ତ ଚୁପ୍‌ଚାପ କିଛି ଖାଦ୍ୟ-ପେୟ ଗ୍ରହଣ କଲେ ଚଳିପାରେ । ପରେ ଖାଇଲେ ସ୍ୱାସ୍ଥ୍ୟ ପାଇଁ ବଡ଼ ହାନି ହୁଏ । ଗର୍ଭବତୀ ମହିଳା ଗ୍ରହଣ ସମୟରେ ତ ବିଶେଷ ସାବଧାନ ରହିବା ଉଚିତ ।

### ଶୁଭ-ଅଶୁଭର ସ୍ଥିରତାର ବିଜ୍ଞାନ

ଚନ୍ଦ୍ର ଓ ସୂର୍ଯ୍ୟ ମଧ୍ୟକୁ ପୃଥିବୀ ଆସିଲେ ଚନ୍ଦ୍ରଗ୍ରହଣ ତଥା ପୃଥିବୀ ଓ ସୂର୍ଯ୍ୟ ମଧ୍ୟକୁ ଚନ୍ଦ୍ର ଆସିଲେ ସୂର୍ଯ୍ୟପରାଗ ହୁଏ । ଚନ୍ଦ୍ରଗ୍ରହଣ ପୂର୍ଣ୍ଣିମାରେ ଓ ସୂର୍ଯ୍ୟପରାଗ ଅମାବାସ୍ୟାରେ ହିଁ ହୁଏ ।

ଗ୍ରହଣ ସମୟରେ ସୂର୍ଯ୍ୟ ବା ଚନ୍ଦ୍ରର କିରଣର ପ୍ରଭାବ ପୃଥିବୀ ଉପରେ ପଡ଼ିବା ଅଳ୍ପ ସମୟ ପାଇଁ ବନ୍ଦ ହୋଇଯାଏ । ଏହାର ପ୍ରଭାବ ଅଗ୍ନି-ସୋମ ଦ୍ୱାରା ସଞ୍ଚାଳିତ ପ୍ରାଣୀ-ଜଗତ ଉପରେ ମଧ୍ୟ ପଡ଼େ ଏବଂ ସୂର୍ଯ୍ୟ-ଚନ୍ଦ୍ରର କିରଣ ଦ୍ୱାରା ଯେଉଁ ସୂକ୍ଷ୍ମ ତତ୍ତ୍ୱରେ ହଲ୍‌ଚଲ୍ ହୋଇଥାଏ ତାହା ମଧ୍ୟ ସେହି ସମୟରେ ବନ୍ଦ ହୋଇଯାଏ । ଆମର ଯେଉଁ ସୂକ୍ଷ୍ମ, ସୂକ୍ଷ୍ମତର ଓ ସୂକ୍ଷ୍ମତମ ଅବୟବ ଅଛନ୍ତି ସେସବୁ ମଧ୍ୟ ପ୍ରାୟ ସ୍ଥାଣୁ ହୋଇଯାଏ । ଏହି କାରଣରୁ ଗ୍ରହଣ ସମୟରେ କୌଣସି କୁଭାବ କିମ୍ବା କୁକର୍ମ ହେଲେ ତାହା ସ୍ଥାୟୀ ହୋଇଯାଏ କାରଣ ପ୍ରସାରିତ ହୋଇପାରେ ନାହିଁ । ଏଥିପାଇଁ କହନ୍ତି ଯେ ଗ୍ରହଣ ଓ ସୂତକରେ ଭୋଜନ କର ନାହିଁ, ତା ସହିତ ଗ୍ରହଣର ଅଳ୍ପ ସମୟ ପୂର୍ବରୁ ସୁବିଚାର ଓ ସୁକର୍ମରେ ଲାଗିଯାଅ ଯେପରି ସଦ୍‌ଗୁଣ ଗଭୀର, ସ୍ଥିର ହୋଇଯିବ । ସଦ୍‌ଗୁଣ ଗଭୀର, ସ୍ଥିର ହୋଇଗଲେ ବ୍ୟକ୍ତିର ସ୍ୱଭାବରେ, ମତି-ଗତିରେ ସୁଖ-ଶାନ୍ତି ଆସିବ, ଆୟୁ, ଆରୋଗ୍ୟ ଓ ପୁଷ୍ଟି ମିଳିବ । ଯଦି ଦୁର୍ଗୁଣ ସ୍ଥିର ହେବ, ରଜୋ-ତମୋଗୁଣ ସ୍ଥିର ହେବ ତେବେ ଜୀବନରେ ଚିନ୍ତା, ଶୋକ, ଭୟ, ବିକାର ଓ ବ୍ୟଗ୍ରତା ପଶିଯିବ ।

ଖାଦ୍ୟ ପଦାର୍ଥକୁ ଏପରି ଦୂଷିତ ହେବାରୁ ରକ୍ଷା କରନ୍ତୁ

ଗ୍ରହଣ ପୂର୍ବରୁ ପ୍ରସ୍ତୁତ ଭୋଜନ ଗ୍ରହଣ ପରେ ତ୍ୟାଗ କରିଦେବା ଉଚିତ କିନ୍ତୁ ଗ୍ରହଣ ପୂର୍ବରୁ ରଖା ହୋଇଥିବା ଦହି କିମ୍ବା ଫୁଟିଥିବା କ୍ଷୀର ତଥା କ୍ଷୀର, ଘୋଳଦହି, ଘିଅ ଅଥବା ତେଲ- ଏମାନଙ୍କ ମଧ୍ୟରୁ କୌଣସିଥିରେ ସିଦ୍ଧ କରା ହୋଇଥିବା ଅର୍ଥାତ୍ ଠିକ୍ ଭାବରେ ରନ୍ଧା ହୋଇଥିବା ଖାଦ୍ୟ (ପୁରି ଆଦି) ଗ୍ରହଣ ପରେ ମଧ୍ୟ ସେବନୀୟ କିନ୍ତୁ ଗ୍ରହଣ ପୂର୍ବରୁ ସେଥିରେ କୁଶ ପକାଇବା ଆବଶ୍ୟକ ।

ସୂତକ ପୂର୍ବରୁ ପାଣିରେ କୁଶ, ରାଶି କିମ୍ବା ତୁଳସୀ-ପତ୍ର ପକାଇ ରଖ ଯେପରିକି ସୂତକ କାଳରେ ତାକୁ ଉପଯୋଗରେ ଆଣିପାରିବ । ଗ୍ରହଣକାଳରେ ରଖା ଯାଇଥିବା ଜଳର ମଧ୍ୟ ଉପଯୋଗ ନ କରିବା ଉଚିତ କିନ୍ତୁ ଯେଉଁମାନଙ୍କ ପାଇଁ ଏହା ସମ୍ଭବ ନୁହେଁ ସେମାନେ ଉପରୋକ୍ତାନୁସାରେ କୁଶ ଆଦି ପକାଇ ରଖିଥିବା ପାଣିକୁ ଉପଯୋଗ କରିପାରିବେ, ଏପରି କିଛି ବିଶେଷଜ୍ଞଙ୍କର ମତ ଅଟେ ।

ଗ୍ରହଣର କୁପ୍ରଭାବ ବସ୍ତୁମାନଙ୍କ ଉପରେ ନ ପଡ଼ିବା ପାଇଁ ମୁଖ୍ୟରୂପରେ କୁଶର ଉପଯୋଗ ହୁଏ । ଏହାଦ୍ୱାରା ପଦାର୍ଥ ଅପବିତ୍ର ହେବାରୁ ରକ୍ଷା ପାଏ । କୁଶ ନଥିଲେ ରାଶି ପକାଅ । ଏହାଦ୍ୱାରା ମଧ୍ୟ ବସ୍ତୁମାନଙ୍କ ଉପରେ ସୂକ୍ଷ୍ମ-ସୂକ୍ଷ୍ମତମ ଆଭାର ପ୍ରଭାବ କୁଣ୍ଠିତ ହୋଇଯାଏ । ତୁଳସୀ ପତ୍ର ପକାଇଲେ ମଧ୍ୟ ଏହି ଲାଭ ମିଳେ କିନ୍ତୁ କ୍ଷୀର ବା କ୍ଷୀରରୁ ପ୍ରସ୍ତୁତ ବ୍ୟଞ୍ଜନମାନଙ୍କରେ ରାଶି ବା ତୁଳସୀ ପକାଅ ନାହିଁ ।

### ଗ୍ରହଣ ସମୟରେ ଭୁଲ୍‌ରେ ମଧ୍ୟ କର ନାହିଁ

ଗ୍ରହଣ ସମୟରେ ଯଦି ସାବଧାନ ରହିବା ତେବେ ସ୍ୱଳ୍ପ ସମୟରେ ବହୁତ ପୁଣ୍ୟମୟ, ସୁଖମୟ ଜୀବନ ହେବ । ଯଦି ଅସାବଧାନ ହେବା ତେବେ ଟିକିଏ ଅସାବଧାନତାରୁ ଖୁବ୍ ଦଣ୍ଡିତ ହୋଇଯିବା, ଦୁଃଖୀ ହୋଇଯିବା ।

ଗ୍ରହଣ ସମୟରେ -

(୧) ଭୋଜନ କରୁଥିବା ବ୍ୟକ୍ତି ଅଧୋଗତିକୁ ଯାଏ ।

(୨) ଯିଏ ଶୟନ କରେ ତାକୁ ନିଶ୍ଚୟ ରୋଗ ଧରିବ, ତାର ରୋଗପ୍ରତିକାରକ ଶକ୍ତି କମିବ ।

(୩) ଯିଏ ପରିସ୍ରା କରେ ତାର ଘରେ ଦରିଦ୍ରତା ଆସେ । ଯିଏ ଶୌଚ ଯାଏ ତାକୁ କୃମିରୋଗ ହୁଏ

ତଥା କୀଟ ଯୋନିକୁ ଯିବାକୁ ପଡ଼େ ।

(୪) ଯେଉଁମାନେ ସମ୍ଭୋଗ କରନ୍ତି ତାଙ୍କୁ ଘୁଷୁରି ଯୋନିକୁ ଯିବାକୁ ପଡ଼େ ।

(୫) ତେଲ-ମାଲସ୍ କଲେ କିମ୍ବା ଉବ୍‌ଟନ ଲଗାଇଲେ କୁଷ୍ଠରୋଗ ହେବାର ସମ୍ଭାବନା ବଢ଼ିଯାଏ ।

(୬) ଠକାମି କରୁଥିବା ବ୍ୟକ୍ତି ସର୍ପଯୋନିକୁ ଯାଏ । ଚୋରି କରୁଥିବା ବ୍ୟକ୍ତିକୁ ଦରିଦ୍ରତା ଘେରିଯାଏ ।

(୭) ଜୀବ-ଜନ୍ତୁ କିମ୍ବା କୌଣସି ପ୍ରାଣୀର ହତ୍ୟା କରୁଥିବା ବ୍ୟକ୍ତିକୁ ନାରକୀୟ ଯୋନିକୁ ଯିବାକୁ ପଡ଼େ ।

(୮) ପତ୍ର, ତୃଣ, କାଠ, ଫୁଲ ନ ତୋଳିବା କିମ୍ବା ନ ଭାଙ୍ଗିବା ଉଚ୍ଚିତ । ଦାନ୍ତ ନ ଘଷିବା ଉଚ୍ଚିତ ।

(୯) ଚିନ୍ତା କଲେ ବୁଦ୍ଧିନାଶ ହୁଏ ।

**ଏହା କଲେ ସମ୍ଭାଳିଯିବ ଇହଲୋକ-ପରଲୋକ**

(୧) ସୂର୍ଯ୍ୟପରାଗ ସମୟରେ ରୁଦ୍ରାକ୍ଷ-ମାଳା ଧାରଣ କଲେ ପାପ ନଷ୍ଟ ହୁଏ କିନ୍ତୁ ଫ୍ୟାକ୍ଟ୍ରିରେ ପ୍ରସ୍ତୁତ ନକଲି ରୁଦ୍ରାକ୍ଷ ନୁହେଁ, ଅସଲ ରୁଦ୍ରାକ୍ଷ ହୋଇଥିବ ।

(୨) ମନ୍ତ୍ରଦୀକ୍ଷାରେ ମିଳିଥିବା ମନ୍ତ୍ରକୁ ଗ୍ରହଣ ସମୟରେ ଜପ କଲେ ତାହାର ସିଦ୍ଧି ହୋଇଯାଏ ।

(୩) ମହର୍ଷି ବେଦବ୍ୟାସ କହନ୍ତି : ''ଚନ୍ଦ୍ରଗ୍ରହଣ ସମୟରେ କରା ହୋଇଥିବା ଜପ ଲକ୍ଷ ଗୁଣା ଓ ସୂର୍ଯ୍ୟପରାଗ ସମୟରେ କରା ହୋଇଥିବା ଜପ ୧୦ ଲକ୍ଷ ଗୁଣା ଫଳଦାୟୀ ।'' ତେଣୁ ସ୍ୱାସ୍ଥ୍ୟ-ମନ୍ତ୍ର ଜପ କର, ବ୍ରହ୍ମଚର୍ଯ୍ୟର ମନ୍ତ୍ର ମଧ ସିଦ୍ଧ କରିନେବ ।

ଗ୍ରହଣ ସମୟରେ କରା ହୋଇଥିବା ଏମିତି-ସେମିତି ଯେ କୌଣସି ପାପ କର୍ମ ବା କୁକର୍ମ ଅନନ୍ତ ଗୁଣା ହୋଇଯାଏ ଏବଂ ଏହି ସମୟରେ ଭଗବଦ୍-ଚିନ୍ତନ, ଭଗବଦ୍-ଧ୍ୟାନ, ଭଗବଦ୍-ଜ୍ଞାନର ଲାଭ ନେଲେ ସେହି ବ୍ୟକ୍ତି ସହଜରେ ଭଗବଦ୍-ଧାମ, ଭଗବଦ୍-ରସକୁ ପାଏ । ଗ୍ରହଣ ସମୟରେ ଯଦି ଭଗବଦ୍-ବିରହ ସୃଷ୍ଟି ହୋଇଯାଏ ତେବେ ତାହା ଭଗବାନଙ୍କୁ ପାଇବାରେ ବିଲ୍‌କୁଲ୍ ଦୃଢ଼ ହୋଇଯାଏ ଏବଂ ସେ ଭଗବାନଙ୍କୁ ପାଇନେଲା ଏହା ଜାଣିନିଅ । ଗ୍ରହଣ ସମୟରେ ହୋଇଥିବା ଜପ, ମୌନ, ଧ୍ୟାନ, ପ୍ରଭୁ-ସ୍ମରଣ ଅନେକ ଗୁଣା ହୋଇଯାଏ । ଗ୍ରହଣ ପରେ ବସ୍ତ୍ରସହିତ ସ୍ନାନ କର ।

(ଗ୍ରହଣକାଳରେ ମେଧାଶକ୍ତି ବୃଦ୍ଧିର ଉପାୟ ପଢ଼ନ୍ତୁ ପୃଷ୍ଠା ୪୯ରେ)

## କିଛି ପ୍ରମୁଖ ସ୍ଥାନର ପରାଗ-ସମୟ

| ସ୍ଥାନ | ପରାଗ-ପ୍ରାରମ୍ଭ ସମୟ (ସକାଳ) | ପରାଗ-ସମାପ୍ତି ସମୟ (ଦ୍ୱିପ୍ର.) |
|---|---|---|
| ଭୁବନେଶ୍ୱର | ୧୦.୩୭ରୁ | ୨.୧୭ |
| କୋଲକାତା | ୧୦.୪୬ରୁ | ୨.୧୮ |
| ଅହମଦାବାଦ | ୧୦.୦୩ରୁ | ୧.୩୩ |
| ଦିଲ୍ଲୀ | ୧୦.୨୦ରୁ | ୧.୪୯ |
| ସୂରତ ଓ ନାସିକ | ୧୦.୦୧ରୁ | ୧.୩୩ |
| ଗୌହାଟି | ୧୦.୫୭ରୁ | ୨.୨୫ |
| ଯୋଧପୁର | ୧୦.୦୮ରୁ | ୧.୩୭ |
| ଲକ୍ଷ୍ନୌ | ୧୦.୨୬ରୁ | ୧.୫୯ |
| ଭୋପାଳ | ୧୦.୧୪ରୁ | ୧.୪୮ |
| ରାୟପୁର(ଛ.ଗ.) | ୧୦.୨୫ରୁ | ୨.୦୦ |
| ଜମ୍ମୁ | ୧୦.୨୧ରୁ | ୧.୪୨ |
| ଚଣ୍ଡୀଗଡ଼ | ୧୦.୨୨ରୁ | ୧.୪୮ |
| ରାଞ୍ଚୀ ଓ ପାଟନା | ୧୦.୩୬ରୁ | ୨.୧୦ |
| ଚେନ୍ନଇ | ୧୦.୨୨ରୁ | ୧.୪୨ |
| ବେଙ୍ଗେଲୁର | ୧୦.୧୨ରୁ | ୧.୩୨ |
| ହାଇଦ୍ରାବାଦ | ୧୦.୧୪ରୁ | ୧.୪୫ |
| ନାଗପୁର | ୧୦.୧୭ରୁ | ୧.୫୧ |
| ମୁମ୍ବଇ | ୧୦.୦୦ରୁ | ୧.୨୮ |

| ସ୍ଥାନ (ବିଦେଶରେ) | ପରାଗ-ପ୍ରାରମ୍ଭ | ପରାଗ-ସମାପ୍ତ |
|---|---|---|
| କାଠମାଣ୍ଡୁ (ନେପାଳ) | ସକାଳ ୧୦.୫୩ | ଦ୍ୱିପ୍ର. ୨.୨୫ |
| ଏଥେନ୍ସ (ଗ୍ରୀସ୍) | ସକାଳ ୭.୪୮ | ସକାଳ ୯.୧୨ |
| ବାକୁ (ଆଜରବୈଜାନ) | ସକାଳ ୮.୪୬ | ଦ୍ୱିପ୍ର. ୧୧.୦୫ |
| ହଗଟନା (ୟୁ.ଏସ.ଏ.) | ସନ୍ଧ୍ୟା ୫.୨୫ | ସନ୍ଧ୍ୟା ୬.୫୧ |
| ନୈରୋବୀ (କେନିଆ) | ସକାଳ ୬.୪୬ | ସକାଳ ୯.୦୪ |
| ଦୁବାଇ (ୟୁ.ଏ.ଇ) | ସକାଳ ୮.୧୪ | ଦ୍ୱିପ୍ର. ୧୧.୧୩ |
| ହଙ୍ଗକଙ୍ଗ | ଦ୍ୱିପ୍ର. ୨.୩୬ | ସନ୍ଧ୍ୟା ୫.୨୫ |

ଟିପ୍ପଣୀ : ବିଦେଶରେ ସ୍ଥାନର ସମୟ ସ୍ଥାନୀୟ ସମୟାନୁସାରେ

# ନିତ୍ୟ ଉପାସନାର ଆବଶ୍ୟକତା କାହିଁକି ?

'ଋଗ୍‌ବେଦ' (୧.୧୧୩.୧୧)ରେ ଅଛି :

ଈୟୁଷ୍ଟେ ୟେ ପୂର୍ବତରାମ-
ପଶ୍ୟନ୍‌ବ୍ୟୁଚ୍ଛନ୍ତୀମୁଷସଂ ମର୍ତ୍ତ୍ୟାସଃ ।
ଅସ୍ମାଭିରୁ ନୁ ପ୍ରତିଚକ୍ଷ୍ୟାଭୂଦୋ
ତେ ଯନ୍ତି ୟେ ଅପରିଷୁ ପଶ୍ୟାନ୍ ॥

'ଯେଉଁ ମନୁଷ୍ୟ ସକାଳୁ ଶୀଘ୍ର (ବ୍ରହ୍ମମୁହୂର୍ତ୍ତରେ) ଉଠି ନିତ୍ୟ କର୍ମ କରି ପରମେଶ୍ୱରଙ୍କର ଧ୍ୟାନ କରନ୍ତି ସେମାନେ ବୁଦ୍ଧିମାନ ଓ ଧର୍ମାଚରଣକାରୀ ଅଟନ୍ତି । ଯେଉଁ ସ୍ତ୍ରୀ-ପୁରୁଷ ପରମେଶ୍ୱରଙ୍କର ଧ୍ୟାନ କରି ପ୍ରୀତିରେ ପରସ୍ପର ଆଲୋଚନା କରନ୍ତି ସେମାନେ ଅନେକ ପ୍ରକାର ସୁଖ ପ୍ରାପ୍ତ ହୁଅନ୍ତି ।'

ପରମାତ୍ମାଙ୍କର ନିତ୍ୟ ପୂଜନ, ଧ୍ୟାନ ଓ ସ୍ତୁତିର ମହତ୍ତ୍ୱ ମହର୍ଷି ବେଦବ୍ୟାସ ମହାଭାରତର ଅନୁଶାସନ ପର୍ବ (୧୪୯.୫-୬)ରେ କହିଛନ୍ତି ଯେ "ସେହି ବିନାଶରହିତ ପୁରୁଷର ସର୍ବଦା ଭକ୍ତିପୂର୍ବକ ପୂଜନ କଲେ, ତାର ଧ୍ୟାନ, ସ୍ତୁତି କରି ତାକୁ ନମସ୍କାର କଲେ ପୂଜା କରୁଥିବା ବ୍ୟକ୍ତିର ସମସ୍ତ ଦୁଃଖ ଦୂର ହୁଏ । ସେହି ଜନ୍ମ-ମୃତ୍ୟୁ ଆଦି ଷଡ଼ ଭାବବିକାରରୁ ରହିତ, ସର୍ବବ୍ୟାପକ, ସମ୍ପୂର୍ଣ୍ଣ ଲୋକର ମହେଶ୍ୱର, ଲୋକାଧ୍ୟକ୍ଷ ଦେବର ନିରନ୍ତର ସ୍ତୁତି କଲେ ମନୁଷ୍ୟ ସମସ୍ତ ଦୁଃଖରୁ ମୁକ୍ତ ହୋଇଯାଏ ।"

ପରମେଶ୍ୱରଙ୍କର ଉପାସନା-ଅର୍ଚ୍ଚନା କଲେ ଆତ୍ମିକ ଶାନ୍ତି ମିଳେ । ଜଣା-ଅଜଣାରେ ହୋଇଥିବା ପାପ ନଷ୍ଟ ହୁଅନ୍ତି । ଦେବତ୍ୱର ଭାବ ମନରେ ଉତ୍ପନ୍ନ ହୁଏ । ଆତ୍ମବିଶ୍ୱାସ ବଢ଼େ । ସତ୍‌କାର୍ଯ୍ୟରେ ମନ ଲାଗେ । ନିରହଂକାରୀ ହେବାର ପ୍ରେରଣା ମିଳେ । ଦୁର୍ଗୁଣରୁ ରକ୍ଷା ହୋଇଥାଏ । ଚିନ୍ତା ଓ ଅଶାନ୍ତିରୁ ମନ ମୁକ୍ତ ହୋଇ ପ୍ରସନ୍ନ ରହେ । ଜୀବନକୁ ଶୁଦ୍ଧ, ହିତକାରୀ, ସୁଖକାରୀ ଆତ୍ମା-ପରମାତ୍ମାରେ ଏକାକାର କରୁଥିବା ବିବେକ ପ୍ରାପ୍ତ ହୁଏ । ସର୍ବୋଚ୍ଚ ବ୍ରହ୍ମଜ୍ଞାନର ବିବେକ ଦ୍ୱାରା ଶୋକରହିତ, ମୋହରହିତ, ଚିନ୍ତାରହିତ, ଦୁଃଖରହିତ, ପରିବର୍ତ୍ତନଶୀଳ ପରିସ୍ଥିତିରେ ଅବଦଳ ଆତ୍ମଜ୍ଞାନର ପରମ ଲାଭ ମିଳେ ।

ଆତ୍ମଲାଭାତ୍ ପରଂ ଲାଭଂ ନ ବିଦ୍ୟତେ ।
ଆତ୍ମସୁଖାତ୍ ପରଂ ସୁଖଂ ନ ବିଦ୍ୟତେ ।
ଆତ୍ମଜ୍ଞାନାତ୍ ପରଂ ଜ୍ଞାନଂ ନ ବିଦ୍ୟତେ ।

ପୁଣ୍ୟାତ୍ମା, ଧର୍ମାତ୍ମା, ମହାତ୍ମା, ଦର୍ଶନୀୟ, ଚିନ୍ତନୀୟ, ମନନୀୟ, ଆଦରଣୀୟ, ସର୍ବହିତକାରୀ, ପୂର୍ଣ୍ଣ ପରୋପକାରୀ, ପୂର୍ଣ୍ଣପୁରୁଷ, ଆତ୍ମସାକ୍ଷାତ୍କାରୀ, ବ୍ରହ୍ମବେତ୍ତାଙ୍କ ପାଇଁ ମହର୍ଷି ବଶିଷ୍ଠ କହିଛନ୍ତି : "ହେ ଶ୍ରୀରାମ ! ଯେପରି ସୂକ୍ଷ୍ମ ଜୀବାଣୁଠାରୁ କୀଟ ବଡ଼ । କୀଟଠାରୁ ପତଙ୍ଗ, ମାଛ, କଇଁଚ, ମୂଷା, ବିରାଡ଼ି, କୁକୁର, ଗଧ, ଘୋଡ଼ା ଆଦି ବଡ଼ କିନ୍ତୁ ସବୁଠାରୁ ବଡ଼ ହାତୀ କିନ୍ତୁ ହେ ଶ୍ରୀରାମ ! ସୁମେରୁ ପର୍ବତ ତୁଳନାରେ ହାତୀର ବଡ଼ପଣ କ'ଣ ? ସେହିପରି ତ୍ରିଲୋକରେ ଏକରୁ ବଳି ଆରେକ ସମ୍ମାନାସ୍ପଦ ବ୍ୟକ୍ତି ଅଛନ୍ତି । ଦେବତାଙ୍କ ମଧ୍ୟରେ ମାନ ଯୋଗ୍ୟ ଓ ସୁଖ-ସୁବିଧାରେ ସବୁଠାରୁ ବଡ଼ ଇନ୍ଦ୍ର କିନ୍ତୁ ଜ୍ଞାନବାନ ତୁଳନାରେ ଇନ୍ଦ୍ରର ବଡ଼ପଣ କ'ଣ ?

ସନ୍ଥ ତୁଳସୀଦାସ ଲେଖିଛନ୍ତି :

ତୀନ ଟୁକ କୌପୀନ କି, ଭାଜୀ ବିନା ଲୁଣ ।
ତୁଳସୀ ହୃଦୟ ରଘୁବୀର ବସେ ତୋ ଇନ୍ଦ୍ର ବାପଡ଼ୋ କୁଣ ॥

ପିତ୍ୱା ବ୍ରହ୍ମରସଂ ଯୋଗିନୋ ଭୂତ୍ୱା ଉନ୍ମତ୍ତଃ ।
ଇନ୍ଦ୍ରୋଜପି ରଙ୍କବତ୍ ଭାସତେ ଅନ୍ୟସ୍ୟ କା ବାର୍ତ୍ତା ?

ବ୍ରହ୍ମବେତ୍ତା ଆଗରେ ଇନ୍ଦ୍ର ମଧ୍ୟ ଦରିଦ୍ର ମନେ ହୁଏ । ଇନ୍ଦ୍ରର ସୁଖ ପାଇଁ ଅପ୍ସରାଙ୍କର ନୃତ୍ୟ, ବାଦ୍ୟକାରଙ୍କର ବାଦ୍ୟ, ଆହୁରି ମଧ୍ୟ ଅନେକ ସାମଗ୍ରୀର ଆବଶ୍ୟକତା ପଡ଼େ ଯେପରି ପୃଥିବୀର ଶ୍ରେଷ୍ଠ ବ୍ୟକ୍ତିଙ୍କ ସୁଖ ପାଇଁ ବିପୁଳ ସାମଗ୍ରୀ ଓ ଲୋକଙ୍କର ଆବଶ୍ୟକତା ପଡ଼େ କିନ୍ତୁ ଆତ୍ମଜ୍ଞାନୀ ଆତ୍ମସୁଖରେ, ଆତ୍ମାନୁଭବରେ ପରିତୃପ୍ତ ଅଟନ୍ତି । କେବଳ କୌପୀନ ପିନ୍ଧି ଓ ବିନା ଲୁଣର ତରକାରୀ ଖାଇ ମଧ୍ୟ ଆତ୍ମଜ୍ଞାନୀ ଆତ୍ମଦେବରେ ପରମ ତୃପ୍ତ ଅଟନ୍ତି ।

ସ ତୃପ୍ତୋ ଭବତି । ସ ଅମୃତୋ ଭବତି ।

ସ ତରତି ଲୋକାଂସ୍ତାରୟତି ।

(ନାରଦଭକ୍ତିଦର୍ଶନ : ସୂତ୍ର ୪ ଓ ୫୦)

ତସ୍ୟ ତୁଳନା କେନ ଜାୟତେ ।

(ଅଷ୍ଟାବକ୍ର ଗୀତା : ୧୮.୮୯)

ସେହି ଆତ୍ମଜ୍ଞାନର ସୁଖରେ ସୁଖୀ ମହାପୁରୁଷଙ୍କ ଦର୍ଶନରୁ ସାଧକ, ସଜ୍ଜନ, ଧର୍ମାତ୍ମା ଉନ୍ନତ ହୁଅନ୍ତି, ପରିତୃପ୍ତ ହୁଅନ୍ତି ଓ ସେହି ମହାପୁରୁଷଙ୍କୁ ମାନୁଥିବା ଗୁରୁଭକ୍ତ ସମୟକ୍ରମେ ସଫଳ ହୋଇଯାନ୍ତି । ଭଗବାନ ଶିବ କହନ୍ତି :

ଧନ୍ୟା ମାତା ପିତା ଧନ୍ୟୋ ଗୋତ୍ରଂ ଧନ୍ୟଂ କୁଳୋଦ୍‌ଭବଃ ।

ଧନ୍ୟା ଚ ବସୁଧା ଦେବି ଯତ୍ର ସ୍ୟାଦ୍ ଗୁରୁଭକ୍ତତା ।।

'ଯାହାଠାରେ ଗୁରୁଭକ୍ତି ଅଛି ତାର ମାତା ଧନ୍ୟ, ତାର ପିତା ଧନ୍ୟ, ତାର ବଂଶ ଧନ୍ୟ, ତାର ବଂଶରେ ଯିଏ ଜନ୍ମ ନିଅନ୍ତି ସେମାନେ ଧନ୍ୟ, ଧରିତ୍ରୀ ଧନ୍ୟ ଅଟେ !'

ଉପାସନାରୁ ଏସବୁ ଲାଭ ସେତେବେଳେ ପ୍ରାପ୍ତ ହୁଏ ଯେତେବେଳେ ନିର୍ମଳ ମନ, ଶ୍ରଦ୍ଧା ଓ ଭାବନାରେ ଉପାସନା କରାଯାଏ । ଯେପରି ଭୂମିର ଗଭୀରତାକୁ ଗଲେ ବହୁମୂଲ୍ୟ ପଦାର୍ଥର ପ୍ରାପ୍ତି ହୁଏ, ସେହିପରି ଶ୍ରଦ୍ଧାପୂର୍ବକ ଈଶ୍ୱରୋପାସନା ଦ୍ୱାରା ଅନ୍ତର୍ମନରେ ତଲ୍ଲୀନ ହେଲେ ଦୈବୀ ସମ୍ପଦା ପ୍ରାପ୍ତ ହୁଏ ।



ଉପାସନାର ମୂଳ ଭାବନା ଏହା ଯେ ଜଳ ପରି ନିର୍ମଳତା, ବିନମ୍ରତା, ଶୀତଳତା, ଫୁଲ ପରି ପ୍ରସନ୍ନ ଓ ସୁବାସିତ ଜୀବନ, ଅକ୍ଷତ ଭଳି ଅତୁଟ ନିଷ୍ଠା, ନୈବେଦ୍ୟ ପରି ମଧୁରତାରେ ଯୁକ୍ତ ଚିନ୍ତନ ଓ ବ୍ୟବହାର, ଦୀପ ପରି ନିଜର ଓ ଅନ୍ୟର ଜୀବନରେ ପ୍ରକାଶ, ଜ୍ଞାନ ବ୍ୟାପ୍ତକାରୀ ପୁରୁଷାର୍ଥ ଗ୍ରହଣ କରିବା ।

ଭଗବାନ ଶ୍ରୀକୃଷ୍ଣ 'ଗୀତା' (୧୮.୪୬)ରେ କହନ୍ତି :

ସ୍ୱକର୍ମଣା ସମଭ୍ୟର୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ ।

'ସେହି ପରମେଶ୍ୱରର ପୂଜା ନିଜ କର୍ମ ଦ୍ୱାରା କରି ମନୁଷ୍ୟ ସିଦ୍ଧି (ସ୍ୱତଃ ନିଜ ଆତ୍ମସ୍ୱରୂପରେ ସ୍ଥିତି ପ୍ରାପ୍ତ କରେ ।')

ପୂଜ୍ୟ ବାପୁଜୀ କହନ୍ତି : ''ପୂଜା-ଅଭିଷେକରେ ୪୦ କିଲୋ କ୍ଷୀର ଅର୍ପଣ କର କିମ୍ବା ୪୦ ଗ୍ରାମ୍ କିନ୍ତୁ ପୂଜା କରୁ-କରୁ ତୁମେ ହଜିଯାଉଛ ନା ନିଜର ସର୍ଜନ କରୁଛ, ଈଶ୍ୱରଙ୍କଠାରେ ତଲ୍ଲୀନ ହେଉଛ ନା ଅହଂକାରର ପୋଷଣ କରୁଛ- ଏହାର ଧ୍ୟାନ ରଖିଲେ ମୁକ୍ତ ହୋଇଯିବ । ଭଗବାନ ଶିବ କ'ଣ ତୁମର ଟିକିଏ କ୍ଷୀର ପାଇଁ କ୍ଷୁଧାର୍ତ୍ତ ? ତୁମର ଘିଅ ଓ ଶର୍କରା ପାଇଁ କ'ଣ ଭୋକିଲା ? ନାହିଁ... ସେ ତୁମ ପ୍ରେମର, ଉନ୍ନତିର ଭୋକିଲା । ପ୍ରେମ କରୁ-କରୁ ତୁମେ ତଲ୍ଲୀନ ହୋଇ ତୁମ ହୃଦୟରେ ଶିବ-ତତ୍ତ୍ୱ ପ୍ରକଟ ହେଉ । ଏହା ଅଟେ ପୂଜାର ରହସ୍ୟ ।''

ଏକଦା ଚୈତନ୍ୟ ମହାପ୍ରଭୁଙ୍କୁ ଜଣେ ଶ୍ରଦ୍ଧାଳୁ ପଚ଼ାରିଲା : ''ଗୁରୁଦେବ ! ଭଗବାନ ଧନଶାଳୀ ବ୍ୟକ୍ତିଙ୍କର ପୂଜାରେ ସନ୍ତୁଷ୍ଟ ହେଲେ ନାହିଁ ଏବଂ ଗୋପୀଙ୍କର ଘୋଳଦହି ଓ ବିଦୁରର ଶାଗ ତାଙ୍କୁ ପସନ୍ଦ ଆସୁଛି । ଜଣାପଡୁଛି ପୂଜାର ସାମଗ୍ରୀ ସଙ୍ଗେ ତାଙ୍କ ପ୍ରସନ୍ନତାର ସମ୍ବନ୍ଧ ନାହିଁ ।''

ଚୈତନ୍ୟ ମହାପ୍ରଭୁ : ''ଠିକ୍ ବୁଝିଛ ଶିଷ୍ୟ ! ସବୁ ପଦାର୍ଥ ତ ପ୍ରଭୁଙ୍କ ନିର୍ମିତ ତେବେ ତାଙ୍କୁ ଆଉ କେଉଁ ଜିନିଷର ଅଭାବ ଅଛି ? ବାସ୍ତବରେ ପୂଜା ତ ସାଧକର ଭାବ-ଜାଗରଣର ଏକ ପଦ୍ଧତି । ବସ୍ତୁମାନ ତ ପ୍ରତୀକମାତ୍ର ଅଟନ୍ତି, ସେସବୁ ପଛରେ ଲୁକ୍କାୟିତ ଭାବ ଭଗବାନ ଗ୍ରହଣ କରନ୍ତି । ଭାବଗ୍ରାହୀ ଜନାର୍ଦ୍ଦନଃ । ପୂଜାରେ ଯେଉଁ-ଯେଉଁ ବସ୍ତୁ ଭଗବାନଙ୍କୁ ଅର୍ପଣ କରାଯାଏ, ସେସବୁ ଏହି ବିଷୟର ମଧ୍ୟ ପ୍ରତୀକ ଅଟନ୍ତି ଯେ ସେସବୁ ପୂଜା-ସାମଗ୍ରୀକୁ ନିମିତ୍ତ କରି ଆମେ ନିଜର ପଞ୍ଚତତ୍ତ୍ୱରୁ ନିର୍ମିତ ତନ, ତ୍ରିଗୁଣରେ ରମଣକାରୀ ମନ, ବୁଦ୍ଧି, ଅହଂକାର, ଇନ୍ଦ୍ରିୟ-ବ୍ୟବହାରକୁ କିପରି ତାଙ୍କୁ ଅର୍ପଣ କରି ନିଜ ଅକର୍ତ୍ତା-ଅଭୋକ୍ତା ସ୍ୱଭାବରେ ଜାଗ୍ରତ ହେବା ।''

# ଧ୍ୟାନ ଓ ଜପ ପରସ୍ପରର ପରିପୋଷକ

'ଜପ ପରେ କ'ଣ କରିବେ ?' ଅଙ୍କ ୩୨୫ରୁ ଆଗକୁ

ସନ୍ଥ ଓ ଶାସ୍ତ୍ର ଧ୍ୟାନସହିତ ଭଗବନ୍ନାମ-ଜପର ମହିମା ଗାନ କରି ସଂସାରର ବଡ଼ ଉପକାର କରିଛନ୍ତି କାରଣ ସମସ୍ତେ ଜପ ସହିତ ଧ୍ୟାନ କରନ୍ତି ନାହିଁ । ଏଣୁ ଧ୍ୟାନ ବିନା ସେମାନଙ୍କୁ ବିଶେଷ ଲାଭ ହୁଏ ନାହିଁ । ଲୋଭୀ ପରି ଭଗବନ୍ନାମର ଅଧିକାଧିକ ଜପ କରିବା ଉଚିତ ଏବଂ କାମୀ ପରି ନିରନ୍ତର ସ୍ୱରୂପର ଧ୍ୟାନ କରିବା ଉଚିତ । ସନ୍ଥ ତୁଳସୀଦାସ କହନ୍ତି :

କାମିହି ନାରି ପିଆରି ଜିମି ଲୋଭିହି ପ୍ରିୟ ଜିମି ଦାମ ।
ତିମି ରଘୁନାଥ ନିରନ୍ତର ପ୍ରିୟ ଲାଗହୁ ମୋହି ରାମ ।।
(ଶ୍ରୀ ରାମଚରିତ ଉ.କାଣ୍ଡ : ୧୩୦)

ଧ୍ୟାନ ଓ ଜପ କିପରି ପରସ୍ପରର ପରିପୋଷକ ଏହି ବିଷୟରେ ପୂଜ୍ୟ ବାପୁଜୀଙ୍କର ସତ୍‌ସଙ୍ଗରେ ଅଛି : ''ଜପ ଅଧିକ କରିବ ନା ଧ୍ୟାନ କରିବ ? ଜପ ବିନା ଧ୍ୟାନ ହେବ ନାହିଁ । ଧ୍ୟାନ ଠିକ୍ କରିବା ବିନା ଜପ ହେବ ନାହିଁ । ଏଥିପାଇଁ ଜପରେ ଧ୍ୟାନ ଲଗାଇଲେ ହିଁ ଜପ ଠିକ୍ ହେବ ଏବଂ ଜପ ଠିକ୍ ହେଲେ ତାପରେ ଧୀରେ-ଧୀରେ ଜପର ଅର୍ଥରେ ମନ ଲାଗିବ ତେଣୁ ତାପରେ ତାହା ଶାନ୍ତ ହୋଇଯିବ, ମନର ଧ୍ୟାନ ଲାଗିବ । ଜପର ଅର୍ଥରେ ମନ ଲାଗିଲେ ମନ ଭଗବଦାକାର ହେବ, ଭଗବଦାକାର ହେଲେ ସୁଖ ମିଳିବ ଏବଂ ଯେଉଁଠାରେ ସୁଖ ଅଛି ସେଠାରେ ମନ ଲାଗିଥାଏ ।''

# ବାପୁଜୀ ଧ୍ୟାନ କରିବା ଶିଖାଇଲେ

### ଧ୍ୟାନ କ'ଣ ?

ଧ୍ୟାନ ତ ଲୋକ କରନ୍ତି କିନ୍ତୁ ନିଜର ମାନ୍ୟତା, ନିଜର ଜ୍ଞାନ ଅନୁସାରେ କରନ୍ତି, ଯାହାଦ୍ୱାରା ସେମାନଙ୍କୁ ଧ୍ୟାନର ପୂରା ଲାଭ ମିଳିପାରେ ନାହିଁ କିନ୍ତୁ ପୂଜ୍ୟ ବାପୁଜୀଙ୍କ ପରି ଯୋଗର ଅନୁଭବୀ ବ୍ରହ୍ମନିଷ୍ଠ ମହାପୁରୁଷଙ୍କର ଅନୁଭବସମ୍ପନ୍ନ ମାର୍ଗଦର୍ଶନ ଯେଉଁମାନଙ୍କୁ ମିଳିଯାଏ ସେମାନଙ୍କର ତ ସହଜରେ ହିଁ ଧ୍ୟାନର ଗଭୀରତାର ଯାତ୍ରା ହେବାରେ ଲାଗେ । ଧ୍ୟାନ କ'ଣ ଓ କିପରି କରିବା ଉଚିତ- ଏହି ସନ୍ଦର୍ଭରେ ପୂଜ୍ୟ ବାପୁଜୀଙ୍କର ଶ୍ରୀବଚନରେ ଅଛି : ''ସବୁ କାର୍ଯ୍ୟ କରିବା ଦ୍ୱାରା ହୁଏ ନାହିଁ । କିଛି କାମ ଏପରି ମଧ୍ୟ ଅଛି ଯାହା ନ କରିବା ଦ୍ୱାରା ହୋଇଥାଏ । ଧ୍ୟାନ ଏହିପରି ଏକ କାର୍ଯ୍ୟ । ଧ୍ୟାନର ଅର୍ଥ କ'ଣ ? ଧ୍ୟାନ ହେଉଛି ତଲ୍ଲୀନ ହେବା । ଧ୍ୟାନ ହେଉଛି ଆତ୍ମନିରୀକ୍ଷଣ କରିବା... ଆମେ କିପରି ଏହା ଦେଖିବା । କେଉଁଠାରେ ପହଞ୍ଚିଛୁ ଏହା ଦେଖିବା । କେତେ ନିଜେ-ନିଜକୁ ଭୁଲିପାରିଛୁ, କେତେ ବିସ୍ମୃତିଯୋଗରେ ବୁଡ଼ିପାରିଛୁ ଏହା ଦେଖିବା ।



ସତ୍‌ସଙ୍ଗ ମଧ ତାହାକୁ ଫଳିତ ହୁଏ ଯିଏ ଧ୍ୟାନ କରେ । ଧ୍ୟାନରେ ବିବେକ ଜାଗୃତ ରହେ । ଧ୍ୟାନରେ ବଡ଼ ସଜଗତା, ସାବଧାନତା ରହେ । 'କରିବା'ରେ ପ୍ରେମ କମ୍ କର, 'ନ କରିବା' ଦିଗରେ ପ୍ରୀତି ବଢ଼ାଅ । ଯେତେ ବି ତୁମେ କରିବ ତାହାର ଅନ୍ତରେ 'ନ କରିବା' ହିଁ ଶେଷ ରହିବ । ଧ୍ୟାନ ଅର୍ଥାତ୍ ନ କରିବା... କିଛିବି ନ କରିବା । ଯେଉଁଠାରେ ଚେଷ୍ଟା ହୁଏ, ଯେଉଁଠାରେ କରିବା ହୁଏ ସେଠାରେ କ୍ଲାନ୍ତି ମଧ୍ୟ ହୁଏ । ଯେଉଁଠାରେ ଚେଷ୍ଟା ହୁଏ, କ୍ଲାନ୍ତି ହୁଏ ସେଠାରେ ଆନନ୍ଦ ହୁଏ ନାହିଁ ।

ଯେଉଁଠାରେ ଚେଷ୍ଟା ହୁଏ ନାହିଁ, ଆଳସ୍ୟ-ପ୍ରମାଦ ମଧ୍ୟ ହୁଏ ନାହିଁ ବରଂ ନିଃସଂକଳ୍ପତା ହୁଏ, ଯାହା ସ୍ୱାଭାବିକ ହୁଏ, ସେଠାରେ ଆନନ୍ଦ ବ୍ୟତୀତ କିଛି ହୁଏ ନାହିଁ ଏବଂ

ସେହି ଆନନ୍ଦ ନିର୍ବିଷୟ ହୁଏ । ସେହି ଆନନ୍ଦ ସଂଯୋଗଜନ୍ୟ ହୁଏ ନାହିଁ, ପରତନ୍ତ୍ର ଓ ପରାଧୀନ ହୁଏ ନାହିଁ ବରଂ ସ୍ୱତନ୍ତ୍ର ଓ ସ୍ୱାଧୀନ ହୁଏ । ନଶ୍ୱର ଓ ଅସ୍ଥାୟୀ ହୁଏ ନାହିଁ, ଶାଶ୍ୱତ ଓ ସ୍ଥାୟୀ ହୁଏ । ସମସ୍ତେ ସେଥିରେ ବୁଡ଼ିପାରନ୍ତି ନାହିଁ । କେହି-କେହି ଭାଗ୍ୟଶାଳୀ ହିଁ ବୁଡ଼ିପାରନ୍ତି ଏବଂ ଯେଉଁମାନେ ବୁଡ଼ିପାରନ୍ତି ସେମାନେ ଖୋଜି ମଧ୍ୟ ନିଅନ୍ତି ।

'ନ କରିବା ପ୍ରତି ପ୍ରୀତି ବଢ଼ାଅ...' ଏହାର ଅର୍ଥ ଏହା ନୁହେଁ ଯେ ଅଳସୁଆ ହୋଇଯିବା । ଯିଏ ନିଷ୍କାମ ସେବା କରେ ନାହିଁ ସେ ଧ୍ୟାନ ମଧ୍ୟ କରିପାରିବ ନାହିଁ । ପ୍ରଥମେ ନିଷ୍କାମ ସେବା ଦ୍ୱାରା ଅନ୍ତଃକରଣକୁ ଶୁଦ୍ଧ କର । ଯେମିତି-ଯେମିତି ଅନ୍ତଃକରଣ ଶୁଦ୍ଧ ହୋଇଚାଲିବ, ସେମିତି-ସେମିତି ଧ୍ୟାନ ଓ ଜପରେ ତ ମନ ଲାଗିରହିବ ।

ଲୋକ ଧ୍ୟାନ କରନ୍ତି ତ ଧ୍ୟାନରେ କ୍ରିୟାରହିତ ହୋଇଯିବା ଦ୍ୱାରା ଅଳ୍ପ-ବହୁତ କ୍ଳାନ୍ତିର ପ୍ରଶମନ ହୁଏ, ଅଳ୍ପ-ବହୁତ ଲାଭ ହୋଇଯାଏ କିନ୍ତୁ ଧ୍ୟାନରେ ଅନ୍ତଃକରଣର ନିର୍ମାଣ କରିବାକୁ ପଡ଼େ ।''

(ଧ୍ୟାନ ଦ୍ୱାରା ଅନ୍ତଃକରଣର ନିର୍ମାଣ କିପରି କରିବାର ଅଛି, ଜାଣିବା ଆଗାମୀ ଅଙ୍କରେ ।)

# ଏସବୁ ଗୁରୁକୃପାର ହିଁ ଚମତ୍କାର



ମୋର ପିଲାମାନେ ଛୋଟ ଥିବା ସମୟରେ ସ୍ୱାମୀ ଚାଲିଗଲେ । ଆର୍ଥିକ ସ୍ଥିତି ଏତେ ଖରାପ ଥିଲା ଯେ ମୁଁ ମାସସାରା ପରିଶ୍ରମ କରୁଥିଲି, ମୋର ଦୁଇ ପୁତ୍ର ଅନ୍ୟମାନଙ୍କର ଦୋକାନରେ କାମ କରୁଥିଲେ ତଥାପି ମାତ୍ର ୨-୩ ହଜାର ଟଙ୍କା ମିଳି ପାରୁଥିଲା । ଆମର ଛୋଟ ଦୋକାନଟିଏ ଥିଲା ତାହା ମଧ୍ୟ ବନ୍ଦ ହୋଇଗଲା । ମୁଁ ବହୁତ ଚିନ୍ତିତ ଓ ଅଶାନ୍ତ ରହୁଥିଲି । ଦିନେ ସକାଳେ ମୁଁ ଧ୍ୟାନରେ ବସିଥିବା ସମୟରେ ବାପୁଜୀଙ୍କର ଶ୍ରୀଚିତ୍ରରୁ ଶବ୍ଦ ଆସିବାରେ ଲାଗିଲା ଯେ 'ତୋର ଭଲ ସମୟ ଆସିବାର ଅଛି । ବାସ୍, ଆଉ କିଛି ଦିନ ପରିଶ୍ରମ କରିବାକୁ ପଡ଼ିବ ।' ଏହା ଶୁଣି ମୁଁ ଗଦ୍‌ଗଦ ହୋଇଗଲି ।




ତାପରେ ଆମର ଆର୍ଥିକ ସ୍ଥିତି ସୁଧୁରିବାରେ ଲାଗିଲା । ଆମେ ନୂଆ ବ୍ୟବସାୟ ଆରମ୍ଭ କଲୁ ଏବଂ ମାସକୁ ୪୦-୫୦ ହଜାର ଟଙ୍କା ଆସିବାରେ ଲାଗିଲା । ଡିସେମ୍ବର ୨୦୦୭ରେ ପୂଜ୍ୟ ବାପୁଜୀ ଆମର ଛିନ୍ଦୱାଡ଼ା ଆସିଥିଲେ । ମୁଁ ନିଜର ଅନୁଭବ ପୂଜ୍ୟଶ୍ରୀଙ୍କୁ ଜଣାଇବାରୁ ଗୁରୁଦେବ କହିଲେ : ''ଆହୁରି ବଢ଼ିବ !''

ଗୁରୁଦେବଙ୍କର ବଚନ ସତ୍ୟ ହେଲା ଏବଂ ୨ ମାସ ପରେ ଆମର ଆଉ ଏକ ଦୋକାନ ଖୋଲିଲା । ଆଜି ଆମର ୩ଟି ଦୋକାନ ଅଛି, ଯେଉଁଥିରେ ୨୦ଜଣ ଲୋକ କାମ କରନ୍ତି ଏବଂ ମାସକୁ ୨ରୁ ୨.୫ ଲକ୍ଷ ଟଙ୍କା ଆସୁଛି । ଏପରି ଏକ ସମୟ ଥିଲା ଯେ ଆମେ ଭଡ଼ା ଘରେ ରହୁଥିଲୁ, ଆଜି ଆମର ନିଜର ୨ଟି ବଡ଼ ଘର ଅଛି ।

୨୦୧୦ର ଘଟଣା । ମୋର ବୋହୂର ଗର୍ଭସ୍ଥ ସନ୍ତାନ ପାଇଁ ଡାକ୍ତର କହିଲେ ଯେ ''ସନ୍ତାନ ଶାରୀରିକ କିମ୍ବା ମାନସିକ ରୂପରେ ଦୁର୍ବଳ ହେବ ।'' ଏବଂ ଗର୍ଭପାତ କରିବା ପାଇଁ କହିଲେ । ପୂଜ୍ୟ ବାପୁଜୀ ଗର୍ଭପାତ କରାଇବାକୁ ମନା କରନ୍ତି ଏଣୁ ଆମେ ଗର୍ଭପାତ କରାଇଲୁ ନାହିଁ ।

ମୁଁ ବାପୁଜୀଙ୍କୁ ପ୍ରାର୍ଥନା କଲି ଯେ : 'ଗୁରୁଦେବ ! ଯେପରି ବି ଦେବେ, ଆପଣଙ୍କର ପ୍ରସାଦ ହେବ ।' ଗୁରୁକୃପାରୁ ଏକ୍‌ଦମ ସୁସ୍ଥ ବାଳକ ଜନ୍ମ ହେଲା ଯାହାର ନାମ ରାମାନୁଜ ଏବଂ ସେ ଏବେ ଛିନ୍ଦୱାଡ଼ା ଗୁରୁକୁଳରେ ତୃତୀୟ ଶ୍ରେଣୀରେ ପଢୁଛି । ଶ୍ରେଣୀରେ ପ୍ରଥମ ହେଉଛି ଏବଂ ଶାରୀରିକ ରୂପରେ ମଧ୍ୟ ସମ୍ପୂର୍ଣ୍ଣ ସୁସ୍ଥ । ୨୦୧୯ରେ ସମଗ୍ର ଦେଶର ୨୯ଟି ସନ୍ତ ଶ୍ରୀ ଆଶାରାମଜୀ ଗୁରୁକୁଳରେ ଆୟୋଜିତ 'ମା' ମହଙ୍ଗୀବା ଆଧ୍ୟାତ୍ମିକ ଜ୍ଞାନ ପ୍ରତିଯୋଗିତା'ରେ ରାମାନୁଜ ତୃତୀୟ ଶ୍ରେଣୀରେ ପ୍ରଥମ ସ୍ଥାନ ପ୍ରାପ୍ତ କଲା । ଏସବୁ ଗୁରୁକୃପାର ହିଁ ଚମତ୍କାର ।

- ସୁମନ ଡୋଇଫୋଡ଼େ, ସଚଳ ଦୂରଭାଷ : ୯୩୦୦୭୭୬୮୮୬

# ଧର୍ମାନ୍ତରଣ-ପ୍ରଭାବିତ ଡାଙ୍ଗ କ୍ଷେତ୍ରରେ ହେଲା ୭ଟି ମନ୍ଦିରର ନିର୍ମାଣ

ଗୁଜରାଟର ଡାଙ୍ଗ କ୍ଷେତ୍ରରେ ପୂଜ୍ୟ ବାପୁଜୀଙ୍କର ପବିତ୍ର ପ୍ରେରଣା ଓ ମାର୍ଗଦର୍ଶନରେ ବିଗତ ୨୫ ବର୍ଷରୁ ଅନେକ ସେବାକାର୍ଯ୍ୟ ବ୍ୟାପକ ସ୍ତରରେ ଚାଲି ଆସୁଛି, ଯାହା ଦ୍ୱାରା ଏଠାକାର ଲୋକଙ୍କର ଜୀବନ ଉନ୍ନତ ହୋଇଛି ଏବଂ ସେମାନଙ୍କର ନିଜ ଧର୍ମ-ସଂସ୍କୃତି ପ୍ରତି ନିଷ୍ଠା ବଢ଼ିଛି, ଧର୍ମାନ୍ତରଣ ଉପରେ ପ୍ରତିବନ୍ଧକ ଲାଗିଛି । ଏହି ଶୃଙ୍ଖଳାରେ ପୂଜ୍ୟ ବାପୁଜୀଙ୍କର ପବିତ୍ର ପ୍ରେରଣାରେ ଆଶ୍ରମ, ସମିତି ଓ ସାଧକ ତଥା ଅନ୍ୟ ୬ଟି ସଂସ୍ଥାର ସହଯୋଗ ଦ୍ୱାରା ଏହି କ୍ଷେତ୍ରରେ ୭ଟି ମନ୍ଦିର ନିର୍ମାଣ କରାଇ ସେଠାକାର ଲୋକମାନଙ୍କ ପାଇଁ ଧର୍ମ, ଉପାସନା ଓ ଭକ୍ତିର ପ୍ରେରଣାକେନ୍ଦ୍ର ସ୍ଥାପିତ କରାଯାଇଛି ।

ଜାମଲାପାଡ଼ା ଗ୍ରାମରେ ଭବ୍ୟ ମନ୍ଦିରର ପ୍ରାଣପ୍ରତିଷ୍ଠା ଅବସରରେ ହଜାର ହଜାର ଗରିବଙ୍କ ମଧ୍ୟରେ ଅନ୍ନଛତ୍ର, ବସ୍ତ୍ର-ବିତରଣ ଆଦି ମଧ୍ୟ ହେଲା । ଏଠାକାର ବିଭିନ୍ନ ସଂସ୍ଥାର ମାନ୍ୟଗଣ୍ୟ ବ୍ୟକ୍ତି ନିଜର ଭାବ ବ୍ୟକ୍ତ କଲେ । ଉପସ୍ଥାପନ କରୁଛୁ କିଛି ଉଦ୍‌ଗାର :



**ଶ୍ରୀ ପି.ପି. ସ୍ୱାମୀ, ସ୍ୱାମୀନାରାୟଣ ସଂସ୍ଥା :** ଏହି ଦଣ୍ଡକାରଣ୍ୟ ଭୂମିରେ ଗ୍ରାମ-ଗ୍ରାମରେ ହନୁମାନଙ୍କର ମୂର୍ତ୍ତି ତ ଅଛି କିନ୍ତୁ ମନ୍ଦିର ନଥିଲା । ୪ଟି ଗ୍ରାମ ମଧ୍ୟରେ ଜାମଲାପାଡ଼ା ଗ୍ରାମରେ ସନ୍ଥ ଆଶାରାମଜୀ ବାପୁଙ୍କର ଶିଷ୍ୟ ଓ ଅନ୍ୟ ୬ଟି ସଂସ୍ଥା ତଥା ଭକ୍ତମାନେ ମିଳିତ ହୋଇ ସଂସ୍କୃତି ଓ ଧର୍ମ ରକ୍ଷା ପାଇଁ ମନ୍ଦିର ନିର୍ମାଣ କରିଛନ୍ତି ଏହା ଖୁବ୍ ବନ୍ଦନୀୟ ଅଟେ ।

ବାପୁଜୀଙ୍କର ଶିଷ୍ୟ, ଭକ୍ତମାନଙ୍କଠାରେ ଗୁରୁଙ୍କ ପ୍ରତି ଅତ୍ୟନ୍ତ ଦୃଢ଼ ଶ୍ରଦ୍ଧାଭାବ ଅଛି । ଏହା ପ୍ରେରଣାଦାୟୀ କାରଣ ଏହି ଯେଉଁ ବିକଟ ପରିସ୍ଥିତି, ମିଥ୍ୟା ଆକ୍ଷେପ କରି ବାପୁଜୀଙ୍କ ଉପରେ ଯେଉଁ କାର୍ଯ୍ୟାନୁଷ୍ଠାନ ଚାଲିଛି, ଏତେସବୁ ହେବା ପରେ ମଧ୍ୟ ତାଙ୍କର ଭକ୍ତମାନେ ଦୃଢ଼ ଅଛନ୍ତି ଏବଂ ଅନ୍ୟମାନଙ୍କ ପାଇଁ ବନବାସୀ କ୍ଷେତ୍ରରେ ସେବାପ୍ରବୃତ୍ତି ଚଲାଇଛନ୍ତି, ଏହା ଖୁବ୍ ବନ୍ଦନୀୟ ଅଟେ ।



**ଶ୍ରୀ ମାଧବ ଗୁରୁଜୀ, କଥାକାର :** ହିନ୍ଦୁମାନଙ୍କୁ ସ୍ୱଧର୍ମ ପ୍ରତି ନିଷ୍ଠାବାନ କରିବା, ଲୋକମାନଙ୍କୁ ଶ୍ରେଷ୍ଠତମ ମାନବ କରିବା, ଜବରଦସ୍ତ ହେଉଥିବା ଧର୍ମାନ୍ତରଣକୁ ରୋକିବା, ଗରିବମାନଙ୍କୁ ଶିକ୍ଷିତ କରିବା, ବେରୋଜଗାରଙ୍କୁ ରୋଜଗାର ଦେବା, କ୍ଷୁଧାର୍ତ୍ତଙ୍କୁ ପର୍ଯ୍ୟାପ୍ତ ଭୋଜନ ଦେବା- ଏହା ସନ୍ଥ ଆଶାରାମଜୀ ବାପୁ ସମଗ୍ର ଦେଶରେ ଅଭିଯାନ ଚଳାଇଥିଲେ । ବାପୁଜୀ ଏପରି ମାନବ ପ୍ରସ୍ତୁତ କରିଛନ୍ତି ଯେଉଁମାନେ ତନ-ମନ-ଧନରେ ପୂରା ସମାଜର ସେବା କରନ୍ତି । ଏହି ମହାତ୍ମା ପ୍ରଥମରୁ ହିଁ ନିଶ୍ଚୟ କରି ନେଇଥିଲେ ଯେ ‘ଯେଉଁ ଅନୁନ୍ନତ ସମାଜ ଅଛି, ଯେଉଁଠାରେ କେହି ପହଞ୍ଚିପାରି ନାହାନ୍ତି ସେଠାରେ ମୁଁ ପହଞ୍ଚିବି ।’



**ପ୍ରବୀଣଭାଇ ପଟେଲ, ବିଲିୟା ସମିତି (ଜି. ପାଟଣ, ଗୁଜ) :** ବାପୁଜୀଙ୍କର ଶରୀର ଜେଲ୍‌ରେ ଅଛି କିନ୍ତୁ ତାଙ୍କର କୃପା ଜେଲ୍‌ରେ ନାହିଁ, ତାଙ୍କର ଜ୍ଞାନ ଜେଲ୍‌ରେ ନାହିଁ ।



**ଶୈଳେଷଭାଇ ପଟେଲ, ବିଲିୟା ସମିତି :** ପୂଜ୍ୟ ବାପୁଜୀ ନିର୍ଦ୍ଦେଶ ଦେଇଥିଲେ ଯେ ‘ଆଦିବାସୀ ଦୀନବନ୍ଧୁମାନଙ୍କର ସେବା କର !’ ସେହି ଉଦ୍ଦେଶ୍ୟରେ ଆମେ ସେବା କରୁଛୁ ଏବଂ ଗୁରୁକୃପାରୁ ଖୁବ୍ ଭଲ ସେବା ହେଉଛି ।

# ଗ୍ରୀଷ୍ମକାଳୀନ ସମସ୍ୟା ଓ ଗରମରୁ ରକ୍ଷା ପାଇବା ପାଇଁ ବିଶେଷ

## (ପୂଜ୍ୟ ବାପୁଜୀଙ୍କର ସ୍ୱାସ୍ଥ୍ୟ ପ୍ରସାଦ)

**(ଗ୍ରୀଷ୍ମ ଋତୁ : ଅପ୍ରେଲ୍ ୧୯ରୁ ଜୁନ୍ ୧୯)**




(୧) ଗ୍ରୀଷ୍ମ ଋତୁରେ ଖାଦ୍ୟ-ପେୟ ସୁପାଚ୍ୟ ହେଉ, ଟିକିଏ କମ୍ ହେଉ, ପାଣି ପିଇବା ଅଧିକ ହେଉ ଏବଂ ରାତ୍ରିରେ ଶୀଘ୍ର ଶୟନ କର । ଭୋର (ପ୍ରାତଃକାଳ)ରେ ସ୍ନାନ-ଶୌଚାଦି କର ଯେପରିକି ଗର୍ମୀ ବାହାରିଯିବ । ସ୍ନାନରେ ମୁଲତାନୀ ମାଟି*ର ଉପଯୋଗ କରିପାରନ୍ତି ।



(୨) ବାମ ନାକପୁଡ଼ାରେ ଶ୍ୱାସ ନିଅ, ୬୦ରୁ ୯୦ ସେକେଣ୍ଡ ଶ୍ୱାସ ଭିତରେ ରୋକି ଗୁରୁମନ୍ତ୍ର କିମ୍ବା ଭଗବନ୍ନାମର ମାନସିକ ଜପ କର ଏବଂ ଡାହାଣ ନାକପୁଡ଼ାରେ ଧୀରେ-ଧୀରେ ଛାଡ଼ । ଏପରି ୩ରୁ ୫ ଥର କର । ଏହାଦ୍ୱାରା ଯେପରି ବି ଗର୍ମୀ ଅଛି, ଆଖି ଜଳୁଛି, ଚିଡ଼ିଚିଡ଼ା ସ୍ୱଭାବ ଅଛି, ବ୍ରଣ-ବଥ ଅଛି ସେଥିରେ ଆରାମ ହୋଇଯିବ । ରାତ୍ରିରେ ଶୋଇବା ସମୟରେ ଅଳ୍ପ ତ୍ରିଫଳା ଚୂର୍ଣ୍ଣ* ଖାଇନିଅ ।






(୩) ଗ୍ରୀଷ୍ମଦିନେ ଉଷ୍ଣତାରୁ ରକ୍ଷା ପାଇବା ପାଇଁ ଲୋକ ଥଣ୍ଡା ପାନୀୟ ପିଅନ୍ତି । ବଜାରର ପେୟ ପଦାର୍ଥ, କୋଲ୍ଡ଼ ଡ୍ରିଙ୍କ୍ସ ପିଇବା ଅପେକ୍ଷା ଲେମ୍ବୁ ସରବତ ବହୁତ ଉତ୍ତମ । ଦହି ସିଧା ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକାରୀ ନୁହେଁ, ସେଥିରେ ପାଣି ମିଶାଇ ଘୋଳଦହି କରି ଜିରା, ମିଶ୍ରି ଆଦି ପକାଇ ଉପଯୋଗ କରିବା ହିତକାରୀ ।

(୪) ଯାହାର ଶରୀର ବହୁତ ଗରମ ଅଛି, ନେତ୍ରରେ ଜ୍ୱଳନ ହେଉଛି ସେ ଡାହାଣ କଡ଼ ନେଇ ଟିକିଏ ଶୋଇବା ଉଚିତ, ଏହାଦ୍ୱାରା ଶରୀରର ତାପ କମ୍ ହୋଇଯିବ ଏବଂ ଯାହାର ଶରୀର ଥଣ୍ଡା ପଡ଼ିଯାଉଛି ଏବଂ ଆଳସ୍ୟ ଅଛି ସେ ବାମ କଡ଼ରେ ଶୋଇବା ଉଚିତ, ଏହାଦ୍ୱାରା ସ୍ଫୂର୍ତ୍ତି ଆସିବ ।




(୫) ପିତ୍ତ ସମସ୍ୟା ଥିଲେ ପାଣି-ପ୍ରୟୋଗ କର (ଅର୍ଥାତ୍ ରାତ୍ରିରେ ରଖା ହୋଇଥିବା ଅଧାରୁ ଦେଢ଼ ଗ୍ଲାସ ପାଣି ସକାଳ ସୂର୍ଯ୍ୟୋଦୟ ପୂର୍ବରୁ ପାନ କର) । ଦ୍ୱିତୀୟ, ଅଁଳାର ମୁରବ୍ବା ଖାଅ ଅଥବା ଅଁଳା ରସ* ଓ ଘୃତକୁମାରୀ ରସ (Aloe vera Juice)* ମିଶାଇ ପ୍ରସ୍ତୁତ ପାନୀୟ ପିଅ । ଏହାଦ୍ୱାରା ପିତ୍ତ-ଶମନ ହୁଏ ।



(୬) ବାତଦୋଷ ଥିଲେ ଅଧା ଚାମଚ୍ ଅଁଳା ଚୂର୍ଣ୍ଣ*, ୧ ଚାମଚ୍ ଘିଅ ଓ ୧ ଚାମଚ୍ ମିଶ୍ରି ମିଶାଇ ସକାଳେ ଖାଲି ପେଟରେ ଖାଇଲେ ବାତ ଦୋଷ ଦୂର ହୁଏ ।

(୭) ଏହି ଋତୁରେ ଛଣାଛଣି ପଦାର୍ଥ ନ ଖାଇବା ଉଚିତ । ପାଚିଲା ଲଙ୍କା, ଅଦା, ଖଟା ଲସି କିମ୍ବା ଦହି ବହୁତ କ୍ଷତି କରେ । ଏହି ଋତୁରେ କ୍ଷୀରି ଖାଅ ।

(୮) ଯାହାକୁ ବି ଗର୍ମୀ ଅଛି, ନେତ୍ର ଜଳୁଛି ସେ ମୁଲତାନୀ ମାଟି ଲଗାଇ ଅଳ୍ପ ସମୟ ବସି ତାପରେ ସ୍ନାନ କଲେ ଶରୀରର ଗର୍ମୀ ବାହାରିଯିବ, ମୁଣ୍ଡବ୍ୟଥା ଦୂର ହେବ ।

(୯) ଅଶ୍ୱତ୍ଥ ବୃକ୍ଷରେ ପିତ୍ତ-ଶମନର ସାମର୍ଥ୍ୟ ଅଛି । ଏହାର କୋମଳ ପତ୍ରରେ ପ୍ରସ୍ତୁତ ୧୦ ଗ୍ରାମ୍ ମୁରବ୍ବା ଖାଅ । ଯେତେବି ଗର୍ମୀ ହେଉ, ଶାନ୍ତ ହୋଇଯିବ ।

* ଏହା ଆଶ୍ରମର ସମିତିର ସେବାକେନ୍ଦ୍ରରୁ କିମ୍ବା ashramestore.com ଦ୍ୱାରା ପ୍ରାପ୍ତ ହୋଇପାରିବ ।

**ମୁରବ୍ବା ପ୍ରସ୍ତୁତିର ବିଧି :** ଅଶ୍ୱତ୍ଥର ୨୫୦ ଗ୍ରାମ୍ ନାଲି କୋମଳ ପତ୍ରକୁ ପାଣିରେ ଧୋଇ ସିଝାଅ । ତାପରେ ତାକୁ ବାଟି ସେଥିରେ ସମଭାଗ ମିଶ୍ରି ଓ ଦେଶୀ ଗାଈର ୫୦ ଗ୍ରାମ୍ ଘିଅ ମିଶାଇ ଅଳ୍ପ ଆଞ୍ଚରେ ସେକ । ଗାଢ଼ ହେବା ପରେ ଯେତେବେଳେ ଘିଅ ଛାଡ଼ିବାରେ ଲାଗିବ ସେତେବେଳେ ତଳକୁ ଓହ୍ଲାଇ ଥଣ୍ଡା କରି କୌଣସି ସଫା ପାତ୍ର (କାଚ଼ ପାତ୍ର ଉତ୍ତମ)ରେ ସୁରକ୍ଷିତ ରଖ ।

**ସେବନ ବିଧି :** ୧୦-୧୦ ଗ୍ରାମ୍ ସକାଳ-ସନ୍ଧ୍ୟା କ୍ଷୀର ସଙ୍ଗେ ପିଅ ।

(୧୦) ଯାହାକୁ ଗର୍ମୀ ହେଉଛି ସେ ତରଭୁଜ ଭଲ ଭାବରେ ଖାଉ । ବ୍ରଣ-ବଥ ହେଲେ ପାଳଙ୍ଗ, ଗାଜର (ଭିତରର ହଳଦିଆ ଭାଗ ହଟାଇ), କାକୁଡ଼ିର ରସ ଓ ପଇଡ଼ପାଣିର ଉପଯୋଗ କଲେ ବ୍ରଣ-ବଥ ଭଲ ହୋଇଯାଏ ।

(୧୧) ଯେଉଁମାନେ ଖୋଲା ମସ୍ତକରେ ଖରାରେ ଭ୍ରମଣ କରନ୍ତି ସେମାନଙ୍କର ନେତ୍ର ଦୁର୍ବଳ ହୋଇଯାଏ, ବାର୍ଦ୍ଧକ୍ୟ ଓ ବଧିରତା ଶୀଘ୍ର ଆସିଯାଏ । ଖରାରେ ଖାଲି ପାଦ ଓ ଖୋଲା ମସ୍ତକରେ କଦାପି ବୁଲିବା ଉଚିତ ନୁହେଁ । ଯେଉଁମାନେ ତୀର୍ଥଯାତ୍ରା କରନ୍ତି ସେମାନେ ମଧ୍ୟ ଖାଲି ପାଦରେ ଭ୍ରମଣ ନ କରିବା ଉଚିତ ।

**(୧୨) ଘିମିରି ହୋଇଥିଲେ :** * ନିମ୍ବର ୧୦ ଗ୍ରାମ୍ ଫୁଲ ଓ ଅଳ୍ପ ମିଶ୍ରି ବାଟି ପାଣିରେ ମିଶାଇ ଖାଲି ପେଟରେ ପିଅ । ଏହାଦ୍ୱାରା ଘିମିରି ଶୀଘ୍ର ଭଲ ହୋଇଯିବ ।

* ନଡ଼ିଆ ତେଲରେ ଲେମ୍ବୁ-ରସ ମିଶାଇ ଲଗାଇଲେ ଘିମିରି ଶାନ୍ତ ହୋଇଯାଏ । (ମୁଲତାନୀ ମାଟି ଲଗାଇ ସ୍ନାନ କଲେ ମଧ୍ୟ ଘିମିରି ଭଲ ହୋଇଯାଏ ।)

(୧୩) ପଳାଶ ଫୁଲର ୫୦ ଗ୍ରାମ୍ କ୍ୱାଥରେ ଅଳ୍ପ ମିଶ୍ରି ମିଶାଇ ପିଇଲେ ଗର୍ମୀ ଚାଲିଯାଏ ।

## ଗ୍ରୀଷ୍ମଜନ୍ୟ ସ୍ୱାସ୍ଥ୍ୟ-ସମସ୍ୟାରେ ଲାଭକାରୀ ଉତ୍ପାଦ

(୧) ଲୁ ରୁ ରକ୍ଷାପାଇବା ପାଇଁ 'ପଳାଶ ସରବତ' ଓ 'ବ୍ରାହ୍ମୀ ସରବତ' : ସେବନ ବିଧି ବୋତଲର ଲେବଲ୍‌ରେ ଦେଖନ୍ତୁ ।

(୨) ନେତ୍ର, ହାତ-ଗୋଡ଼ ଓ ପରିସ୍ରାର ଜ୍ୱଳନରେ 'ଗୁଲକନ୍ଦ' : ୧-୧ ଚାମଚ୍ ସକାଳ-ସନ୍ଧ୍ୟାରେ ଖାଆନ୍ତୁ ।




(୩) କୁଣ୍ଡିଆ ପାଇଁ 'ନିମ୍ବ ଅର୍କ' : ୧-୨ ଚାମଚ୍ ଦିନରେ ଦୁଇ ଥର ପାଣି ସଙ୍ଗେ ପିଅନ୍ତୁ ।

(୪) ଦୁର୍ବଳତା ଓ କ୍ଲାନ୍ତିରେ 'ଶତାବରୀ ଚୂର୍ଣ୍ଣ' : ୨ ଗ୍ରାମ୍ ଚୂର୍ଣ୍ଣ କ୍ଷୀରରେ ମିଶ୍ରି ଓ ଘିଅ ମିଶାଇ ସକାଳ ଅଥବା ସନ୍ଧ୍ୟାରେ ପିଅନ୍ତୁ ।

**(୫) କ୍ଷୁଧା ବୃଦ୍ଧି ନିମନ୍ତେ :**

* ଘୃତକୁମାରୀ ରସ (Aloe vera Juice) : ୨-୨ ଚାମଚ୍ ସକାଳ-ସନ୍ଧ୍ୟା ଉଷୁମ ପାଣିରେ ପିଅନ୍ତୁ ।

* ଲିଭର ଟନିକ୍ ଟ୍ୟାବ୍‌ଲେଟ : ୧ରୁ ୨ଟି ଗୋଲି ସକାଳ-ସନ୍ଧ୍ୟାରେ ଖାଆନ୍ତୁ ।

**ବିଶେଷ :** ଉପରୋକ୍ତ ସମସ୍ତ ସମସ୍ୟାରେ ୧୦ରୁ ୨୦ ମି.ଲି. ଅଁଳା ରସ ସକାଳ-ସନ୍ଧ୍ୟା ପାଣି ସହିତ ପିଇଲେ ଲାଭ ହୁଏ ।

ଉପରୋକ୍ତ ଉତ୍ପାଦ ଆଶ୍ରମର ସମିତିର ସେବାକେନ୍ଦ୍ରରୁ କିମ୍ବା ashramestore.com

## ଅମୃତ-କଣିକା

- ପୂଜ୍ୟ ବାପୁଜୀ

* ହର୍ଷ ଓ ପ୍ରସନ୍ନତା ମଧ୍ୟରେ କ'ଣ ପ୍ରାର୍ଥକ୍ୟ ? ହର୍ଷ ଶୋକ ଉତ୍ପନ୍ନ କରେ ଏବଂ ପ୍ରସନ୍ନତା ଆତ୍ମସୁଖ ବିକଶିତ କରେ ।

* ଯେତିକି ଅନ୍ତରର ଶାନ୍ତି ବଢ଼ିଚାଲିବ, ସୁଖ ବଢ଼ିଚାଲିବ ସେତିକି ବ୍ୟକ୍ତି ସ୍ୱତନ୍ତ୍ର ହୋଇଚାଲିବ, ଶ୍ରେଷ୍ଠ ହୋଇଯିବ ।

## ଗ୍ରୀଷ୍ମ ଋତୁରେ

### କ'ଣ କରିବ (√)

(୧) ଗ୍ରୀଷ୍ମ ଋତୁରେ ମଧୁର ରସ-ପ୍ରଧାନ, ଶୀତଳ, ଦ୍ରବରୂପ (ସରବତ, ପଣା ଆଦି ତରଳ ପଦାର୍ଥ) ଓ ସ୍ନିଗ୍ଧ (ଘିଅ, ତେଲ ଆଦିରେ ଯୁକ୍ତ) ଅନ୍ନ-ଜଳର ସେବନ କରିବା ଉଚିତ । (ଚରକ ସଂହିତା)

(୨) ପୁରୁଣା ଚାଉଳ, ମୁଗ ଡାଲି, ପୋଟଳ, ଲାଉ, ପାଣିକଖାରୁ, ପାଚିଲା ବୋଇତି କଖାରୁ, ଜହ୍ନି, ବଥୁଆ, କାଣି ଲେଉଟିଆ, ଡାଳିମ୍ବ, ତରଭୁଜ, ଖରଭୁଜ, ମିଠା ଅଙ୍ଗୁର, କିସ୍‌ମିସ, କାକୁଡ଼ି, ଆମ୍ବ, କମଳା, ପଇଡ଼ ପାଣି, ଲେମ୍ବୁ, ଛତୁଆ, କଞ୍ଚା ଧନିଆ, ମିଶ୍ରି, ଦେଶୀ ଗାଈର କ୍ଷୀର, ଘିଅ ଆଦି ପଦାର୍ଥଙ୍କର ସେବନ ହିତକାରୀ ।

(୩) ସାଧା ଅଥବା ମାଠିଆର ପାଣି ସ୍ୱାସ୍ଥ୍ୟପ୍ରଦ । ଟିକିଏ ବେଣାଚେର ଅଥବା ଖଣ୍ଡେ ଚନ୍ଦନର କାଠ ମାଠିଆରେ ପକାଇ ଦିଅ । ଏହାର ପାଣି ପିଇଲେ ବାରମ୍ବାର ଲାଗୁଥିବା ତୃଷା ଓ ଗର୍ମୀ କମ୍ ହୁଏ ।

(୪) ବ୍ରାହ୍ମମୁହୂର୍ତ୍ତରେ ଉଠି ଶୀତଳ ପବନରେ ଭ୍ରମଣ କରିବା, ସୂତା ଓ ଧଳା କିମ୍ବା ହାଲୁକା ରଙ୍ଗର ବସ୍ତ୍ର ପିନ୍ଧିବା, ଚାନ୍ଦିନୀରେ ଖୋଲା ପବନରେ ଶୋଇବା ହିତକାରୀ ।

(୫) ଜ୍ୱଳନ ହେଉଥିଲେ ପ୍ରତିଦିନ ଖାଲି ପେଟ ଗୋଦୁଗ୍ଧରେ ୨ ଚାମଚ୍ ଦେଶୀ ଗୋଘୃତ ମିଶାଇ ପିଇବା ଉଚିତ । ମହୁ* ଖାଇ ତାପରେ ପାଣି ପିଇଲେ ମଧ ଜ୍ୱଳନ କମ୍ ହୁଏ ।

(୬) ଥଣ୍ଡା ପାଣିରେ ଯଅ ଅଥବା ବୁଟର ଛତୁଆ ମିଶ୍ରି ଓ ଘିଅ ମିଶାଇ ପିଅ । ଏହାଦ୍ୱାରା ସମ୍ପୂର୍ଣ୍ଣ ଗ୍ରୀଷ୍ମକାଳରେ ଶକ୍ତି ବଜାୟ ରହିବ ।

* ଆଶ୍ରମର ସମିତିର ସେବାକେନ୍ଦ୍ରରେ ଉପଲବ୍ଧ

### କ'ଣ ନ କରିବ (X)

(୧) ଗରିଷ୍ଠ କିମ୍ବା ବିଳମ୍ବରେ ଜୀର୍ଣ୍ଣ ହେଉଥିବା, ବାସି, ଖଟା, ଛଣାଛଣି, ରାଗ-ମସଲାଯୁକ୍ତ ତଥା ଉଷ୍ଣ ପ୍ରକୃତିର ପଦାର୍ଥ, ବରଫ କିମ୍ବା ବରଫରୁ ପ୍ରସ୍ତୁତ ପଦାର୍ଥ, ବିରି ଡାଲି, ରସୁଣ, ଖଟା ଦହି, ବାଇଗଣ ଆଦିର ସେବନ କର ନାହିଁ ।

(୨) କ୍ଷୀର ଓ ଫଳର ସଂଯୋଗରେ ପ୍ରସ୍ତୁତ ମିଲ୍କଶେକ୍, କୋଲ୍ଡ଼ ଡ୍ରିଙ୍କସ୍, ଫ୍ରିଜରେ ଥିବା ତଥା ବେକରୀର ବସ୍ତୁ ଆଦିର ସେବନ କର ନାହିଁ । ଆଖୁ ରସରେ ବରଫ କିମ୍ବା ଲୁଣ ପକାଇ ପିଅ ନାହିଁ । (ଧାତୁରେ ନିର୍ମିତ ଘଣାରେ ପେଡ଼ା ହୋଇଥିବା ଆଖୁର ରସ ପିତ୍ତ ଓ ରକ୍ତକୁ ଦୂଷିତ କରେ । ଏଣୁ ଆଖୁ ରସ ପିଇବା ଅପେକ୍ଷା ଆଖୁ ଚୂଷି-ଚୂଷି ଖାଇବା ଅଧିକ ଲାଭକାରୀ ।)

(୩) ଅଧିକ ବ୍ୟାୟାମ, ଅଧିକ ପରିଶ୍ରମ ଓ ମୈଥୁନ ତ୍ୟାଜ୍ୟ ଅଟେ ।

(୪) ଏ.ସି. କିମ୍ବା କୁଲର ପବନ ସ୍ୱାସ୍ଥ୍ୟ ପାଇଁ ହାନିକାରକ ।

(୫) ଏକ୍‌ଦମ ଥଣ୍ଡା ବାତାବରଣରୁ ବାହାରି ଖରାକୁ ଯାଅ ନାହିଁ । ଖରାରୁ ଆସି ତୁରନ୍ତ ପାଣି ପିଅ ନାହିଁ । ଅଳ୍ପ ରହିଯାଇ ଝାଳ ଶୁଖିଯିବା ପରେ ଏବଂ ଶରୀରର ତାପମାନ ସାଧାରଣ ହେବା ପରେ ହିଁ ପାଣି ଆଦି ପିଇବା ଉଚିତ ।

(୬) ଘିମିରି ପାଇଁ ପାଉଡ଼ରର ଉପଯୋଗ ନ କରିବା ଉଚିତ । ଏହାଦ୍ୱାରା ରୋମକୂପ ବନ୍ଦ ହୋଇଯାଏ ଏବଂ ଝାଳ ବାହାରିପାରେ ନାହିଁ । ଝାଳ ନ ବାହାରିବାରୁ ଚର୍ମରୋଗ ହେବାର ସମ୍ଭାବନା ବଢ଼ିଯାଏ । (ଘିମିରିରେ ଲାଭକାରୀ ପ୍ରୟୋଗ ପଢ଼ନ୍ତୁ ପୃଷ୍ଠା ୪୪ରେ)

## 'ଲୁ'ରୁ ରକ୍ଷାପାଇବା ପାଇଁ

'ଲୁ'ରୁ ରକ୍ଷା ପାଇବା ପାଇଁ ଟାଣ ଖରାରେ ଘରୁ ବାହାରକୁ ବାହାରିବା ସମୟରେ ପାଣି ପିଇ ଏବଂ ଜୋତା ଓ ଟୋପି ପିନ୍ଧି ହିଁ ବାହାରନ୍ତୁ । ଗୋଟିଏ ପିଆଜ ସଙ୍ଗରେ ରଖନ୍ତୁ । 'ଲୁ' ହେଲେ ମୌସମ୍ବୀ (ମିଠାଲେମ୍ବୁ) ରସର ସେବନ ଖୁବ୍ ଲାଭଦାୟୀ ।



# ରୋଗପ୍ରତିରୋଧକ ଶକ୍ତି (Immunity) ବୃଦ୍ଧି ନିମନ୍ତେ ପୂଜ୍ୟ ବାପୁଜୀଙ୍କ ଦ୍ୱାରା କଥିତ ସଶକ୍ତ ଉପାୟ

ବାତାବରଣରେ ଉପସ୍ଥିତ ରୋଗାଣୁ ସର୍ବଦା ଶରୀର ଉପରେ ଆକ୍ରମଣ କରିଚାଲନ୍ତି । ଯେତେବେଳେ ଶରୀରର ରୋଗପ୍ରତିରୋଧକ କ୍ଷମତା କମ୍ ହୁଏ ସେତେବେଳେ ରୋଗ-ବ୍ୟାଧି ଆକ୍ରମଣ କରିଥାନ୍ତି । ଯଦି ଆପଣ ପୂଜ୍ୟ ବାପୁଜୀଙ୍କ କଥିତ ନିମ୍ନଲିଖିତ ସଶକ୍ତ ଉପାୟ ଅବଲମ୍ବନ କରିବେ ତେବେ ଆପଣଙ୍କର ଶରୀର, ମନ ଓ ପ୍ରାଣ ବଳବାନ ହେବ ଏବଂ ଆପଣଙ୍କର ରୋଗପ୍ରତିକାରକ ଶକ୍ତି ମଜ୍‌ବୁତ ରହିବ ।

(୧) ଯେଉଁମାନେ ସକାଳର ଶୁଦ୍ଧ ବାତାବରଣରେ ପ୍ରାଣାୟାମ କରନ୍ତି, ସେମାନଙ୍କଠାରେ ପ୍ରାଣବଳ ବଢ଼ିବା ଦ୍ୱାରା ରୋଗପ୍ରତିକାରକ ଶକ୍ତି ବଢ଼େ ଏବଂ ଏହାଦ୍ୱାରା ଅନେକ ରୋଗକାରୀ ଜୀବାଣୁ ମରିଯାନ୍ତି । ଯେଉଁମାନେ ପ୍ରାଣାୟାମ ସମୟରେ ଓ ଏହା ଅତିରିକ୍ତ ସମୟରେ ମଧ୍ୟ ଗଭୀର ଶ୍ୱାସ ନିଅନ୍ତି ସେମାନଙ୍କର ଫୁସ୍‌ଫୁସର ନିଷ୍କ୍ରିୟ ପଡ଼ିଥିବା ବାୟୁକୋଶମାନଙ୍କୁ ପ୍ରାଣବାୟୁ ମିଳିବାରେ ଲାଗେ ଏବଂ ସେମାନେ ସକ୍ରିୟ ହୋଇଉଠନ୍ତି । ଫଳତଃ ଶରୀରର କାର୍ଯ୍ୟ କରିବାର କ୍ଷମତା ବଢ଼ିଯାଏ ତଥା ରକ୍ତ ଶୁଦ୍ଧ ହୁଏ । ନାଡ଼ିମାନ ମଧ୍ୟ ଶୁଦ୍ଧ ହୁଏ, ଯାହାଦ୍ୱାରା ମନ ପ୍ରସନ୍ନ ରହେ ।

ଯଦି ଗୋ-ଗୋବର ଘଷି କିମ୍ବା ଅଙ୍ଗାରରେ ଏକ ଚାମଚ୍ ଅର୍ଥାତ୍ ୮-୧୦ ମି.ଲି. ଘିଅର ବୁନ୍ଦା ପକାଇ ଧୂପ କରନ୍ତି ତେବେ ଏକ ଟନ୍ ଶକ୍ତିଶାଳୀ ବାୟୁ ସୃଷ୍ଟି ହୁଏ । ଏପରି ବାତାବରଣରେ ପ୍ରାଣାୟାମ କରାଗଲେ କେତେ ଲାଭ ଉଠା ଯାଇପାରିବ ତାହା ଅବର୍ଣ୍ଣନୀୟ । ବାୟୁ ଯେତିକି ବଳବାନ ହେବ, ସେତିକି ବୁଦ୍ଧି, ମନ ଓ ସ୍ୱାସ୍ଥ୍ୟ ବଳବାନ ହେବ ।

(୨) ସୂର୍ଯ୍ୟକିରଣରେ ଅଦ୍ଭୁତ ରୋଗପ୍ରତିକାରକ ଶକ୍ତି ଅଛି । ସଂସାରର ଏପରି କୌଣସି ବୈଦ୍ୟ ଅଥବା କୌଣସି ମାନବୀୟ ଉପଚାର ସେତେ ଦିବ୍ୟ ସ୍ୱାସ୍ଥ୍ୟ ଓ ବୁଦ୍ଧିର ଦୃଢ଼ତା ଦେଇପାରିବ ନାହିଁ ଯେତିକି ସକାଳର କୋମଳ ସୂର୍ଯ୍ୟ-କିରଣରେ ନିହିତ ଓଜ-ତେଜରୁ ମିଳେ । ପ୍ରାତଃକାଳରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ-ଦାନ, ସୂର୍ଯ୍ୟସ୍ନାନ (ମସ୍ତକରେ କପଡ଼ା ଆଚ୍ଛାଦିତ କରି ୮ ମିନିଟ୍ ସୂର୍ଯ୍ୟ ଅଭିମୁଖେ ଓ ୧୦ ମିନିଟ୍ ପିଠି କରି ବସିବା) ଏବଂ ସୂର୍ଯ୍ୟନମସ୍କାର କରିବା ଦ୍ୱାରା ଶରୀର ହୃଷ୍ଟ-ପୁଷ୍ଟ ଓ ବଳବାନ ହୁଏ ।

**ଡା. ସୋଲେ କହନ୍ତି :** ‘‘ସୂର୍ଯ୍ୟଠାରେ ଯେତିକି ରୋଗନାଶକ ଶକ୍ତି ଅଛି ସେତିକି ସଂସାରର ଅନ୍ୟ କୌଣସି ବସ୍ତୁରେ ନାହିଁ ।’’

(୩) ଘରେ ୧-୨ଟି ତୁଳସୀ ଗଛ ନିଶ୍ଚୟ ରହିବା ଉଚିତ । ଅନ୍ୟାନ୍ୟ ଔଷଧ କୀଟାଣୁ ନଷ୍ଟ କରନ୍ତି କିନ୍ତୁ ତୁଳସୀ ସ୍ପର୍ଶିତ ବାୟୁ କୀଟାଣୁ ସୃଷ୍ଟି ହେବାକୁ ହିଁ ଦିଏ ନାହିଁ । ତୁଳସୀ ବୃକ୍ଷର ପ୍ରଭାବ ଚତୁର୍ଦ୍ଦିଗରେ ୨୦୦ ମିଟର ପର୍ଯ୍ୟନ୍ତ ରହେ । ଯେଉଁ ବ୍ୟକ୍ତି ୫-୭ଟି ତୁଳସୀପତ୍ର ସକାଳେ ଚୋବେଇ ପାଣି ପିଏ ତାର ସ୍ମରଣଶକ୍ତି ବଢ଼େ, ବ୍ରହ୍ମଚର୍ଯ୍ୟ ମଜ୍‌ବୁତ ହୁଏ । ଶହ-ଶହ ରୋଗ ଦୂର କରିବାର ଶକ୍ତି ତୁଳସୀ ପତ୍ରରେ ଅଛି । ତୁଳସୀର ଏକ ଚିମୁଟା ବୀଜ ରାତ୍ରିରେ ପାଣିରେ ଭିଜାଇ ତାକୁ ସକାଳେ ପିଇଲେ ଦୀର୍ଘଜୀବୀ ରହିବ ଓ ଅନେକ ରୋଗକୁ ଦୂର କରିବାରେ ତୁମର ଜୀବନୀଶକ୍ତି ସକ୍ଷମ ଓ ସବଳ ରହିବ ।

(୪) ଶ୍ୱାସୋଚ୍ଛ୍ୱାସରେ ଭଗବନ୍ନାମ-ଜପସହିତ ମାନସିକ ଗଣତି (ମଝିରେ ନ ଭୁଲି ୫୪ କିମ୍ବା ୧୦୮ ପର୍ଯ୍ୟନ୍ତ) କିମ୍ବା ଅଜପାଜପ କର ।

(୫) ଖୁସି ପରି ଭୋଜନ ନାହିଁ, ଚିନ୍ତା ପରି ରୋଗ ନାହିଁ । ଔଷଧ ପରି ସମସ୍ତ ରୋଗ ଉପରେ ହାସ୍ୟର ଉତ୍ତମ ପ୍ରଭାବ ପଡ଼ିଥାଏ । ହାସ୍ୟ ସହିତ ଭଗବନ୍ନାମର ଉଚ୍ଚାରଣ ଓ ଭଗବଦ୍‌ଭାବ ହେଲେ ବିକାର କ୍ଷୀଣ ହୁଅନ୍ତି, ଚିତ୍ତର ପ୍ରସାଦ ବଢ଼େ ଏବଂ ଆବଶ୍ୟକ ଯୋଗ୍ୟତାର ବିକାଶ ହୁଏ । ହରିନାମ, ରାମନାମ ଓ ଓଁକାରର ଉଚ୍ଚାରଣ ଦ୍ୱାରା ଅନେକ ରୋଗ ଦୂର ହୁଅନ୍ତି ଏବଂ ରୋଗପ୍ରତିକାରକ ଶକ୍ତି ବଢ଼େ । ଦିନର ଆରମ୍ଭରେ ଭଗବନ୍ନାମ-

ଉଚ୍ଚାରଣ କରି ସାତ୍ତ୍ୱିକ ହାସ୍ୟ ଦ୍ୱାରା (ଦେବ-ମାନବ ହାସ୍ୟ ପ୍ରୟୋଗ କରିବା ଦ୍ୱାରା) ତୁମେ ଦିନସାରା ସତେଜ ଓ ଶକ୍ତିରେ ପରିପୂର୍ଣ୍ଣ ରୁହ, ପ୍ରସନ୍ନଚିତ୍ତ ରହିଥାଅ । ହାସ୍ୟ ତୁମର ଆତ୍ମବିଶ୍ୱାସ ମଧ ବଢ଼ାଏ ।

(ରୋଗପ୍ରତିକାରକ ପ୍ରଣାଳୀ ଉପରେ ପ୍ରସନ୍ନ ଓ ଖିନ୍ନ ଚିତ୍ତବୃତ୍ତିର ପ୍ରଭାବ ଦେଖିବା ପାଇଁ 'ଷ୍ଟେଟ୍ ୟୁନିଭରସିଟି ଅଫ୍ ନ୍ୟୁୟର୍କ ଏଟ୍ ଷ୍ଟୋନି ବ୍ରୁକ୍'ରେ ପ୍ରତିଷ୍ଠିତ ପ୍ରଫେସର ରହିଥିବା ଏ. ଏ. ଷ୍ଟୋନ୍ ପରୀକ୍ଷଣ କଲେ । ସେ ପାଇଲେ ଯେ ପ୍ରସନ୍ନ ଚିତ୍ତବୃତ୍ତି ସମୟରେ ବ୍ୟକ୍ତିର ପ୍ରତିରକ୍ଷୀ ପ୍ରତିକ୍ରିୟା (antibody response) କ୍ଷମତା ଅଧିକ ହେଉଛି । ଖିନ୍ନ ମନୋବୃତ୍ତି ହେଲେ ଏହି କ୍ଷମତା କମ୍ ପ୍ରାପ୍ତ ହେଲା ।)

(୬) ନିମ୍ବ ପତ୍ର, ଫଳ, ଫୁଲ, ଡାଳ ଓ ମୂଳ- ଏହି ପାଞ୍ଚୋଟି ଦ୍ରବ୍ୟକୁ ଦେଶୀ ଘିଅ ସଙ୍ଗେ ମିଶ୍ରିତ କରି ଘରେ ଧୂପ କରାଗଲେ ରୋଗୀକୁ ତତ୍କାଳ ଆରାମ ମିଳେ, ରୋଗପ୍ରତିକାରକ ଶକ୍ତିବର୍ଦ୍ଧକ ବାତାବରଣ ଉତ୍ପନ୍ନ ହୋଇଯାଏ ।

(୭) ନିମ୍ବ ଓ ଘୃତକୁମାରୀର ପିତାଳିଆ ସତ୍ତ୍ୱ ଅନେକ ରୋଗକୁ ଦୂର କରେ । ଘୃତକୁମାରୀ ଜୀବାଣୁରୋଧୀ (antibiotic) ଓ ବିଷନାଶକ ମଧ ଅଟେ । ଏହା ରୋଗପ୍ରତିରୋଧକ ପ୍ରଣାଳୀକୁ ମଜ୍‌ବୁତ କରିବାରେ ଅତି ଉପଯୋଗୀ । (ନିମ୍ବ ଅର୍କ* ଓ ଘୃତକୁମାରୀ ରସ (Aloe vera Juice)*ର ମଧ ଉପଯୋଗ କରିପାରିବେ ।)

(୮) ଶୁଦ୍ଧ ଚ୍ୟବନପ୍ରାଶ୍ ମିଳିଲେ ଏକ ଚାମଚ୍ (୧୦ ଗ୍ରାମ୍) ଅଥବା ଏକ ଚାମଚ୍ ଅଁଳା ପାଉଡ଼ର ସେବନ କଲେ ପାଚ଼ନଶକ୍ତି ମଜ୍‌ବୁତ ଓ ଉନ୍ନତ ହେବ । ରୋଗପ୍ରତିରୋଧକ ଶକ୍ତି ମଧ ବଢ଼ିବ । (ମଧୁମେହ (diabetes) ପୀଡ଼ିତ ବ୍ୟକ୍ତି ସୁଗାର ଫ୍ରି ଚ୍ୟବନପ୍ରାଶ୍ ଖାଆନ୍ତୁ ।)




## ରୋଗପ୍ରତିରୋଧକ କ୍ଷମତା ବଢ଼ାଇବାର କିଛି ଅନ୍ୟ ଉପାୟ

(୧) ଧ୍ୟାନ ଓ ଜପ ଅନେକ ରୋଗରେ ଲାଭଦାୟୀ । ଏହାଦ୍ୱାରା ଔଷଧୀୟ ଉପଚ଼ାରର ଆବଶ୍ୟକତା କମ୍ ପଡ଼େ । ଧ୍ୟାନ ସମୟରେ ଅନେକ ପ୍ରକାର ସୁଖାନୁଭୂତିକାରକ ମସ୍ତିଷ୍କ-ରସାୟନ ତୁମର ତନ୍ତ୍ରିକା-କୋଶିକା (neurons)ମାନଙ୍କୁ ପରିପୁଷ୍ଟ କରନ୍ତି । ସେରୋଟୋନିନ୍, ଗାବା, ମେଲାଟୋନିନ୍ ଆଦି ମହତ୍ତ୍ୱପୂର୍ଣ୍ଣ ରସାୟନରେ ବୃଦ୍ଧି ହୋଇଯାଏ । ଏହାଦ୍ୱାରା ଦୁଶ୍ଚିନ୍ତା, ଅବସାଦ, ଅନିଦ୍ରା ଦୂରକୁ ଚାଲିଯାନ୍ତି ଓ ମନରେ ଆହ୍ଲାଦ, ପ୍ରସନ୍ନତା ଆଦି ସହଜରେ ବିକଶିତ ହୁଅନ୍ତି ।

ରୁଟଗର୍ସ ବିଶ୍ୱବିଦ୍ୟାଳୟ, ନ୍ୟୁଜର୍ସିର ବୈଜ୍ଞାନିକମାନେ ଜାଣିବାକୁ ପାଇଲେ ଯେ ଧ୍ୟାନର ଅଭ୍ୟାସକମାନଙ୍କଠାରେ ମେଲାଟୋନିନ୍‌ର ସ୍ତର ପ୍ରାୟ ୯୮% ବଢ଼ିଯାଏ । କାହା-କାହାଠାରେ ଏହାର ବୃଦ୍ଧି ୩୦୦%ରୁ ଅଧିକ ହୋଇଛି । ମେଲାଟୋନିନ୍‌ର କାର୍ଯ୍ୟ ହେଉଛି ଉତ୍ତେଜନା କମ୍ କରିବା, ସୁସ୍ଥ ନିଦ୍ରା, ରୋଗପ୍ରତିରୋଧକ ପ୍ରଣାଳୀକୁ ସକ୍ରିୟ କରିବା, କ୍ୟାନ୍‌ସର ତଥା ଅନ୍ୟ ଶାରୀରିକ-ମାନସିକ ରୋଗରୁ ରକ୍ଷା କରିବା ।

(୨) ଟମାଟର, ଫୁଲକୋବି, ଜୁଆଣୀ ଓ କମଳା ରୋଗପ୍ରତିକାରକ ଶକ୍ତି ବଢ଼ାନ୍ତି ଏଣୁ ଭୋଜନରେ ଏସବୁର ଉପଯୋଗ କର । ହଳଦୀ, ଜୀରା, ଡାଳଚ଼ିନି ଓ ଧନିଆର ଉପଯୋଗ କର । ପରିସ୍ଥିତିକୁ ଦେଖି ଅଳ୍ପ ମାତ୍ରାରେ ରସୁଣ ମଧ ପକାଇପାରନ୍ତି ।

(୩) ୧୫୦ ମି.ଲି. କ୍ଷୀରରେ ଅଧା ଛୋଟ ଚାମଚ୍ ହଳଦୀ ପକେଇ ତାକୁ ଫୁଟାଇ ଦିନରେ ୧-୨ ଥର ପିଅ ।

(୪) ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ପ୍ରାଶଦା ଟ୍ୟାବ୍‌ଲେଟ*, ବ୍ରାହ୍ମ ରସାୟନ*, ହୋମିଓ ତୁଳସୀ ଗୋଳି*, ତୁଳସୀ ଅର୍କ* (୧୦୦ ମି.ଲି. ପାଣିରେ ୧ରୁ ୫ ବୁନ୍ଦା ଆୟୁ ଓ ପ୍ରକୃତି ଅନୁସାରେ), ହୋମିଓ ପାଓ୍ୱାର କେୟାର* ଆଦିର ସେବନ ଲାଭଦାୟୀ ।




(ସଙ୍କଳକ : ଧର୍ମେନ୍ଦ୍ର ଗୁପ୍ତା)



# ସୁଖମୟ ଜୀବନର ଅନୁପମ ଯୁକ୍ତି

## ମହାମାରୀ, ରୋଗ ଓ ଦୁଃଖ ଶମନ ହେତୁ ମନ୍ତ୍ର

ଅଗ୍ନି ପୁରାଣରେ ମହର୍ଷି ପୁଷ୍କର ପର୍ଶୁରାମଙ୍କୁ କହୁଛନ୍ତି ଯେ ''ଯଜୁର୍ବେଦର ନିମ୍ନ ମନ୍ତ୍ରରେ ଦୂର୍ବା ଖଣ୍ଡର ୧୦ ହଜାର ଆହୁତି ଦେଇ ହେଉଥିବା (ଯଜ୍ଞରେ ଆହୁତି ଦେଉଥିବା ବ୍ୟକ୍ତି କିମ୍ବା ଯଜ୍ଞ କରାଉଥିବା ପୁରୋହିତ) ଗ୍ରାମ କିମ୍ବା ରାଷ୍ଟ୍ରରେ ବ୍ୟାପିଥିବା ମହାମାରୀକୁ ଶାନ୍ତ କରନ୍ତୁ । ଏହାଦ୍ୱାରା ରୋଗ-ପୀଡ଼ିତ ମନୁଷ୍ୟ ରୋଗରୁ ଓ ଦୁଃଖଗ୍ରସ୍ତ ମାନବ ଦୁଃଖରୁ ମୁକ୍ତି ପାଏ ।

କାଣ୍ଡାତ୍‌କାଣ୍ଡାତ୍‌ପ୍ରରୋହନ୍ତୀ ପରୁଷଃ ପରୁଷସ୍ପରି ।
ଏବା ନୋ ଦୂର୍ବେ ପ୍ରତନୁ ସହସ୍ରେଣ ଶତେନ ଚ ।।''
(ଯଜୁର୍ବେଦ : ଅଧ୍ୟାୟ ୧୩, ମନ୍ତ୍ର ୨୦)

## ବିଦ୍ୟାଲାଭ ଓ ଅଦ୍ଭୁତ ବିଦ୍ୱତ୍ତାର ପ୍ରାପ୍ତିର ଉପାୟ

'ଓଁ ଐଂ ହ୍ରୀଂ ଶ୍ରୀଂ କ୍ଲୀଂ ବାଗ୍‌ବାଦିନି ସରସ୍ୱତୀ ମମ ଜିହ୍ୱାଗ୍ରେ ବଦ ବଦ ଓଁ ଐଂ ହ୍ରୀଂ ଶ୍ରୀଂ କ୍ଲୀଂ ନମଃ ସ୍ୱାହା ।'

- ଏହି ମନ୍ତ୍ରକୁ ଚଳିତ ବର୍ଷ ଗୁଜରାଟ ଓ ମହାରାଷ୍ଟ୍ରକୁ ଛାଡ଼ି ସମଗ୍ର ଭାରତର ଲୋକ ଜୁନ୍ ୮ର ଦ୍ୱିପ୍ର. ୧.୪୫ରୁ ରାତ୍ରି ୧୧.୪୫ ପର୍ଯ୍ୟନ୍ତ ତଥା କେବଳ ଗୁଜରାଟ ଓ ମହାରାଷ୍ଟ୍ରର ଲୋକ ଜୁଲାଇ ୫ରେ ରାତ୍ରି ୧୧.୦୨ରୁ ୧୧.୪୫ ପର୍ଯ୍ୟନ୍ତ କିମ୍ବା ଜୁଲାଇ ୬ରେ ପ୍ରାତଃ ୩ରୁ ରାତ୍ରି ୧୧.୧୨ ପର୍ଯ୍ୟନ୍ତ ୧୦୮ ଥର ଜପ କରନ୍ତୁ ଏବଂ ମନ୍ତ୍ରଜପ ପରେ ସେହିଦିନ ରାତ୍ରି ୧୧ରୁ ୧୨ଟା ମଧ୍ୟରେ ଜିଭରେ ଲାଲ ଚନ୍ଦନରେ 'ହ୍ରୀଂ' ମନ୍ତ୍ର ଲେଖନ୍ତୁ । ଯାହାର ଜିଭରେ ଉକ୍ତ ମନ୍ତ୍ର ଏହି ବିଧିରେ ଲେଖାଯିବ ତାକୁ ବିଦ୍ୟାଲାଭ ଓ ଅଦ୍ଭୁତ ବିଦ୍ୱତାର ପ୍ରାପ୍ତି ହେବ ।

## କରଜ-ନିବାରକ ଉପାୟ

ପ୍ରଦୋଷ ବ୍ରତ ମଙ୍ଗଳବାର ଦିନ ପଡ଼ିଲେ ତାକୁ 'ଭୌମ ପ୍ରଦୋଷ ବ୍ରତ' କହନ୍ତି । ମଙ୍ଗଳଦେବ ଋଣହର୍ତ୍ତା ହୋଇଥିବାରୁ କରଜ-ନିବାରଣ ପାଇଁ ଏହି ବ୍ରତ ବିଶେଷ ଫଳଦାୟୀ । ଭୌମ ପ୍ରଦୋଷ ବ୍ରତ ଦିନ ସନ୍ଧ୍ୟା ସମୟରେ ଭଗବାନ ଶିବ ଓ ସଦ୍‌ଗୁରୁଦେବଙ୍କର ପୂଜନ କଲେ ତାଙ୍କର କୃପାରୁ ଶୀଘ୍ର କରଜରୁ ମୁକ୍ତ ହୋଇଯାନ୍ତି । ପୂଜା କରିବା ସମୟରେ ଏହି ମନ୍ତ୍ର ପାଠ କରନ୍ତୁ :

ମୃତ୍ୟୁଞ୍ଜୟ ମହାଦେବ ତ୍ରାହି ମାଂ ଶରଣାଗତମ୍ ।।
ଜନ୍ମମୃତ୍ୟୁଜରାବ୍ୟାଧିପୀଡ଼ିତଂ କର୍ମବନ୍ଧନୈଃ ।।

ଏହି ଦୈବୀ ସହାୟତା ସହିତ ନିଜେ ମଧ୍ୟ ଟିକିଏ ପୁରୁଷାର୍ଥ କରନ୍ତୁ ।

(ଚଳିତ ବର୍ଷ 'ଭୌମ ପ୍ରଦୋଷ ବ୍ରତ' ମଇ ୫ ଓ ୧୯ ତଥା ସେପ୍ଟେମ୍ବର ୧୫ ଓ ୨୯ରେ ଅଛି ।)

## ସୁଖ-ଶାନ୍ତି ଓ ଧନବୃଦ୍ଧି ହେତୁ

ଶ୍ୱେତ ପଳାଶର ଗୋଟିଏ କିମ୍ବା ଅଧିକ ପୁଷ୍ପକୁ କୌଣସି ଶୁଭ ମୁହୂର୍ତ୍ତରେ ଆଣି ଟଙ୍କା ରଖୁଥିବା ବାକ୍ସରେ ସୁରକ୍ଷିତ ରଖିଲେ ସେହି ଘରେ ସୁଖ-ଶାନ୍ତି ରହେ, ଧନ-ଆଗମନରେ ଖୁବ୍ ବୃଦ୍ଧି ହୁଏ ।

## ସଙ୍କଟନାଶକ ମନ୍ତ୍ରରାଜ

ନୃସିଂହ ଭଗବାନଙ୍କର ସ୍ମରଣ କରିବା ଦ୍ୱାରା ମହାନ୍ ସଙ୍କଟର ନିବୃତ୍ତି ହୁଏ । ଯେତେବେଳେ କାହାକୁ ଭୟାନକ ବିପଦ ଘେରିଯାଏ କିମ୍ବା ବଡ଼ ଅନିଷ୍ଟର ଆଶଙ୍କା ହୁଏ ସେତେବେଳେ ସେ ଭଗବାନ ନୃସିଂହଙ୍କର ଏହି ମନ୍ତ୍ରର ଅଧିକାଧିକ ଜପ କରିବା ଉଚିତ :

ଓଁ ଉଗ୍ରଂ ବୀରଂ ମହାବିଷ୍ଣୁଂ ଜ୍ୱଳନ୍ତଂ ସର୍ବତୋମୁଖମ୍ ।
ନୃସିଂହଂ ଭୀଷଣଂ ଭଦ୍ରଂ ମୃତ୍ୟୁମୃତ୍ୟୁଂ ନମାମ୍ୟହମ୍ ।।

ପୂଜ୍ୟ ବାପୁଜୀଙ୍କର ସତ୍‌ସଙ୍ଗରେ ଅଛି ଯେ 'ଏହି ବିଶିଷ୍ଟ ମନ୍ତ୍ରର ଜପ ଓ ଉଚ୍ଚାରଣ ଦ୍ୱାରା ସଙ୍କଟର ନିବୃତ୍ତି ହୁଏ ।''

## ତେବେ କଳ୍ପନାତୀତ ମେଧାଶକ୍ତି ବଢ଼ିବ - ପୂଜ୍ୟ ବାପୁଜୀ

ନାରଦ ପୁରାଣ ଅନୁସାରେ ସୂର୍ଯ୍ୟପରାଗ ଓ ଚନ୍ଦ୍ରଗ୍ରହଣ ସମୟରେ ଉପବାସ ରହି ବ୍ରାହ୍ମୀ ଘୃତକୁ ଆଙ୍ଗୁଳିରେ ସ୍ପର୍ଶ କର ଏବଂ ତାକୁ ଦେଖି ଦେଖି **'ଓଁ ନମୋ ନାରାୟଣାୟ ।'** ମନ୍ତ୍ରର ୮୦୦୦ ଥର (୮୦ ମାଳା) ଜପ କର । ଟିକିଏ ଶାନ୍ତ ହୋଇ ବସ । ଗ୍ରହଣ-ସମାପ୍ତି ପରେ ସ୍ନାନ କରି ଘିଅକୁ ପାନ କଲେ ବୁଦ୍ଧି ବିଲକ୍ଷଣ ଢଙ୍ଗରେ ଚମକିବ, ବୁଦ୍ଧିଶକ୍ତି ବଢ଼ିବ, କଳ୍ପନାତୀତ ମେଧାଶକ୍ତି, କବିତ୍ୱଶକ୍ତି ଓ ବାକ୍‌ସିଦ୍ଧି ପ୍ରାପ୍ତ ହୋଇଯିବ ।''

## ସୁସ୍ଥ ବିଚ଼ାର କର, ସୁସ୍ଥ ରୁହ

- ପୂଜ୍ୟ ବାପୁଜୀ

ତୁମର ମନ ଯେପରି ବିଚ଼ାର କରେ, ଶରୀରରେ ସେପରି କଣ ସୃଷ୍ଟି ହେବାରେ ଲାଗନ୍ତି । ଶୋକ ଓ ରୋଗ ସମୟରେ ଶୋକ ଓ ରୋଗର ଚିନ୍ତନ କର ନାହିଁ ବରଂ ତୁମେ ଦୃଢ଼ ନିର୍ଣ୍ଣୟ କର ଯେ 'ମୁଁ ସୁସ୍ଥ ଅଟେ, ନିରୋଗ ଅଟେ... ମୁଁ ସମ୍ପୂର୍ଣ୍ଣ ସୁସ୍ଥ ହେଉଛି, ମୁଁ ପ୍ରସନ୍ନ ହେଉଛି ଏବଂ ମୋର ସହାୟକ ଈଶ୍ୱର ଅଟନ୍ତି, ସଦ୍‌ଗୁରୁ ଅଟନ୍ତି, ମୁଁ କାହିଁକି ଡରିବି !' ତେବେ ତୁମର ସେହିପରି ସ୍ୱାସ୍ଥ୍ୟପ୍ରଦ, ଅମୃତମୟ ହିତକାରୀ କଣ ସୃଷ୍ଟି ହେବାରେ ଲାଗିବେ ।

ଯିଏ ଖୁସି ରହେ, ପ୍ରସନ୍ନ ରହେ ତାର ରୋଗର ବିଷ ମଧ ନଷ୍ଟ ହେବାରେ ଲାଗେ, ତାର ସ୍ୱାସ୍ଥ୍ୟର କଣ ସୃଷ୍ଟି ହେବାରେ ଲାଗନ୍ତି ଏବଂ ଯିଏ ଟିକିଏ-ଟିକିଏ କଥାରେ ଦୁଃଖୀ, ଚିନ୍ତିତ, ଭୟଭୀତ ହୋଇଯାଏ ତଥା ରୋଗର ଚିନ୍ତନରେ ବୁଡ଼ି ରହେ, ତାର ଶରୀରରେ ରୋଗର କଣ ସୃଷ୍ଟି ହେବାରେ ଲାଗନ୍ତି । ଏଥିପାଇଁ ତୁମେ ସୁସ୍ଥ ରୁହ, ପ୍ରସନ୍ନ ରୁହ ଓ ଶରୀରର ରୋଗ ମନଠାରେ ପହଞ୍ଚିବାକୁ ଦିଅ ନାହିଁ, ମନର ରୋଗ, ମନର ଦୁଃଖ ବୁଦ୍ଧିଠାରେ ପହଞ୍ଚିବାକୁ ଦିଅ ନାହିଁ ଏବଂ ବୁଦ୍ଧିର ରାଗ-ଦ୍ୱେଷ 'ସ୍ୱ'ଠାରେ ପହଞ୍ଚିବାକୁ ଦିଅ ନାହିଁ । 'ସ୍ୱ'କୁ ସର୍ବଦା ସୁସ୍ଥ ରଖ ।

## ଏସବୁ ତିଥିର ଲାଭ ନେବାକୁ ଭୁଲନ୍ତୁ ନାହିଁ

**ମଇ ୧୪ :** ବିଷ୍ଣୁପଦୀ ସଂକ୍ରାନ୍ତି (ପୁଣ୍ୟକାଳ : ସକାଳ ୧୦.୫୩ରୁ ସନ୍ଧ୍ୟା ୫.୧୭) (ଜପ, ଧ୍ୟାନ ଓ ପୁଣ୍ୟକର୍ମର ଲକ୍ଷେ ଗୁଣା ଫଳ)

**ମଇ ୧୮ :** ଅପରା ଏକାଦଶୀ (ବ୍ରତ ଦ୍ୱାରା ଖୁବ୍ ପୁଣ୍ୟପ୍ରାପ୍ତି ଓ ବଡ଼-ବଡ଼ ପାତକର ନାଶ)

**ମଇ ୨୬ :** ମଙ୍ଗଳବାରୀ ଚତୁର୍ଥୀ (ସୂର୍ଯ୍ୟୋଦୟରୁ ରାତ୍ରି ୧.୦୯)

**ମଇ ୨୮ :** ଗୁରୁ ପୁଷ୍ୟାମୃତ ଯୋଗ (ସୂର୍ଯ୍ୟୋଦୟରୁ ସକାଳ ୭.୨୭) (ଧ୍ୟାନ, ଜପ, ଦାନ, ପୁଣ୍ୟ ମହାଫଳଦାୟୀ)

**ଜୁନ୍ ୨ :** ନିର୍ଜଳା ଏକଦଶୀ (ବ୍ରତ ଦ୍ୱାରା ଅଧିକ ମାସ ସହିତ ୨୬ଟି ଏକାଦଶୀ ବ୍ରତର ଫଳନ୍ତ ସ୍ନାନ, ଦାନ, ଜପ, ହୋମ ଆଦି ଅକ୍ଷୟ ଫଳଦାୟୀ)

**ଜୁନ୍ ୮ :** ବିଦ୍ୟାଲାଭ ଯୋଗ (ଗୁଜରାଟ-ମହାରାଷ୍ଟ୍ର ଛାଡ଼ି ସମଗ୍ର ଭାରତରେ)

**ଜୁନ୍ ୯ :** ମଙ୍ଗଳବାରୀ ଚତୁର୍ଥୀ (ସୂର୍ଯ୍ୟୋଦୟରୁ ରାତ୍ରି ୭.୩୯)

**ଜୁନ୍ ୧୪ :** ଷଡ଼ଶୀତି ସଂକ୍ରାନ୍ତି (ପୁଣ୍ୟକାଳ : ଦ୍ୱିପ୍ର. ୧୨.୩୯ରୁ ସୂର୍ଯ୍ୟାସ୍ତ) (ଧ୍ୟାନ, ଜପ ଓ ପୁଣ୍ୟକର୍ମର ଫଳ ୮୬,୦୦୦ ଗୁଣା)

**ଜୁନ୍ ୧୭ :** ଯୋଗିନୀ ଏକାଦଶୀ (ମହାପାପକୁ ଶାନ୍ତ କରି ମହାନ୍ ପୁଣ୍ୟ ପ୍ରଦାୟକ ତଥା ୮୮୦୦୦ ବ୍ରାହ୍ମଣଙ୍କୁ ଭୋଜନ କରାଇବାର ଫଳ ପ୍ରଦାନକାରୀ ବ୍ରତ)

**ଜୁନ୍ ୨୦ :** ଦକ୍ଷିଣାୟନ ଆରମ୍ଭ (ପୁଣ୍ୟକାଳ : ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ) (ଧ୍ୟାନ, ଜପ ଓ ପୁଣ୍ୟକର୍ମ କୋଟ-କୋଟି ଗୁଣା ଅଧିକ ଓ ଅକ୍ଷୟ ଫଳଦାୟୀ)

**ଜୁନ୍ ୨୧ :** କଙ୍କଣାକୃତି ଓ ଖଣ୍ଡଗ୍ରାସ ସୂର୍ଯ୍ୟପରାଗ (ପଢ଼ନ୍ତୁ ପୃଷ୍ଠା ୩୫)




**ପ୍ରଶ୍ନ :** ସଂସାର କେଉଁମାନଙ୍କ ପାଇଁ ନର୍କ ଏବଂ କେଉଁମାନଙ୍କ ପାଇଁ ଭଗବନ୍ମୟ ?

**ପୂଜ୍ୟ ବାପୁଜୀ :** ଯେଉଁମାନେ ସଂସାରରୁ ସୁଖ ନେବାକୁ ଚାହାନ୍ତି ସେମାନଙ୍କ ପାଇଁ ସଂସାର ନର୍କ ଅଟେ । ବ୍ୟକ୍ତି ଯେତିକି ଜଗତର ସୁଖ ନେବ ସେତିକି ତାର ନାରକୀୟ ସ୍ୱଭାବ ବଢ଼ିବ । ଚିଡ଼ିଚିଡ଼ା, ପାଗଳ, ଭୟାଳୁ, କ୍ରୋଧୀ ହୋଇଯିବ । ୟୁରୋପରେ, ଆମେରିକାରେ ଲୋକ ଅଧିକ ଚିଡ଼ିଚିଡ଼ା, କ୍ରୋଧୀ ଅଟନ୍ତି କାରଣ ଜଗତର ମଜା ନିଅନ୍ତି ଆଉ ଏପଟେ ଭାରତରେ ଲୋକ ଅଧିକ ଖୁସି ମିଳିବେ କାରଣ ନିଜ ଆତ୍ମାର ମଜା ନିଅନ୍ତି । ଯେଉଁମାନେ ନିଜେ-ନିଜଠାରେ ତୃପ୍ତ ସେମାନଙ୍କ ପାଇଁ ସଂସାର ଭଗବନ୍ମୟ, ବ୍ରହ୍ମର ବିବର୍ତ୍ତ ଅଟେ । ଯେଉଁମାନେ ନିଜ 'ସୋଽହମ୍' ସ୍ୱଭାବରେ ଜାଗ୍ରତ ହୁଅନ୍ତି ସେମାନଙ୍କ ପାଇଁ ସଂସାର ବ୍ରହ୍ମର ବିବର୍ତ୍ତ । ବିବର୍ତ୍ତ କିପରି ? ଯେପରି ରଶିରେ ସର୍ପ ଦେଖାଯାଏ କିନ୍ତୁ ବିବର୍ତ୍ତ (ମିଥ୍ୟା ପ୍ରତୀତି) ଅଟେ, ଶାମୁକାରେ ରୁପା ବିବର୍ତ୍ତ ଅଟେ, ମରୁଭୂମିରେ ପାଣି ଦେଖାଯାଏ କିନ୍ତୁ ତାହା ବିବର୍ତ୍ତ ଅଟେ ସେହିପରି ବ୍ରହ୍ମରେ ଜଗତ ବିବର୍ତ୍ତ ଅଟେ । ଯେପରି ମରୁଭୂମିର ଆଧାରରେ ପାଣି, ରଶିର ଆଧାରରେ ସର୍ପ ଦେଖାଯାଏ ସେହିପରି ବ୍ରହ୍ମର ଆଧାରରେ ହିଁ ଜଗତ ଦେଖାଯାଏ । ଗଭୀର ଭାବେ ଦେଖିଲେ ରଶି ଓ ଦୂରରୁ ଦେଖିଲେ ସର୍ପ... ଏବଂ ସେହି ସାପ ସାପୁଆକେଳା ପାଇଁ ଜୀବନ ନିର୍ବାହର ସାଧନ ହେବ ଏବଂ ଭୟାଳୁ ପାଇଁ ସମସ୍ୟା ଅଟେ । ବାସ୍ତବରେ ତାହା ନା ଜୀବିକାର୍ଜନର ସାଧନ ନା ସମସ୍ୟା ଅଟେ, ତାହା ତ ରଶି ଅଟେ । ସେହିପରି ନା ସୁଖ ଅଛି ନା ଦୁଃଖ ଅଛି, ତାହା ତ ଆନନ୍ଦସ୍ୱରୂପ ବ୍ରହ୍ମ ଅଟେ କିନ୍ତୁ ମୂର୍ଖମାନେ ଜାଣିପାରନ୍ତି ନାହିଁ ଏଥିପାଇଁ ପୁତ୍ର (ଶିଷ୍ୟ) ହୋଇ ମରିଯାନ୍ତି ଏବଂ ଯେଉଁମାନେ ଜାଣିଯାନ୍ତି ସଦ୍‌ଗୁରୁଙ୍କର କୃପାରୁ, ସେମାନେ ବାପୁଜୀ (ଗୁରୁ) ହୋଇ ତରିଯାନ୍ତି ଏବଂ ଅନ୍ୟମାନଙ୍କୁ ମଧ୍ୟ ପାର କରାନ୍ତି । ଏପରି ଜ୍ଞାନ ସବୁ ସ୍ଥାନରେ ମିଳିବ ନାହିଁ ।

**ପ୍ରଶ୍ନ :** କିଏ ଉନ୍ନତ ହୁଏ ଏବଂ କାହାର ପତନ ହୁଏ ?

**ପୂଜ୍ୟଶ୍ରୀ :** ଯେଉଁମାନେ ପ୍ରସନ୍ନ, ଉଦାର ସେମାନେ ଉନ୍ନତ ହୁଅନ୍ତି ଏବଂ ଯେଉଁମାନେ ଖିନ୍ନ, ଅଭିଯୋଗୀ ସେମାନଙ୍କର ଅବନତି ହୁଏ, ପତନ ହୁଏ । ଦୁଃଖ ଆସିଲେ ମଧ୍ୟ ଅଭିଯୋଗ କାହିଁକି କରିବ ! ଦୁଃଖ ଆସିଛି ଆସକ୍ତି ଛଡ଼ାଇବା ପାଇଁ ଓ ସୁଖ ଆସିଛି ଅନ୍ୟମାନଙ୍କର କାମରେ ଆସିବା ପାଇଁ । ସୁଖ ଆସିଲେ ଅନ୍ୟମାନଙ୍କର କାମରେ ଆସ ଏବଂ ଦୁଃଖ ଆସିଲେ ସଂସାରର ଆସକ୍ତି ଛାଡ଼ ଆଉ ଏହା ସମସ୍ତଙ୍କର ଜୀବନରେ ଆସନ୍ତି । ଦୁଃଖର ସଦୁପଯୋଗ କର, ଆସକ୍ତି ଛାଡ଼ । ସୁଖର ସଦୁପଯୋଗ କର, ବହୁ ଜନ ହିତରେ ଆସ । ବହୁ ଜନ ହିତାୟ ତୁମର ସୁଖ, ତୁମର ସାମର୍ଥ୍ୟ ଆସିଲେ ତୁମେ ଯଶସ୍ୱୀ ମଧ୍ୟ ହୋଇଯିବ ଏବଂ ଉନ୍ନତ ମଧ୍ୟ ହୋଇଯିବ । ଏକ୍‌ଦମ ବେଦର, ଶାସ୍ତ୍ରର ଜ୍ଞାନର ସାରାଂଶ କହୁଛି ତୁମକୁ ! ଅଧ୍ୟୟନ କରିବାକୁ ଗଲେ କେତେ ବର୍ଷ ଲାଗିଯିବ ତେବେବି କେଉଁଠାରେ ତୁମକୁ ଏହି କଥା ମିଳିପାରେ କିମ୍ବା ନ ମିଳିପାରେ । ତେଣୁ ସତ୍‌ସଙ୍ଗରେ ପ୍ରସ୍ତୁତ ମାଲ୍ ମିଳୁଛି । ନିଜେ-ନିଜେ ତପସ୍ୟା କରିବ ତାପରେ ଏହି କଥା ବୁଝିବ ପୁଣି ଚିନ୍ତନ କରିବ ତ ଅନେକ ବର୍ଷ ଲାଗିଯିବ... ଏବଂ ସତ୍‌ସଙ୍ଗରୁ ଏହି ଜ୍ଞାନ ବୁଝି ବିଚାର କରିବ ତ ସିଧା ସହଜରେ ବଡ଼ ଭାରି ଲାଭ !

## ଅମୃତବିନ୍ଦୁ - ପୂଜ୍ୟ ବାପୁଜୀ

ଯଜ୍ଞ, ବ୍ରତ, ତପ, ତୀର୍ଥ ଆଦି ବହିରଙ୍ଗ ସାଧନ ଅଟନ୍ତି । ଜପ, ସ୍ମରଣ, ଧ୍ୟାନ- ଏସବୁ ଅନ୍ତରଙ୍ଗ ସାଧନ, ଅନ୍ତରାତ୍ମାର ନିକଟବର୍ତ୍ତୀ ଅଟନ୍ତି । ଆଉ ଆତ୍ମବିଚାର ଆଗରେ ଏସବୁ ସାଧନ ମଧ୍ୟ ବହିରଙ୍ଗ ଅଟନ୍ତି, ଆତ୍ମବିଚାର ଆହୁରି ଅଧିକ ଅନ୍ତରଙ୍ଗ ଅଟେ । ଅବିଦ୍ୟାର ନାଶ ଆତ୍ମବିଚାରରୁ ହିଁ ହୁଏ ।

## ପ୍ରତ୍ୟେକ ଢୋକରେ ମଧୁରତା ଓ ଶକ୍ତିର ଅନୁଭବ

# ସ୍ୱାସ୍ଥ୍ୟବର୍ଦ୍ଧକ ଓ ପୌଷ୍ଟିକ ସରବତ ଏବଂ ପେୟ




## ପଳାଶ ସରବତ

ଏହାର ସେବନ ଦ୍ୱାରା ତୁରନ୍ତ ଶୀତଳତା ଓ ସ୍ଫୂର୍ତ୍ତି ଆସେ । ପିତ୍ତଜନ୍ୟ ରୋଗ (ଜ୍ୱଳନ, ତୃଷ୍ଣା ଆଦି) ଶାନ୍ତ ହୋଇଯାଏ । ଗର୍ମୀ ସହିବାର ଶକ୍ତି ମିଳେ ତଥା ଅନେକ ପ୍ରକାର ଚର୍ମରୋଗରେ ଲାଭ ହୁଏ । ଏହା ମୂତ୍ରସମ୍ବନ୍ଧୀୟ ବିକାରରେ ମଧ୍ୟ ଲାଭଦାୟୀ । ପଳାଶ 'ରସାୟନ' ଅର୍ଥାତ୍ ବାର୍ଦ୍ଧକ୍ୟ ଓ ସେଥିରୁ ଉତ୍ପନ୍ନ ରୋଗକୁ ଦୂରେଇ ରଖେ ତଥା ନେତ୍ରଜ୍ୟୋତି ଓ ବୁଦ୍ଧି ବର୍ଦ୍ଧକ ଅଟେ ।




## ଗୋଲାପ ସରବତ

ଏହା ସୁମଧୁର ଓ ସ୍ୱାଦିଷ୍ଟ ହେବା ସଙ୍ଗେ-ସଙ୍ଗେ ଶାରୀରିକ ଓ ମାନସିକ କ୍ଳାନ୍ତିକୁ ଦୂର କରେ । ତୃଷ୍ଣାର ଅଧିକତା, ଅନ୍ତର୍ଦାହ, ଚିତ୍ତର ଅସ୍ଥିରତା, ନେତ୍ର ଓ ପରିସ୍ରାର ଜ୍ୱଳନ ଆଦି ବିକାରରେ ମଧ୍ୟ ଏହା ଲାଭଦାୟକ ।




## ମ୍ୟାଙ୍ଗୋ ଓଜ

ଆମ୍ବ ରସରୁ ସପ୍ତଧାତୁର ବୃଦ୍ଧି ହୁଏ । ଏହା ଉତ୍ତମ ହୃଦୟପୋଷକ ଅଟେ । ବୀର୍ଯ୍ୟର ଶୁଦ୍ଧି ଓ ବୃଦ୍ଧି କରେ ତଥା ଆଳସ୍ୟକୁ ଦୂର କରେ । ଏହା ମୂତ୍ର ନିଷ୍କାସକ ଅଟେ । କିଡ୍‌ନୀ ଓ ମୂତ୍ରାଶୟ ପାଇଁ ଶକ୍ତିଦାୟକ । ଦୁର୍ବଳ-ପତଳା ଓ ବୃଦ୍ଧ ବ୍ୟକ୍ତିଙ୍କୁ ପୁଷ୍ଟ କରିବା ପାଇଁ ଏହା ଉତ୍ତମ ପେୟ ।




## ସପୁରୀପଣସ ପେୟ

ଏହା ପିତ୍ତ-ବିକାର, କାମଳ, ଗଳା ଓ ମୂତ୍ର-ସଂସ୍ଥାନର ରୋଗରେ ଲାଭଦାୟକ । ଏହା ଦ୍ୱାରା ରୋଗପ୍ରତିରୋଧକ କ୍ଷମତା, ପାଚନଶକ୍ତି ତଥା ନେତ୍ରଜ୍ୟୋତି ବଢ଼େ । ଏହା ଅସ୍ଥିକୁ ମଜବୁତ ତଥା ଶରୀରକୁ ଶକ୍ତି ପ୍ରଦାନ କରେ ।




## ଲିଚୁ ପେୟ

ଏହା ଦୁର୍ବଳତା ଦୂର କରି ଶରୀରକୁ ପୁଷ୍ଟ କରେ । ହୃଦୟ ପାଇଁ ହିତକର ଓ ପାଚନକ୍ରିୟାକୁ ମଜବୁତ କରେ । ଉତ୍ତମ ସ୍ୱାସ୍ଥ୍ୟ ହେତୁ ଏହା ସ୍ୱାଦିଷ୍ଟ ଓ ଶୀତଳତାପ୍ରଦ ମିଶ୍ରଣ ଅଟେ ।




## ସେଓ ପେୟ

ପରିପୁଷ୍ଟ ସେଓଫଳର ଚୟନ କରି ଆପଣଙ୍କର ଉତ୍ତମ ସ୍ୱାସ୍ଥ୍ୟ ହେତୁ ପୋଷଣ ଓ ସ୍ୱାଦରେ ଭରପୂର ଏହା ଅନୁପମ ମିଶ୍ରଣ । କଥିତ ଅଛି : 'ପ୍ରତିଦିନ ଏକ ସେଓଫଳ ଖାଅ ଏବଂ ଡାକ୍ତରକୁ ଦୂରେଇ ଦିଅ ।'




**ଦୀର୍ଘାୟୁ ଓ ଯୌବନ ପ୍ରଦାତା, ବିବିଧ ରୋଗରେ ଲାଭଦାୟୀ**

## ଅଁଳା ରସ

ଅଁଳା ରସ ବୀର୍ଯ୍ୟବର୍ଦ୍ଧକ, ତ୍ରିଦୋଷଶାମକ ଓ ଗର୍ମୀଶାମକ ଅଟେ । ଏହା ଦୀର୍ଘାୟୁ ତଥା ଯୌବନ ପ୍ରଦାନ କରେ, କାନ୍ତି ଓ ନେତ୍ରଜ୍ୟୋତି ବଢ଼ାଏ, ପାଚନତନ୍ତ୍ରକୁ ମଜବୁତୀ ଦିଏ । ଏହାର ସେବନ ଦ୍ୱାରା ସ୍ଫୂର୍ତ୍ତି, ଶୀତଳତା ଓ ସତେଜତା ଆସେ । ହୃଦୟ ଓ ମସ୍ତିଷ୍କକୁ ଶକ୍ତି ମିଳେ । ନେତ୍ର ଓ ପରିସ୍ରାର ଜ୍ୱଳନ, ଅମ୍ଳପିତ୍ତ (hyperacidity), ଶ୍ୱେତପ୍ରଦର, ରକ୍ତପ୍ରଦର, ଅର୍ଶ ଆଦି ପିତ୍ତଜନ୍ୟ ଅନେକ ବିକାରରେ ଲାଭ ହୁଏ । ଅସ୍ଥି, ଦାନ୍ତ ଓ କେଶର ମୂଳ ମଜବୁତ ରହେ ଏବଂ କେଶ କଳା ହୁଏ ।

wt. = net weight

ଉପରୋକ୍ତ ସାମଗ୍ରୀ ଆପଣ ନିକଟସ୍ଥ ସନ୍ତ ଶ୍ରୀ ଆଶାରାମଜୀ ଆଶ୍ରମର ସମିତିମାନଙ୍କର ସେବାକେନ୍ଦ୍ରରୁ ପ୍ରାପ୍ତ କରିପାରିବେ । ଅନ୍ୟାନ୍ୟ ସାମଗ୍ରୀ ଓ ସେଗୁଡ଼ିକର ବିସ୍ତୃତ ଲାଭ ଆଦିର ବିବରଣୀ ପାଇଁ ଏବଂ ଘରେ ବସି ସାମଗ୍ରୀ ପ୍ରାପ୍ତ କରିବା ନିମନ୍ତେ ଗୁଗଲ ପ୍ଲେ ଷ୍ଟୋରରୁ ଡାଉନ୍‌ଲୋଡ୍ କରନ୍ତୁ :"Ashram eStore" App ଅଥବା ଭିଜିଟ୍ କରନ୍ତୁ : www.ashramestore.com ରେଜିଷ୍ଟାର୍ଡ଼ ପୋଷ୍ଟରେ ମଗାଇବା ପାଇଁ ସମ୍ପର୍କ : (୦୭୯) ୩୯୮୭୭୭୩୦, ଇ-ମେଲ୍ : contact@ashramestore.com

# ବିଶ୍ୱ ମହିଳା ଦିବସରେ ପ୍ରକଟ ହେଲା ପୂଜ୍ୟ ବାପୁଜୀଙ୍କର କାରାମୁକ୍ତି ହେତୁ ନାରୀ-ଶକ୍ତିର ବିଶାଳ ସମର୍ଥନ

## ଜ୍ଞାପନ, ସଂସ୍କୃତି ରକ୍ଷା ଯାତ୍ରା ଦ୍ୱାରା କରାଗଲା ଅଭିବ୍ୟକ୍ତି

RNP No. GAMC-1627/2020-22
(Issued by SSPOs Ahd, valid upto 31-12-2022)
Licence to Post without Pre-payment.
WPP No. 11/20-22
(Issued by CPMG UK. valid upto 31-12-2022)
RNI No. GUJORI/2007/19904
Posting at Dehradun G.P.O. between
11th to 17th of every month.
Date of Publication: 1st May 2020







## ପୂର୍ବ ମାସରେ ଅନୁଷ୍ଠିତ ଋଷି ପ୍ରସାଦ ସମ୍ମିଳନୀ ଓ ସଦସ୍ୟତା ଅଭିଯାନର କିଛି ଦୃଶ୍ୟ




ସ୍ଥାନାଭାବରୁ ସମସ୍ତ ଫଟୋ ସ୍ଥାନିତ ହୋଇପାରି ନାହିଁ । ଅନ୍ୟାନ୍ୟ ଫଟୋ ପାଇଁ ଦେଖନ୍ତୁ ୱେବସାଇଟ୍ www.ashram.org/sewa
ଆଶ୍ରମ, ସମିତି ଏବଂ ସାଧକ ପରିବାର ନିଜ ସେବାକାର୍ଯ୍ୟର ଫଟୋ sewa@ashram.org ରେ ଇ-ମେଲ୍ କରନ୍ତୁ ।